ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, February 16/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 84 ମୂଲ୍ୟ ₹୭/-




KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ | Bhubaneswar, Thursday, February 16/2023

# ୧୫ ଦିନରେ ୧,୯୩୯ ଜଙ୍ଗଲ ନିଆଁ

## ଶିମିଳିପାଳରେ କୋର୍ ଏରିଆକୁ ମାଡ଼ି ଚାଲିଛି

***ପ୍ରତିବର୍ଷ ନଭେମ୍ବରରୁ ଜୁନ୍ ମଧ୍ୟରେ ଘଟୁଥିବା ବନାଗ୍ନି ଓଡ଼ିଶାର ଜଙ୍ଗଲ ଅବକ୍ଷୟ ପ୍ରମୁଖ କାରଣ ସାଜିଛି। ବିଶେଷକରି ଫେବୃୟାରୀରେ ତାତି ବଢ଼ିବା ସାଙ୍ଗକୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ମଧ୍ୟ ବୃଦ୍ଧି ପାଉଛି। ଭାରତୀୟ ବନ ସର୍ବେକ୍ଷଣ (ଏଫ୍ଏସ୍ଆଇ)ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ଗତ ଫେବୃୟାରୀ ୧ରୁ ୧୫ ଭିତରେ ୧,୯୩୯ଟି ବନାଗ୍ନି ଚିହ୍ନଟ ହୋଇଛି। ତେବେ ସବୁଠୁ ଚିନ୍ତାଜନକ ହୋଇଛି ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ। ଏହା ୨ କି.ମି. ଅଞ୍ଚଳକୁ ପରିବ୍ୟାପ୍ତ ହୋଇ କୋର୍ ଏରିଆକୁ ମାଡ଼ିଚାଲିଛି। ୨୦୨୧ର ବନାଗ୍ନିରେ ଶିମିଳିପାଳ ଛାରଖାର ହୋଇଯାଇଥିବାବେଳେ ଏବେ ପୁଣି ଲାଗିଥିବା ନିଆଁ ଯୋଗୁ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ବିପଦରେ ପଡ଼ିଛନ୍ତି।***

**ଭୁବନେଶ୍ୱର(ବ୍ୟୁରୋ)/ବାରିପଦା ଅଫିସ/ଉଦଳା,୧୫।୨(ଡି.ଏନ.ଏ.)**

ପ୍ରତିବର୍ଷ ଖରାଦିନ ଆସିଲେ ଜଙ୍ଗଲରେ ନିଆଁ ଲାଗୁଛି। କିଛି ସ୍ଥାନରେ ସ୍ୱାଭାବିକ କାରଣରୁ ନିଆଁ ଲାଗିଥାଏ, ଆଉ କିଛି ସ୍ଥାନରେ ମନୁଷ୍ୟକୃତ୍ୟ। ତେବେ ଏହାକୁ ମୁକାବିଲା କରିବା ପାଇଁ ବନ ବିଭାଗ ବିଭିନ୍ନ ପଦକ୍ଷେପ ନିଏ। ତଥାପି ଜଙ୍ଗଲ ନିଆଁ ରୋକିବାରେ ଏ ପର୍ଯ୍ୟନ୍ତ ସରକାର ସଫଳ ହୋଇପାରିନାହାନ୍ତି। ଚଳିତବର୍ଷ ବଢୁଥିବା ତାପମାତ୍ରା ଏବଂ ଦୀର୍ଘଦିନ ହେବ ବର୍ଷା ହୋଇ ନ ଥିବାରୁ ରାଜ୍ୟର ଅଧିକ ସ୍ଥାନରେ ନିଆଁ ଲାଗିବା ଆଶଙ୍କା ରହିଥିବା ବନ ବିଭାଗ କହୁଛି। କାରଣ



ନିଆଁ ଲାଗି ଶିମିଳିପାଳ ଜଙ୍ଗଲ ଜଳୁଛି।

### ବିପଦରେ ବନ୍ୟପ୍ରାଣୀ

ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ବିଭିନ୍ନ ସ୍ଥାନରେ ନିଆଁ ଲାଗିବା ଆରମ୍ଭ ହୋଇଗଲାଣି। ଫେବୃୟାରୀରେ ଏତେ ମାତ୍ରାରେ ନିଆଁ ଲାଗିଲାଣି ଯେ ଆଗକୁ ଜଙ୍ଗଲ ନିଆଁ ଆୟତ୍ତ କରିବା ସରକାରଙ୍କ ପାଇଁ ଆହ୍ୱାନ ହେବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରୁଛନ୍ତି। ଏଭଳିସ୍ଥଳେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପାଇଁ ଏବେ ବିପଦ ସାଜିଛି ଜଙ୍ଗଲ ନିଆଁ।

୨୦୨୧ରେ ଶିମିଳିପାଳ ଅଭୟାରଣ୍ୟରେ ଭୟାବହ ଅଗ୍ନିକାଣ୍ଡ ଘଟଣା ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଚଳିତବର୍ଷ ଖରାଦିନ ଆରମ୍ଭରୁ ପୁଣି ନିଆଁ ଲାଗିବା ଚିନ୍ତା ବଢ଼ାଇଛି। ପୋଡ଼ାଡିହା ☞ପୃଷ୍ଠା–୫

### ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ

**ଚନ୍ଦାହାଣ୍ଡି/ପାପଡ଼ାହାଣ୍ଡି/ମୈଦଲପୁର, ୧୫।୨(ଡି.ଏନ୍.ଏ.)**

ସଚେତନତା ସତ୍ତ୍ୱେ ଶୁଣୁନାହାନ୍ତି ଲୋକେ। ବାରମ୍ବାର ଲଗାଉଛନ୍ତି ଜଙ୍ଗଲରେ ନିଆଁ। ଏଭଳି ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଚନ୍ଦାହାଣ୍ଡି ଓ ମୈଦଲପୁର ବନ ବିଭାଗ ୨ ଜଣ ଲୋକଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ପାନାବେଡ଼ା ରିଜର୍ଭ ଫରେଷ୍ଟ ମାଲଗାଁ ସେକ୍ସନ ଅଧୀନ କୁହୁଡି ବିଟ୍ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଦଣ୍ଡାମୁଣ୍ଡା ☞ପୃଷ୍ଠା–୫

**ଆଜିର ସମ୍ପାଦକୀୟ** | **ମୁକ୍ତିର ଶକ୍ତି ଶିବ**






ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଫେବୃୟାରୀ, ୨୦୨୩



## ଗୋଷ୍ଠୀ ସଂଘର୍ଷ, ୮ ଆହତ

ମୋରଡ଼ା,୧୫।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ନୂଆଗାଁ ପଞ୍ଚାୟତରେ ଥିବା ବାବା ଜଟେଶ୍ୱର ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ରାତି ୯ଟା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ବାରମାଇଲସ୍ଥିତ କିଷାନଡାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗଣ୍ଡଗୋଳର କାରଣ ଜଣା ପଡ଼ିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକାଇ ଦେଉଛି ଧୂଳି,**
**ମାଡ଼ ମାରି ପୁଣି କରୁଛି କଳି ।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଭୁଲ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟା ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଜି କାଲି ହୋଇ ପୂରିଲା ମାସ,**
**ଲେଉଟି ବୋଲୁଛି କାଲିକି ଆସ ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧ କରି ପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପାନୀୟ ଜଳ ପ୍ରକଳ୍ପ : ମାସକରେ ଅଗ୍ରଗତି ସମୀକ୍ଷା ନିର୍ଦ୍ଦେଶ

### ବରିଷ୍ଠ ଅଧିକାରୀ ସମ୍ମିଳନୀ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟର ପ୍ରତି ଗ୍ରାମୀଣ ପରିବାର ହାତପାଆନ୍ତାରେ ପାଇବେ ପିଇବା ପାଣି। ଏଥିଲାଗି ୫୭,୦୦୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଆରମ୍ଭ ହୋଇଛି ବିଭିନ୍ନ ପ୍ରକଳ୍ପ। ଜଳକ୍ଲିଷ୍ଟ ଏବଂ ଜଳ ଗୁଣବତ୍ତା ପ୍ରଭାବିତ ଅଞ୍ଚଳକୁ ପାନୀୟ ଜଳ ଯୋଗାଉଥିବା ମେଗା ପ୍ରକଳ୍ପଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଯୋଜନାର ଉପଯୁକ୍ତ କାର୍ଯ୍ୟାନ୍ୱୟନ ପାଇଁ ଆଭ୍ୟନ୍ତରୀଣ ଗ୍ରାମରେ ସୌର ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଇଛି। ପ୍ରକଳ୍ପଗୁଡ଼ିକ ଯେପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ସେଥିଲାଗି ଜମି ମଞ୍ଜୁରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ମାସକ ଭିତରେ ଅଗ୍ରଗତି ସମୀକ୍ଷା କରିବା ଲାଗି ବରିଷ୍ଠ ଅଧିକାରୀ ସମ୍ମିଳନୀ-୨୦୨୩ରେ ଯୋଗଦେଇଥିବା ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବର୍ଷା ଅଭାବରୁ ଚଳିତ ବର୍ଷ ଆଗୁଆ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ଆଶଙ୍କା ରହିଛି। ତେଣୁ ନଳକୂପଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା ଲାଗି ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଶୌଚାଳୟ ବ୍ୟବହାର ବୃଦ୍ଧି, କଠିନ, ତରଳ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା, ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବା, ଭୂମିହୀନ ପରିବାରଙ୍କୁ ଜମି ଯୋଗାଇବା, ଗ୍ରାମୀଣ ମିସ୍ତ୍ରି ତାଲିମକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାରଗୁଡ଼ିକର ସମ୍ପୂର୍ଣ୍ଣ ଗଣନା ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଗ୍ରାମୀଣ କାରିଗର, ଉତ୍ପାଦକଙ୍କ ଉତ୍ପାଦର ମାର୍କେଟିଂ ଏବଂ ପ୍ରୋତ୍ସାହନ ସହିତ ଦକ୍ଷତା ବିକାଶ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଜିଲାପାଳମାନଙ୍କ ସହିତ ଆଲୋଚନା କରାଯାଇଛି। ଗ୍ରାମୀଣ ଓଡ଼ିଶାର ପ୍ରତ୍ୟେକ ପରିବାରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା, ଗ୍ରାମୀଣ ରୋଜଗାର ସୃଷ୍ଟି, ବିଭିନ୍ନ ଯୋଜନା ମାଧ୍ୟମରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଜୀବିକା ସୁରକ୍ଷା ଯୋଗାଇବା, ବିଭାଗର ବିଭିନ୍ନ ଯୋଜନାକୁ ଗ୍ରାମାଞ୍ଚଳର ଘରେ ଘରେ ପହଞ୍ଚାଇବା, ଗ୍ରାମୀଣ କାରିଗରଙ୍କୁ ଦକ୍ଷତା ବିକାଶ ତାଲିମ ଏବଂ ବଜାର ସହାୟତା ଯୋଗାଇ ମହିଳାଙ୍କୁ ସଶକ୍ତ କରାଇବା ମୁଖ୍ୟମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ । ସରକାରଙ୍କ ୫-ଟି ମନ୍ତ୍ର ପାଳନ ପୂର୍ବକ ଗ୍ରାମୀଣ ପରିବାରକୁ ନିରବଚ୍ଛିନ୍ନ ସେବା ଯୋଗାଇଦେବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ବିଭାଗୀୟ ସଚିବ ସୁଶୀଲ କୁମାର ଲୋହାନୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାହୁଙ୍କ ଯୋଗୁ ସାଧାରଣ କଥାରେ ବେଶି ବିବ୍ରତ ହେବା ନିଜ ପାଇଁ କ୍ଷତିର କାରଣ ପାଲଟିଯିବ। ସାମାଜିକସ୍ତରରେ ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସହ ଭଲ ସମ୍ପର୍କ ରହି ନ ପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି ଯଦ୍ୱାରା କର୍ମହାନି ଘଟିପାରେ। ସାମାଜିକ ସ୍ତରରେ ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ପ୍ରତ୍ୟେକ କାମରେ କିଛିନା କିଛି ବ୍ୟତିକ୍ରମ ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ସମସ୍ୟାଜନିତ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିଜର ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ବନ୍ଧୁମାନଙ୍କ ମେଳରେ ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଆର୍ଥିକ ଅବନତିର ସମୀକ୍ଷା କରିବେ ମାତ୍ର ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ** ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବନାହିଁ। କୌଣସି ଦର୍ଶନୀୟ ସ୍ଥାନ ପରିଦର୍ଶନଜନିତ ବନ୍ଧୁଙ୍କ ଅନୁରୋଧରେ ଦୂରଯାତ୍ରା କରିବାକୁ ପଡ଼ିପାରେ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ କାରଣରୁ କୌଣସି କାମ ଉତ୍ସାହପ୍ରଦ ରହି ନ ପାରେ। ସ୍ୱାସ୍ଥ୍ୟ ଓ କର୍ମକ୍ଷେତ୍ର ଭଲ ରହିବ।

**କନ୍ୟା** ତରବରିଆ ହେତୁ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ଉପରିସ୍ଥଙ୍କ ଶୁଭ ଭାବନାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ କ୍ଷେତ୍ରରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ମୂଲ୍ୟହୀନ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି।

**ତୁଳା** ପରିବାରର ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କାର୍ଯ୍ୟଦକ୍ଷତା ଓ ସଙ୍କୋଚତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା** ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟର ଗତି ମନ୍ଥର ହେବ। ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** ନିଜ ଲୋକମାନେ ଈର୍ଷାପରାୟଣ ହୋଇ ବିଶ୍ୱାସଘାତକତା କରିପାରନ୍ତି। ଅନ୍ୟର କଥାକୁ ସତ ମନେକରି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ମକର** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ନିର୍ମାଣ, ଜମିଜମା, ଶିଳ୍ପ, ବାଣିଜ୍ୟାଦିରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ** ସମସ୍ୟା ଭିତରେ ଚଳୁଥିବାରୁ ମାନସିକ ସ୍ଥିରତା ରକ୍ଷା କରିବା କଷ୍ଟକର ହୋଇପାରେ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** ଆର୍ଥିକ ଅନଟନଜନିତ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖନ୍ତୁ,ନିଶ୍ଚିତ ଉପକୃତ ହେବେ। ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ପଙ୍କୋଦ୍ଧାର ଏକାଦଶୀ, ଗୁରୁବାର, ଫେବୃୟାରୀ ୧୬ ତାରିଖ, ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରୁ ପଙ୍କ ଉଦ୍ଧାର, ରାଶି ନକ୍ଷତ୍ର-ମୂଳା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ବିଦ୍ୟାରମ୍ଭ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ, ସକାଳ ଘ.୦୬।୧୯ମି. ଗତେ ଘ.୦୭।୫୦ମି. ମଧ୍ୟେ, ଘ.୧୦।୫୨ମି. ଗତେ ଘ.୦୧।୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୬ମି. ଗତେ ଘ.୦୨।୫୧ମି. ମଧ୍ୟେ ରାହୁକାଳ।




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୫ତମ କଳିଙ୍ଗ ହର୍ବାଲ ମେଳାର ବୁଧବାର ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ-ବିକାଶ)

# ୬ ଅଭିଯୁକ୍ତଙ୍କ ଜାମିନ ଖାରଜ

### ଆଲିଶାନ୍ ସିନେମା ହଲରେ ଗଣ୍ଡଗୋଳ ଘଟଣା

ବଲାଙ୍ଗୀର ଅଫିସ/ପାଟଣାଗଡ, ୧୫।୨ (ଡି.ଏନ୍.ଏ.)- କଣ୍ଟାବାଞ୍ଜି-ବେଲପଡା ରାସ୍ତାରେ ଥିବା ଆଲିଶାନ୍ ସିନେମା ହଲ ଗଣ୍ଡଗୋଳ ଘଟଣାରେ ବେଲପଡା ଥାନା ପୋଲିସ କଣ୍ଟାବାଞ୍ଜି ବିଧାୟକଙ୍କ ପୁଅ ଅମିତ୍ ଓରଫ୍ ସେଜି ସିଂ ସାଲୁଜାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଥିଲା। ଆଲିଶାନ୍ ସିନେମା ହଲ ମାଲିକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ଜାମିନ୍ ଆବେଦନ ଶୁଣାଣି କରି ବୁଧବାର ପାଟଣାଗଡ ଏଡିଜେ ସମସ୍ତ ୬ ଜଣ ଅଭିଯୁକ୍ତ ଅମିତ ଓରଫ୍ ସେଜି ସିଂ ସାଲୁଜା (୩୨), ଅଜୟ ଅଗ୍ରୱାଲ (୪୦), ବିକାଶ ଅଗ୍ରୱାଲ (୩୭), ବିପୁଲ ମାରୁ (୩୯), ଧରମବୀର ଗୁପ୍ତା (୩୧) ଓ ରାଜା ପାତ୍ରଙ୍କ ଜାମିନ୍ ଖାରଜ କରିଥିବା ଜଣାପଡିଛି। ଓକିଲ ଆଶିଷ ଚନ୍ଦନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

# ସୁପ୍ରିମକୋର୍ଟରେ ପ୍ରଦୀପଙ୍କ ରାୟ ସଂରକ୍ଷିତ

### ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୧୫।୨

ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ବିରୋଧରେ ଦୁର୍ନୀତି ମାମଲାରେ ହାଇକୋର୍ଟଙ୍କ ରାୟ ବିରୋଧରେ ଓଡ଼ିଶା ଲୋକାୟୁକ୍ତ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଏହା ଉପରେ ରାୟ ସଂରକ୍ଷିତ ରଖିଛନ୍ତି। ଆସନ୍ତା ସୋମବାର ପୂର୍ବରୁ ଲିଖିତ ଜବାବ ଦାଖଲ କରିବା ପାଇଁ ଜଷ୍ଟିସ୍ ଅଜୟ ରାସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ଉଭୟ ପକ୍ଷର ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିଗ୍ରାହୀଙ୍କ ବିରୋଧରେ ମାମଲାର ତଦନ୍ତ ଶେଷ ହୋଇଛି। ପ୍ରାଥମିକ ତଦନ୍ତରୁ ବିଧାୟକଙ୍କ ବିରୋଧରେ ଦୁର୍ନୀତି ମାମଲାରେ ବ୍ୟାପକ ଆପରାଧିକ ତଥ୍ୟ ମିଳିଥିବା ଲୋକାୟୁକ୍ତ ପୂର୍ବରୁ ଖଣ୍ଡପୀଠଙ୍କୁ ଜଣାଇଥିଲେ।

ଦୁର୍ନୀତି ମାମଲାରେ ରାଜ୍ୟ ଭିଜିଲାନ୍ସ ବିଭାଗ ଅଭିଯୋଗକାରୀ ହୋଇଥିବାରୁ ଲୋକାୟୁକ୍ତ ଏହାକୁ ପାଣିଗ୍ରାହୀଙ୍କ ବିରୋଧରେ ପ୍ରାଥମିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ପୂର୍ବରୁ ଓଡ଼ିଶା ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଲୋକାୟୁକ୍ତ ସର୍ବୋଚ୍ଚ ଅଦାଲତରେ ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର କରିଥିଲେ। ୨୦୨୧ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସୂଚନାଯୋଗ୍ୟ, ବିଧାୟକ ପାଣିଗ୍ରାହୀଙ୍କ ବିରେରଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ଡିସେମ୍ବର ୭ରେ ଏହାକୁ ଲୋକାୟୁକ୍ତଙ୍କ ନିକଟକୁ ପଠାଇଥିଲେ। ଲୋକାୟୁକ୍ତ ଉକ୍ତ ସୁପାରିସକୁ ଗ୍ରହଣ କରି ପ୍ରାଥମିକ ତଦନ୍ତ କରିବା ସହ ଦୁଇ ମାସ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।



ପ୍ରଦୀପ କୁମାର ପାଣିଗ୍ରାହୀ

# ଅର୍ଥକରୀ ଫସଲ ପାଇଁ ମିଳିବ ପ୍ରୋତ୍ସାହନ

### ୬ ବର୍ଷ ପାଇଁ ମିଲେଟ୍ ଚାଷ ନିମନ୍ତେ ଖର୍ଚ୍ଚ ହେବ ୨୮୦୮ କୋଟି ଟଙ୍କା

ଭୁବନେଶ୍ୱର,୧୫।୨(ବ୍ୟୁରୋ)

କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ଅଧିକ ଅର୍ଥକରୀ ଫସଲ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟ କ୍ୟାବିନେଟ୍ ଫସଲ ବିବିଧୀକରଣ କାର୍ଯ୍ୟକ୍ରମକୁ ଅନୁମୋଦନ କରିଛି। ଏଥିରେ ରାଜ୍ୟର ସମସ୍ତ ୩୦ ଜିଲାରେ ମେଗା ଉଠା ଜଳସେଚନ ପ୍ରକଳ୍ପର ଆୟକଟ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଫସଲ ବିବିଧୀକରଣକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରିବା ସମ୍ପର୍କରେ ଏକ ବୈଷୟିକ ଉପସ୍ଥାପନା ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ବରିଷ୍ଠ ଅଧିକାରୀଙ୍କ ସମ୍ମିଳନୀରେ କରାଯାଇଥିଲା। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କଳାହାଣ୍ଡି ଜିଲାପାଳ ଅନ୍ୱେଷା ରେଡ୍ଡୀ ଏବଂ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଶିନ୍ଦେ ଅଂଶଗ୍ରହଣ କରିଥିଲେ। ପଣସ, ଛତୁ, ଫୁଲଚାଷ, ମସଲା ଚାଷ ଇତ୍ୟାଦିକୁ ପ୍ରୋତ୍ସାହିତ କରିବା ପାଇଁ ମିଶନ ମୋଡ୍ ପଦ୍ଧତି ଗ୍ରହଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଆସନ୍ତା ୬ ବର୍ଷ ପାଇଁ ମିଲେଟ୍ ଚାଷର ପ୍ରୋତ୍ସାହନ ନିମନ୍ତେ ୨୮୦୮ କୋଟି ଟଙ୍କା ବ୍ୟୟ କରାଯିବ। ଆସନ୍ତା ୫ରୁ ୭ ବର୍ଷ ମଧ୍ୟରେ ମେଗା ଉଠାଜଳସେଚନ ପ୍ରକଳ୍ପ ଏବଂ ବୃଷ୍ଟିପୁଷ୍ଟ ଅଞ୍ଚଳରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୭ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଡାଲିଜାତୀୟ ଫସଲ, ୧୫ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ତୈଳବୀଜ, ୬.୫ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ମିଲେଟ, ୦.୬୨ ଲକ୍ଷ ହେକ୍ଟର ଜମିରେ ଉଦ୍ୟାନ କୃଷି, ୦.୪୪ ଲକ୍ଷ ହେକ୍ଟର ଜମିରେ ପନିପରିବା, ୦.୨୮ ଲକ୍ଷ ହେକ୍ଟର ଜମିରେ ମସଲା ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ବୈଷୟିକ ଅଧିବେଶନରେ କୃଷି ନୀତିର ବିକାଶ ପ୍ରକ୍ରିୟା, ସଫଳତା, ଆହ୍ୱାନ ଏବଂ ଏହାର ଭବିଷ୍ୟତର ସମ୍ଭାବନା ଉପରେ ପ୍ରମୁଖତା ପ୍ରଦାନ କରାଯାଇଥିଲା। ସବୁଜ ବିପ୍ଳବ ଦ୍ୱାରା ଯଦିଓ କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିଲା, କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ଯୋଗୁ ଚାଷଜମିରେ ଅବନତି, ଭୂତଳ ଜଳ ହ୍ରାସ, ମୃତ୍ତିକାର ଉର୍ବରତା ହ୍ରାସ ଏବଂ ଜୈବବିବିଧତା ହ୍ରାସ ପାଉଛି। ଏହା ଦ୍ୱାରା ଫସଲର ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ପ୍ରତିରୋଧ କରିବା କ୍ଷମତା ହ୍ରାସପାଉଛି। କ୍ରମାଗତ ହ୍ରାସ ପାଉଥିବା ପ୍ରାକୃତିକ ସମ୍ପଦ ପୁଷ୍ଟିହୀନତା ସମସ୍ୟାକୁ ଜଟିଳ କରିଛି। ଉପରୋକ୍ତ ସମସ୍ୟାକୁ ପ୍ରତିହତ କରିବା ପାଇଁ ବୈଠକରେ ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ଫସଲ ଚାଷ, ଶସ୍ୟକ୍ଷେତ୍ରର ପରିବର୍ତ୍ତନ ଆଦି ରଣନୀତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟର ନିଜର ଚାଉଳ ଚାହିଦା ପୂରଣ କରିବା ପରେ ୪୦ ଲକ୍ଷ ଟନ୍‌ରୁ ଊର୍ଦ୍ଧ୍ୱ ଚାଉଳ ବଳକା ରହୁଛି। ଓଡ଼ିଶାରେ ଫସଲର ବିବିଧୀକରଣ କରି ଡାଲି, ତୈଳବୀଜ, ମିଲେଟସ୍, ଉଦ୍ୟାନ କୃଷି ଓ ବୃକ୍ଷରୋପଣ ଆଦି କରାଯିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଓଡ଼ିଶା ମିଲେଟସ୍ ମିଶନର ସଫଳତା ଅଭିଜ୍ଞତାକୁ ଆଧାର କରି କୃଷକମାନଙ୍କ ଲକ୍ଷ୍ୟର ମୂଲ୍ୟାୟନ ଏବଂ ଫସଲ ବିବିଧୀକରଣ ନିମନ୍ତେ ଏକ ରଣନୀତି ପ୍ରସ୍ତୁତ କରାଯାଇଛି। ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ଓଡ଼ିଶା ତୈଳବୀଜ ବ୍ୟତୀତ ଅନ୍ୟ ସମସ୍ତ ଦ୍ରବ୍ୟ ଉତ୍ପାଦନରେ ବଳକା ରାଜ୍ୟ ହୋଇପାରିବ ବୋଲି କୃଷି ବିଭାଗ ଆଶା ପ୍ରକଟ କରିଛି।

# ପାଣି ପଞ୍ଚାୟତ ଏକ ଆନ୍ଦୋଳନରେ ପରିଣତ ହୋଇଛି: ମୁଖ୍ୟମନ୍ତ୍ରୀ

### ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୩ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୩ ଉଦ୍‌ଯାପନ ସମାରୋହ ବୁଧବାର ଲୋକସେବା ଭବନର କନ୍‌ଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପାଣି ପଞ୍ଚାୟତ ବର୍ତ୍ତମାନ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଚାଷୀ ଭଉଣୀ,ଭାଇମାନଙ୍କ ଭାଗୀଦାରି, ନିଷ୍ଠା ଓ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମାତ୍ର ୭୦୦ରୁ ଆରମ୍ଭକରି ଏବେ ରାଜ୍ୟରେ ୩୭ ହଜାର ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ସେହିପରି ୩.୩୨ ଲକ୍ଷ ହେକ୍ଟର ଜମିରେ ଆରମ୍ଭ ହୋଇଥିବା ଏହି ପାଣି ପଞ୍ଚାୟତ ବର୍ତ୍ତମାନ ୨୩.୪୬ ଲକ୍ଷ ହେକ୍ଟର ଜମିରେ ପାଣିର ସୁବିଧା ଦେଇପାରୁଛି। ଏହା ବାସ୍ତବରେ ବହୁତ ବଡ ସଫଳତା। ଏଗୁଡିକ ସବୁ ବିଭିନ୍ନ ପ୍ରମୁଖ, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ମଧ୍ୟ ପାଣି ପଞ୍ଚାୟତ କାର୍ଯ୍ୟକାରୀ କରାଯିବ। ଜଳ ଅମୂଲ୍ୟ। ଜଳବାୟୁ ପରିବର୍ତ୍ତନର ପ୍ରଥମ ପ୍ରଭାବ ପାଣି ଓ ଚାଷ ଉପରେ ପଡିବ। ତେଣୁ ଜଳ ନଷ୍ଟ ନ କରି, ତା'ର ସୁବିନିଯୋଗ ଓ ସୁଷମ ବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଦୂରଦୃଷ୍ଟି ରଖି ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି। ରାଜ୍ୟରେ ପାଣି ପଞ୍ଚାୟତର ପ୍ରଗତି ଯାତ୍ରାରେ ସେଚ ସହଭାଗିତା ପ୍ରଶିକ୍ଷଣ ସମ୍ବନ୍ଧୀୟ ପୁସ୍ତିକା ସିଞ୍ଚିତା, ଇ-ସିଏଡି ଅଧୀନରେ ଇନ୍‌ଫ୍ରା ଏବଂ ଏମ୍‌ଆଇସି ମଡ୍ୟୁଲି ପରି ଆପ୍ଲିକେସନକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହି ମୋଡ୍ୟୁଲ ପ୍ରକଳ୍ପଗୁଡିକର ବାସ୍ତବ ଓ ଆର୍ଥିକ ପ୍ରଗତିର ଠିକ୍ ସମୟରେ ପର୍ଯ୍ୟାଲୋଚନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ବିଭିନ୍ନ ପ୍ରତିଯୋଗିତାର ୧୨ ଜଣ ବିଜେତା ତଥା ୧୨ଟି ଶ୍ରେଷ୍ଠ ପ୍ରକଳ୍ପ ଏବଂ ୧୫ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ସ୍ୱାଗତ ଭାଷଣ ଦେଇ ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ମେଗାଲିଫ୍ଟ ପ୍ରକଳ୍ପଗୁଡିକରେ ପାଣି ପଞ୍ଚାୟତ ଗଠନ କରିବା ପାଇଁ ପାଣି ପଞ୍ଚାୟତ ନିୟମରେ ସଂଶୋଧନ କରାଯିବା ସହିତ ୫-ଟି ମାଧ୍ୟମରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI



# ମହିଳା ଆଇଆଇସିଙ୍କୁ ଚାପୁଡ଼ା ମାରିବାକୁ ଧମକ ଦେଲେ ଜୟନାରାୟଣ



ବିରୋଧୀ ଦଳ ନେତା ହାତ ଉଠାଉଥିବାର ଦୃଶ୍ୟ।

**ସମ୍ବଲପୁର,୧୫।୨(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ ମଧ୍ୟକୁ ବୁଧବାର ଭାଜପା ମହିଳା କର୍ମୀମାନେ ଧସେଇ ପଶିବା ବେଳେ ପୋଲିସ ଏବଂ ଭାଜପା ନେତା ଓ କର୍ମୀ ମୁହାଁମୁହିଁ ହୋଇଛନ୍ତି। ଧନୁପାଲି ଆଇଆଇସି ଅନିତା ପ୍ରଧାନଙ୍କୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବ୍ୟକ୍ତିଗତ ଆକ୍ଷେପ କରିବା, ଠେଲାପେଲା ଏବଂ ଚାପୁଡ଼ା ମାରିବାର ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଜୟନାରାୟଣ ଏହାକୁ ଖଣ୍ଡନ କରିଛନ୍ତି। ଏପରି କି ଥାନା ଅଧିକାରିଣୀ ପ୍ରଧାନ ତାଙ୍କୁ ଠେଲାପେଲା କରିଥିବା ସେ କହିଛନ୍ତି।

## ଭାଜପାର ଜିଲାପାଳ ଅଫିସ ଘେରାଉବେଳେ ଉତ୍ତେଜନା

- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି
- ଆର୍‌ଡିସିଙ୍କୁ ଭେଟିଲେ ମହିଳା ପୋଲିସ
- ପୋଲିସ ବିରୋଧରେ ଭାଜପାର ଏତଲା

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୋଲିସ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ଅସଦାଚରଣ ଓ ମାରପିଟ କରିଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ସମ୍ବଲପୁରରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯାଉଛି। ଗ୍ରାଉଣ୍ଡ ଲେଭଲ୍‌ରୁ ରିପୋର୍ଟ ମଗାଯାଇଛି। ଆଇନ ଅନୁସାରେ ☞ପୃଷ୍ଠା-୫

# କନ୍ୟାଯାତ୍ରୀଙ୍କ ଉପରେ ଚଢ଼ିଗଲା ସ୍କର୍ପିଓ

## ୩ ମୃତ, ୧୩ ଆହତ

**ଗୋପାଳପୁର,୧୫।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ତେଲୁଗୁ ସମ୍ପ୍ରଦାୟର ପରମ୍ପରା ଅନୁସାରେ ବାହାଘର ବାଟବରଣ ନିମନ୍ତେ କନ୍ୟାଘର ଲୋକେ ବରପକ୍ଷଙ୍କ ଘରେ ପହଞ୍ଚି ଅପେକ୍ଷା କରିଥିବା ବେଳେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଆସୁଥିବା ଏକ ସ୍କର୍ପିଓ ଚଢ଼ିଯିବାରୁ କନ୍ୟାଘର ପକ୍ଷର ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରେଡିସାହିର ବି.ସ୍ୱପ୍ନା ରେଡି (୨୦), ମାଣ୍ଡିଆପଲ୍ଲୀର ବି.ସଞ୍ଜୁକ୍ତା ରେଡି(୨୪) ଓ ଛତ୍ରପୁରର ପି.ଭାରତୀ (୧୧)। ଆହତମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି।



ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା

### ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, ମାଣ୍ଡିଆପଲ୍ଲୀ ଗ୍ରାମରେ ଏସ୍. ଦେବରାଜ ରେଡିଙ୍କ ବିବାହ ଉତ୍ସବ ଚାଲିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ କନ୍ୟାଘର ପକ୍ଷରୁ ବାଟବରଣ ନିମନ୍ତେ ମାଣ୍ଡିଆପଲ୍ଲୀରେ ପହଞ୍ଚି ରାସ୍ତା ପାର୍ଶ୍ୱରେ ଅପେକ୍ଷା କରିଥିଲେ। ଗାଡ଼ିରୁ ଓହ୍ଲାଇ ରାସ୍ତା ଉପରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଲୋକ ଠିଆ ହୋଇ ହସଖୁସିରେ ଫଟୋ ଉଠାଉଥିଲେ। ଏହି ସମୟରେ କରାପଲ୍ଲୀରୁ ଦ୍ରୁତଗତିରେ ଆସୁଥିବା ସ୍କର୍ପିଓ (ସିଜି ୧୫ସିଟି ୮୫୦୦) କନ୍ୟାଯାତ୍ରୀଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ବହୁ ମହିଳା, ☞ପୃଷ୍ଠା-୫

## ଟ୍ରେନ୍ ଉପରୁ ସେଲ୍‌ଫି ନେବାବେଳେ ଜଳିଗଲେ ବାଳକ

**ଟିକିରି(ଡି.ଏନ୍.ଏ.)/ ରାୟଗଡ଼ା(ସ୍ୱ.ପ୍ର.),୧୫।୨**

ଟ୍ରେନ୍ ଉପରେ ଚଢ଼ି ସେଲ୍‌ଫି ନେବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବାଳକ ବୁଧବାର ଜଳିଯାଇଛନ୍ତି। ସେହିପରି ଅନ୍ୟ ୨ ସାଙ୍ଗ ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଧୀନ ଭାଲୁମାସ୍କା ରେଳ ☞ପୃଷ୍ଠା-୫

# କମିଶନରେଟ ପୋଲିସକୁ ଫିଟ୍ ଚିନ୍ତା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ପୋଲିସ ବିଭାଗରେ ଚାକିରି ପାଇବା ପରେ କିଛି ପୋଲିସ କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉନାହାନ୍ତି। ଫଳରେ ସମୟାନୁକ୍ରମେ ସେମାନେ ଉଚ୍ଚ ରକ୍ତଚାପ, ମଧୁମେହ ଓ ମୋଟାପଣ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫିଟ୍ ନ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକୁ ମଧ୍ୟ ଠିକ୍ ଭାବେ ସମ୍ପାଦନ କରିପାରନ୍ତି ନାହିଁ। ଏପରିକି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଓ ଅପରାଧୀଙ୍କୁ ଧରିବା ଦିଗରେ ମଧ୍ୟ ସେମାନେ ବିଫଳ ହେଉଛନ୍ତି। ଏଭଳି ସ୍ଥିତିରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସରେ କାର୍ଯ୍ୟରତ

## ନିର୍ଦ୍ଦେଶନାମା ଜାରି କଲେ ଭୁବନେଶ୍ୱର ଡିସିପି

- ଉତ୍ତମ ଶାରୀରିକ ଗଠନ ଉପରେ ଗୁରୁତ୍ୱ
- ପ୍ରତି ୧୫ ଦିନରେ ମପାଯିବ ଓଜନ

ପୋଲିସ କର୍ମଚାରୀମାନେ ଫିଟ୍ ରହିବାକୁ ଡିସିପି ପ୍ରତୀକ ସିଂ ଗୁରୁତ୍ୱ ଦେଇଛନ୍ତି। ଆର୍ମଡ ପୋଲିସ ରିଜର୍ଭଡ (ଏପିଆର୍), ଡିପିଓ, କମିଶନରେଟ ପୋଲିସ କାର୍ଯ୍ୟାଳୟ, ଟିମ ୬୦, ଓଏସ୍‌ଏପି ମୋବିଲାଇଜ୍‌ଡ ଫୋର୍ସରେ କାର୍ଯ୍ୟ କରୁଥିବା ସମସ୍ତ ପୋଲିସ କର୍ମଚାରୀଙ୍କ ପାଇଁ ଫିଟ୍‌ନେସ ରହିବାକୁ ସେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୈନନ୍ଦିନ ଜୀବନରେ ଚାପମୁକ୍ତ ରହିବା ସହ ଶାରୀରିକ ଭାବେ ଫିଟ୍ ରହିବାକୁ ୭ଟି ଦିଗରେ ଧ୍ୟାନ ଦେବାକୁ ଡିସିପି କହିଛନ୍ତି।

ନିର୍ଦ୍ଦେଶନାମା ଅନୁଯାୟୀ, ନିୟମିତ ସକାଳ ୬ଟା ଓ ଅପରାହ୍ନ ୪ଟାରେ ସେମାନଙ୍କ କ୍ୟାମ୍ପସର ଫିଜିକାଲ ଟ୍ରେନିଂରେ ପୋଲିସ କର୍ମଚାରୀମାନେ ଯୋଗଦେବେ। ଏଥିସହ ସେମାନଙ୍କ କ୍ୟାମ୍ପସରେ ☞ପୃଷ୍ଠା-୫






ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। **–ଶ୍ରୀଅରବିନ୍ଦ**

# ମୁକ୍ତିର ଶକ୍ତି ଶିବ



ଦେବଦତ୍ତ ପଟ୍ଟନାୟକ

ଆମେ ଭଗବାନ୍ ଶିବଙ୍କ କାହାଣୀ ପଢ଼ିବା ସମୟରେ ସେ କିଭଳି ବିବାହ କରିବାକୁ ବାଧ୍ୟ ହୋଇଥିଲେ ଏବଂ ଗଣେଶ ଓ କାର୍ତ୍ତିକେୟଙ୍କ ଜନକ ହୋଇଥିଲେ ସେ ସମ୍ପର୍କରେ ଜାଣିବାକୁ ପାଉ। ଶିବ ଯେତେବେଳେ ବିବାହ କରିଥିଲେ ସେହି ସମୟରେ ସେ କୈଳାସ ପର୍ବତର ନିମ୍ନ ଦେଶକୁ ଆସିଥିଲେ। ହିମାଳୟର କୈଳାସ ଅତ୍ୟନ୍ତ ଥଣ୍ଡା ଜାଗା। ସେଠାରେ କୌଣସି ଗଛ ବଞ୍ଚେ ନାହିଁ। ଶିବ କୈଳାସରୁ ଓହ୍ଲାଇ ତାଙ୍କ ସ୍ତ୍ରୀଙ୍କ ସହ କାଶୀ ଅଭିମୁଖେ ଯାତ୍ରା କରିଥିଲେ। କାଶୀ ନଦୀ କୂଳରେ ଥିବାରୁ ତାହା କୈଳାସଠାରୁ ଅପେକ୍ଷାକୃତ ଉଷ୍ମସ୍ଥାନ। କାଶୀ ମାଟି ଅତ୍ୟନ୍ତ ଉର୍ବର ଏବଂ ଆର୍ଦ୍ର। ସେଠାରେ ଶ୍ମଶାନସବୁ ରହିଛି, ଆନନ୍ଦଦାୟକ ଉଦ୍ୟାଗୁଡ଼ିକ ଶୋଭା ପାଉଛି ଏବଂ ଉନ୍ନତ ବଜାର ରହିଛି। କାଶୀରେ ଉନ୍ନତ ଜୀବନ ସମ୍ଭବ ହୁଏ, ବାଣିଜ୍ୟ ବ୍ୟବସାୟ ମଧ୍ୟ ଭଲ ଚାଲେ। ଏହି କାହାଣୀ କାହିଁକି ବର୍ଣ୍ଣନା କରାଯାଉଛି ? କାହିଁକି ତପସ୍ୱୀ ଶିବ ଗୃହସ୍ଥ ଶଙ୍କର ପାଲଟିଛନ୍ତି? ସେ କାହିଁକି ବିବାହ କରିଛନ୍ତି ? ସେ କାହିଁକି ପର୍ବତ ଛାଡ଼ି ନିମ୍ନ ଦେଶକୁ ଆସିଛନ୍ତି ? ସେ କାହିଁକି ଅନିଚ୍ଛା ସତ୍ତ୍ୱେ ସନ୍ତାନର ଜନକ ହୋଇଛନ୍ତି ? ଏହିସବୁ କାହାଣୀ ବାରମ୍ବାର ଦୋହରାଯାଇଛି । କାରଣ ପରମ ତପସ୍ୱୀ ଦେବ ଦେବ ମହାଦେବ ଭୋକିଲା ରହୁ ନ ଥିବାବେଳେ ତାଙ୍କ ଚାରି ପାଖରେ ଲୋକେ କ୍ଷୁଧାରେ ରହୁଛନ୍ତି। ସେ କ'ଣ ତାଙ୍କ ଚାରିପାଖରେ ରହୁଥିବା କ୍ଷୁଧାର୍ତ୍ତ ମାନଙ୍କ ଯତ୍ନ ନେବା ଉଚିତ ନୁହେଁ। ଆମେ ଜୀବନରେ ଧନ ଦେବୀ ଲକ୍ଷ୍ମୀଙ୍କୁ ଚାହିଁ ନ ପାରୁ, ଶକ୍ତି ଦେବୀ ଦୁର୍ଗାଙ୍କୁ ଲୋଡ଼ି ନ ପାରୁ, ଆମେ ଆୟ କିମ୍ବା ଭରସାର ପାର୍ଥୀ ନ ହୋଇ ପାରୁ ; ହେଲେ ଆମ ଚାରିପାଖରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଏସବୁ ଚାହାନ୍ତି ଓ ଆମ ଉପରେ ନିର୍ଭର କରନ୍ତି। ଆମେ କ'ଣ ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଉଚିତ ନୁହେଁ। ଅନ୍ୟମାନଙ୍କ ଯତ୍ନ ନେବା କ'ଣ ଏକ ନୈତିକ ଦାୟିତ୍ୱ ବା କର୍ତ୍ତବ୍ୟ ଭାବନା ଆଣେ ନାହିଁ। ସେବା କରିବା ଓ ଯତ୍ନ ନେବା ଦ୍ୱାରା ସହାନୁଭୂତି ପ୍ରକାଶ ପାଏ। ଆମେ ଅନ୍ୟମାନଙ୍କ ଯତ୍ନ ନେବାକୁ ବାଧ୍ୟ ବୋଲି ଯେତେବେଳେ ଅନୁଭବ କରୁ ସେତେବେଳେ ତାହା କର୍ତ୍ତବ୍ୟ ହୋଇଯାଏ ଓ ତାହା କରିବାକୁ ଆମେ ବାଧ୍ୟ ହୋଇଥାଉ।

ଶିବଙ୍କ ବିବାହ ହିଁ ସମବେଦନା ବା ସହାନୁଭୂତିକୁ ପ୍ରତିପାଦିତ କରେ। ଏହା ମଧ୍ୟ ଏକ ସାମାଜିକ ଦାୟିତ୍ୱବୋଧକୁ ପ୍ରକାଶ କରେ। ଶିବ କୈଳାସ ପର୍ବତରୁ ତଳକୁ ଆସିଛନ୍ତି ଓ ସେ ତାଙ୍କ ସନ୍ତାନମାନଙ୍କୁ ଶିକ୍ଷା ଓ କର୍ତ୍ତବ୍ୟ ଭାବନା ଯୋଗାଇଦେବା ଲାଗି ବିଶ୍ୱରୁ ବହୁ କଥା ଅନୁଭବ କରିଛନ୍ତି। ତାଙ୍କର ଦଇ ପୁତ୍ର ଗଣେଶ ଓ କାର୍ତ୍ତିକେୟ କିଭଳି ଭିନ୍ନ ତାହା ବି ଅନୁଧ୍ୟାନ କରନ୍ତୁ। ଯଦି ତୁମେ ଶିବଙ୍କର ଏହି ଦୁଇ ସନ୍ତାନଙ୍କୁ ଦର୍ଶନ କରିବ ତେବେ ସେମାନେ ଆମ ମୌଳିକ ଆବଶ୍ୟକତା ପ୍ରତି ଯତ୍ନଶୀଳ ବୋଲି ଅନୁଭବ କରିପାରିବ। ତେବେ ଆମର ମୌଳିକ ଆବଶ୍ୟକତାଗୁଡ଼ିକ କ'ଣ ? ଆମ କ୍ଷୁଧା ନିୟନ୍ତ୍ରଣ କରିବାକୁ ଓ ଭୟ ଦୂରକରିବା ଲାଗି ଗଣେଶ ତାଙ୍କ ଗୋଲ ପେଟ, ଖାଦ୍ୟ, ସମ୍ପନ୍ନତା, ପ୍ରଚୁରତାର ପ୍ରତୀକ ଭାବେ ଦଣ୍ଡାୟମାନ। ତାଙ୍କର ମଧ୍ୟ ଧନଦେବୀ ଲକ୍ଷ୍ମୀଙ୍କ ସହ ସମ୍ପର୍କ ଅଛି। ଏଣୁ ସେ କ୍ଷୁଧା ପ୍ରତି ଯତ୍ନଶୀଳ। ତାଙ୍କ ଅନୁସାରେ ଦୁର୍ଗା ତାଙ୍କ ମା' ନୁହନ୍ତି, ରୋଷଘର ଦେବୀ ଅନ୍ନପୂର୍ଣ୍ଣା ହିଁ ତାଙ୍କ ମାତା। କାର୍ତ୍ତିକେୟ ବଳିଷ୍ଠ ଶାରୀରିକ ଶକ୍ତି ନେଇ ହସ୍ତରେ ଭାଲା ଧରି ଠିଆ ହୋଇଛନ୍ତି। ସେ ଦେବତାମାନଙ୍କ ଯୁଦ୍ଧ ଦେବ। ଦୁର୍ଗାଙ୍କ ଭଳି ସେ ଆମକୁ ରକ୍ଷା କରନ୍ତି। ଏଣୁ ସେ ହିଁ ଏକାକୀ ଆମକୁ ରକ୍ଷା କରିବାକୁ ସକ୍ଷମ। ଏଣୁ ମୋଟ ଭାବେ ଦେଖିବାକୁ ଗଲେ ଶିବଙ୍କ ସନ୍ତାନମାନେ ମାନବ ଜାତିର ମୌଳିକ ଆବଶ୍ୟକତା ପୂରଣ କରିଥାନ୍ତି। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ଆମ ଜୀବନରେ ଆୟ ଏବଂ ସୁରକ୍ଷା ପାଇଁ ଲକ୍ଷ୍ମୀ ଏବଂ ଦୁର୍ଗାଙ୍କ ଆବଶ୍ୟକତା ରହିଛି।

ଶିବ ଯିଏ କିଛି ବି ଚାହାନ୍ତି ନାହିଁ, ସେ ଦେବୀଙ୍କ ଦ୍ୱାରା ଜ୍ଞାନପ୍ରାପ୍ତ ହୋଇଛନ୍ତି ଓ ମର୍ତ୍ତ୍ୟରେ ଅନ୍ୟ ଲୋକମାନଙ୍କ କ୍ଷୁଧା ପ୍ରତି ସଚେତନ ଅଛନ୍ତି। ସ୍ୱର୍ଗରେ କିନ୍ତୁ ଲୋକଙ୍କ କ୍ଷୁଧା ଭାବନା ନାହିଁ। ଯଦି ତୁମେ ନିରୀକ୍ଷଣ କରିବ ତେବେ ଜାଣିବାକୁ ପାଇବ ଯେ, ଇନ୍ଦ୍ର କେବେ ହେଲେ ଲୋକମାନଙ୍କ ଯତ୍ନ ନିଅନ୍ତି ନାହିଁ। ଲୋକମାନେ ଯେଉଁଭଳି ଭାବେ ବିଷ୍ଣୁ କିମ୍ବା ଶିବଙ୍କ ପାଖକୁ ସାହାଯ୍ୟ ପାଇବା ଲାଗି ଯାଇଥାନ୍ତି ସେଭଳି କେହି ହେଲେ ଇନ୍ଦ୍ରଙ୍କ ପାଖକୁ ଯାଇ ନ ଥାନ୍ତି। ଇନ୍ଦ୍ର କେବଳ ତାଙ୍କ ନିଜକଥା ହିଁ ଭାବନ୍ତି। ସେ ଇନ୍ଦ୍ରସଭାରେ ଅପ୍‌ସରା, ଗନ୍ଧର୍ବଙ୍କ ସହ ମନୋରଞ୍ଜନ ଉପଭୋଗ କରୁଛନ୍ତି। ସୋମରସରେ ବୁଡ଼ି ରହୁଛନ୍ତି। ସେ କାହା କଥା ବି ବୁଝନ୍ତି ନାହିଁ। ସେଥିପାଇଁ ଇନ୍ଦ୍ରକୁ କେହି ପୂଜା କରୁନାହାନ୍ତି। ଅନ୍ୟପକ୍ଷରେ ପ୍ରଭୁ ଶିବଙ୍କୁ ସମସ୍ତେ ପୂଜା କରୁଛନ୍ତି।

ଭଗବାନ୍ ବୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରୁଥିବା ଜ୍ଞାନ ପ୍ରାପ୍ତି ଲାଗି ତାଙ୍କ ସ୍ତ୍ରୀ , ସନ୍ତାନ ଏବଂ ରାଜ୍ୟ ତ୍ୟାଗ କରି ଦେଇଥିଲେ। ବିଚାର କଲେ ତାହା ଶିବଙ୍କ ବିବାହ ଉଦ୍ଦେଶ୍ୟର ସମ୍ପୂର୍ଣ୍ଣ ବିପରୀତବୋଧକ। ଧାମ, ପରିବାର ଏବଂ ଏକୀକତ୍ୱ ଓ ଜ୍ଞାନ ଅନୁଭବ ଭଳି ବୌଦ୍ଧ ଧର୍ମର ସିଦ୍ଧାନ୍ତ ପ୍ରତି ଏହା ଥିଲା ହିନ୍ଦୁଧର୍ମର ପ୍ରତିକ୍ରିୟା। ବୁଦ୍ଧଙ୍କ ସମୟର ବହୁ ପୂର୍ବରୁ ବେଦ ଓ ଉପନିଷଦଗୁଡ଼ିକରେ ଶିବଙ୍କୁ ଦେବତା ଭାବେ ଚିତ୍ରଣ କରାଯାଇଥିବାବେଳେ, ତାଙ୍କୁ ଜଣେ ସ୍ୱାମୀ, ପିତା ଏବଂ ଗୃହସ୍ଥର କାହାଣୀ ଭିତରେ କେବଳ ରାମାୟଣ ଏବଂ ମହାଭାରତରେ ଦେଖାଯାଇଛି। ଏଠାରେ ବିବାହ ସାମାଜିକ ବିବାହର ରୂପକ ଭାବେ ପ୍ରତୀତ। ଯଦି ବୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ( ନିର୍ବାଣ ବା ମୋକ୍ଷ) ପ୍ରଦାନ କରିଛନ୍ତି , ଶିବ ମଧ୍ୟ ସମାଜରେ ରହି ମୁକ୍ତି ପାଇବା ( ଜୀବ ମୁକ୍ତ)ର ବାଟ ଦେଖାଉଥିଲେ। ସମ୍ପର୍କର ବିଯୁକ୍ତ କରିବା ଏହାର ଉଦ୍ଦେଶ୍ୟ ନ ଥିଲା, ବରଂ ସମ୍ପର୍କ ସହ ଜଡ଼ିତ ହେବା ଲକ୍ଷ୍ୟ ଥିଲା। ଏହା ହିଁ ହେଉଛି ପୁରାଣ ଯୁଗର କାର୍ଯ୍ୟ ପଦ୍ଧତିରେ ପରିବର୍ତ୍ତନର ଧାରା । ଭାରତୀୟ ଉପ ମହାଦେଶରୁ ସନ୍ୟାସ ତଥା ମଠବାସୀ ବୌଦ୍ଧଧର୍ମ ଅପସରିଯାଇଥିବା ବେଳେ ସେହି ପୌରାଣିକ ପରିବର୍ତ୍ତନ ହିନ୍ଦୁଧର୍ମକୁ ତିଷ୍ଠି ରହିବାକୁ ସକ୍ଷମ କରାଇଛି।

–devduttofficial@gmail.com



## ତ୍ରିଫଳା ରସାୟନ



ପଣ୍ଡିତ ହରିଶରଣ ମହାରାଜ

ଆୟୁର୍ବେଦର ଭୀଷ୍ମ ପିତାମହ ଧରୋବର ଚିରସ୍ମରଣୀୟ ବରେଣ୍ୟ 'ବାଗଭଟ' ଏହି ସଂସାରରେ ତ୍ରିଦୋଷ ନାଶକ(ବାତ, ପିତ୍ତ, କଫ) ଦ୍ରବ୍ୟ ଭିତରେ ସର୍ବୋତ୍ତମ ହରିଡ଼ା, ବାହାଡ଼ା, ଅଁଳାକୁ ମାନ୍ୟତା ଦେଇଛନ୍ତି। ଏହି ତ୍ରିଦୋଷନାଶକ ତ୍ରିଫଳାର ପ୍ରଭାବୀକରଣ ମାନବଜାତି ପ୍ରତି ଅମୃତ ସଦୃଶ। ତ୍ରିଫଳା ରସାୟନ ସମ୍ବନ୍ଧେ 'ବାଗଭଟ' ଲିଖିତ ''ଅଷ୍ଟାଙ୍ଗ ହୃଦୟ'' ଏବଂ ''ଅଷ୍ଟାଙ୍ଗ ସଂଗ୍ରହ''ରେ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ସୂତ୍ର ପ୍ରତିପାଦିତ କରିଛନ୍ତି, ଯାହା ଚନ୍ଦ୍ରାର୍କ ଯାବତ୍ ଚିର ଭାସ୍ୱର ରହିବ। ଅମୃତତୁଲ୍ୟ ତ୍ରିଫଳା ରସାୟନ ବ୍ୟବହାର କରୁଥିବା ବହୁ ଲୋକ ଉପଯୁକ୍ତ ଅନୁପାନ ଓ ମାତ୍ରା ବିଧିରହିତ ବ୍ୟବହାର ଯୋଗୁ ଉପଯୁକ୍ତ ପରିଣାମ ପ୍ରାପ୍ତିରୁ ବଞ୍ଚିତ ଅଟନ୍ତି। ଉତ୍କୃଷ୍ଟ ଚିରସ୍ଥାୟୀ, ଚିରଯୌବନ ଏବଂ ଚିରାୟୁ ଲାଭାର୍ଥେ ହରିଡ଼ା, ବାହାଡ଼ା, ଅଁଳାକୁ ଏକ:ଦୁଇ:ତିନି ଭାଗ ଅନୁପାତରେ ଚୂର୍ଣ୍ଣ ରସାୟନ ପ୍ରସ୍ତୁତପୂର୍ବକ ସମୟ ଅନୁପାନଯୁକ୍ତ ବ୍ୟବହାରଲବ୍ଧ ଫଳ ବର୍ଣ୍ଣନାନୀତ, ଯାହା ଚ୍ୟବନପ୍ରାସଠାରୁ ବହୁଗୁଣ ବିମଣ୍ଡିତ। ବାତ, ପିତ୍ତ, କଫ ଗ୍ରସିତ ବ୍ୟକ୍ତିମାନେ ତ୍ରିଫଳା ଚୂର୍ଣ୍ଣକୁ ରାତ୍ର ଶୟନ ପୂର୍ବାନ୍ତ ଉଷ୍ମ କ୍ଷୀର/ଜଳ ସହିତ ସେବନ ଦ୍ୱାରା ଶରୀରର ଅନ୍ତଃସ୍ଥ ବିଜାତୀୟ ତ୍ରିଦୋଷ ନାଶ ସହିତ ମଳମୂତ୍ର, ସ୍ୱେଦ ଶୋଣିତ, ଲସା ଆଦି ମାଧ୍ୟମରେ ନିଷ୍କାସିତ ହୋଇ ସବୁରୋଗର ମୂଳ କାରଣ କୋଷ୍ଠକାଠିନ୍ୟ, ରେଚନ କ୍ରିୟା ଦ୍ୱାରା ଦୂରାରୋଗ୍ୟ ବ୍ୟାଧି ସମୂହ ପ୍ରଶମିତ ହୋଇଥାଏ। ଅପରନ୍ତୁ ସୁସ୍ଥ ଏବଂ ପୋଷକତତ୍ତ୍ୱ ଲାଭାର୍ଥେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାତଃକାଳୀନ ତ୍ରିଫଳା(୨–୫ ଗ୍ରାମ୍) ଗୁଡ଼/ମହୁ ସହିତ ସେବନାନ୍ତେ ଶରୀରର ପୋଷକତତ୍ତ୍ୱ ଏବଂ ଭିଟାମିନ୍ A, C, D, K, ମାଇକ୍ରୋନ୍ୟୁଟ୍ରିଏଣ୍ଟ୍ସ, କ୍ୟାଲ୍‌ସିୟମ, ଆଇରନ, ଜିଙ୍କ୍ ଆଦି ଖଣିଜ ଲବଣ ଶରୀରକୁ ପ୍ରଦାନ କରି ଅଫୁରନ୍ତ ଶକ୍ତି, ଚିରଯୌବନ ଏବଂ ଚିର ଆୟୁ ପ୍ରଦାନ କରିଥାଏ। ତ୍ରିଫଳାର ଶିରୋମଣି ଅଁଳା ଜୀବନବ୍ୟାପୀ ବ୍ୟବହାରକୁ ବାଗଭଟ ଦୃଢ଼ଭାବରେ ସ୍ୱାଗତ କରିବା ସହିତ ତ୍ରିଫଳା ଚୂର୍ଣ୍ଣ ପ୍ରତି ତିନିମାସ ଅନ୍ତରରେ ୧୫ ଦିନ ବିଶ୍ରାମ ଦେବାର ବିଧିବ୍ୟବସ୍ଥା କରିଛନ୍ତି। ଅଁଳା ବ୍ୟବହାର ଶରୀରର ଅକ୍ସିଡେସନ ପ୍ରକ୍ରିୟାକୁ ବାଧାଦେଇ ବିବିଧ ଅଙ୍ଗକ୍ଷୟ ରୋକିବା କାର୍ଯ୍ୟ କରିଥାଏ। ଏହାଦ୍ୱାରା ଚିର ଯୌବନର ଫଳ ମିଳିଥାଏ। ସାମ୍ପ୍ରତିକ ମେଦବହୁଳତା (ଓବେସିଟି)ଦୂର କରିବାର ଶ୍ରେଷ୍ଠ ଉପାଦାନ ଅଁଳା। ସମଗ୍ର ବିଶ୍ୱରେ ଛଅଗୋଟି ଋତୁ ଅନୁଭୂତ ହେଉଥିବା ଆର୍ଯ୍ୟଭୂମି ରାଷ୍ଟ୍ର ଭାରତ ବର୍ଷରେ ଋତୁ ଅନୁକୂଳ ଛଅ ଅନୁପାନ ସହିତ କେବଳ ହରିଡ଼ା ଚୂର୍ଣ୍ଣ ବ୍ୟବହାର ପ୍ରତି ମଣିଷକୁ ଚିର ଯୌବନ, ଆୟୁ ପ୍ରଦାନ କରିଥାଏ, ଯାହା ବୈଜ୍ଞାନିକ ପ୍ରାମାଣିକସିଦ୍ଧ ମାତ୍ର। ଆମର ସୌଭାଗ୍ୟ ଯେ, ବିବିଧ ବନରାଜି, ଜୈବବିବିଧତା ଏବଂ ଆଠଗୋଟି କ୍ଲାଇମେଟିକ୍ ଜୋନ୍‌ରେ ସମୃଦ୍ଧ ଭାରତରେ ପ୍ରକୃତି ଆମକୁ ଯେଉଁ ବୃକ୍ଷରାଜି ପ୍ରବଳମାତ୍ରାରେ ଦେଇଅଛି, ତାହାର ଫଳ ସେତିକି ମାତ୍ରାରେ ଆମକୁ ମିଳିପାରିଥାଏ। (ଶାସ୍ତ୍ରୀୟ ସମ୍ମତ)

କିନ୍ତୁ ସଂସ୍କାରବିହୀନ ପ୍ରଗତିର ମିଛ ସ୍ୱପ୍ନ ବିଭୋରରେ ସରକାର ପ୍ରକୃତିସର୍ବସ୍ୱ ବନରାଜି ଧ୍ୱଂସକରି ଶିଳ୍ପ ପ୍ରତିଷ୍ଠା କେବଳ ଉପହାସ ମାତ୍ର। ବର୍ତ୍ତମାନର ପର୍ଯ୍ୟାବରଣ ଦ୍ରୁତ ଅବକ୍ଷୟର ଫଳସ୍ୱରୂପ ଦେବଭୂମି ଉତ୍ତରାଖଣ୍ଡର ଜ୍ୟୋତିପୀଠ ଧ୍ୱଂସ ଅବସ୍ଥା ଅନୁମେୟ। ଅନ୍ଧାନୁକରଣ ସରକାର ମହାଦ୍ରୁମ ମହୀରୁହ ବୃକ୍ଷମାନ କାଟିକରି ଆକାଶିଆ, ପଟାସ ଗଛ ଲଗାଇବା କେତେଦୂର ଯୁକ୍ତିଯୁକ୍ତ ତାହା ଅନୁମେୟ। ତେବେ ତ୍ରିଫଳାର ସମପରିମାଣ କୃତ ବ୍ୟବହାର କେବଳ ଗୋଟିଏ ବା ଦୁଇଟି ରୋଗରେ ସ୍ଥିରୀକୃତ। ଯଥା ରେଡିଏଶନଜନିତ ସାଂଘାତିକ ଚର୍ମରୋଗ ଏବଂ ସୋରିଆସିସ୍, ଏକ୍‌ଜିମା ବ୍ୟାଧିରେ ସମପରିମାଣ ତ୍ରିଫଳା ଚୂର୍ଣ୍ଣ ବ୍ୟବହାର ଆଶାତୀତ ଫଳ ଦେଇଥାଏ। ଉତ୍ତରପ୍ରଦେଶ ସରକାରଙ୍କ ପ୍ରଣୀତ 'ପଞ୍ଚବଟ' ଯୋଜନା ସ୍ୱରୂପ ଆସନ୍ତୁ ସମସ୍ତେ ବାଡ଼ି ବଗିଚାରେ ନିଶ୍ଚିତରୂପେ ହରିଡ଼ା, ବାହାଡ଼ା, ଅଁଳା, ବେଲ, ଦମ୍‌ବେଲ, ରୁଦ୍ରଜଟା, ଅମରବେଲ, ଲୋଧ, ଚିତାପାରୁ ଆଦି ଗୁଳ୍ମ ଲତାର ସଂରକ୍ଷଣ ଏବଂ ରୋପଣ ଦ୍ୱାରା ମାନବ ଜାତିର ଅଫୁରନ୍ତ କଲ୍ୟାଣ ଅପରିହାର୍ଯ୍ୟ। କାରଣ –ପରୋପକାରାୟ ଫଳନ୍ତି ବୃକ୍ଷାଃ, ପରୋପକାରାୟ ବହନ୍ତି ନଦ୍ୟାଃ/–ପରୋପକାରାୟ ଦୁହ୍ୟନ୍ତି ଗାବଃ, ପରୋପକାରାୟ ଇଦଂ ଶରୀରମ୍।

ହରିଡ଼ା ଘଟିତ ଗୋମୂତ୍ର ହରିତକୀ, ବ୍ୟାଘ୍ର ହରିତକୀ, ବିଲ୍ୱାଦି ହରିତକୀ, ଚିତ୍ରାକାଦି ହରିତକୀ ଶ୍ୱାସ, କାଶ, ଦମା ହୃଦୟାଦି ରୋଗରେ ରାମବାଣ ଔଷଧ। ସେଥିପାଇଁ ଧାତ୍ରୀ(ଅଁଳା) ସାଦୃଶ୍ୟ ହରିଡ଼ାକୁ ଶାସ୍ତ୍ରରେ କୁପୁତ୍ର ଜାୟତେ କୋଚିଦେଽପି କୁମାତା ନ ଭବତି ରୂପେ ବର୍ଣ୍ଣନା କରାଯାଇଛି। ହରିଡ଼ା, ଅଁଳା ମାତୃସଦୃଶା ବନ୍ଦନୀୟ।

**ଆୟୁର୍ବେଦାଚାର୍ଯ୍ୟ, ବ୍ରହ୍ମେଶ୍ୱର ଆଶ୍ରମ, ନୟାଗଡ଼**
**ମୋ: ୯୬୫୮୦୧୮୨୭୭**

## ଏଇ ଭାରତରେ

ପ୍ଲାଷ୍ଟିକ୍ ବୋତଲରେ ଘର ନିର୍ମାଣ କରି ପରିବେଶ ପ୍ରଦୂଷଣ ରୋକିବାରେ ଅଭିନବ ଉପାୟ ଆପଣାଇଛନ୍ତି ଔରଙ୍ଗାବାଦ୍‌ର ନମିତା କାପାଡେ ଏବଂ କଲ୍ୟାଣୀ ଭାରମ୍ବେ। ଘରକାନ୍ଥ ନିର୍ମାଣ କରିବାରେ ୧୬,୦୦୦ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଇଛି। ନମିତା ଆର୍ଟ ଆଣ୍ଡ୍ ଡିଜାଇନ ଓ କଲ୍ୟାଣୀ ଫାଇନ୍ ଆର୍ଟରେ ଡିଗ୍ରୀ ହାସଲ କରିଛନ୍ତି। ବୋତଲରେ ମାଟି ଭର୍ତ୍ତିକରି ପ୍ଲାଷ୍ଟିକ୍ ଇଟା ନିର୍ମାଣ କରାଯାଇଛି। ଔରଙ୍ଗାବାଦ୍‌ର ସରକାରୀ ଇଞ୍ଜିନିୟରିଂ କଲେଜରେ ସେ ଇଟା ପରୀକ୍ଷା କରାଯିବା ପରେ ଏହି ଘରେ ବ୍ୟବହାର କରାଯାଇଛି। ଏହିସବୁ ବୋତଲ ସେମାନେ ଔରଙ୍ଗାବାଦ୍‌ର ବର୍ଜ୍ୟ ସଂଗ୍ରହକାରୀ, ହୋଟେଲ ଏବଂ ଗ୍ରୋସେରି ଦୋକାନରୁ ସଂଗ୍ରହ କରୁଛନ୍ତି। ବର୍ଜ୍ୟ ସଂଗ୍ରହ କରୁଥିବାରୁ ନମିତାଙ୍କୁ ଲୋକେ ପ୍ରଥମେ ବୋତଲବାଲି କିମ୍ବା ପ୍ଲାଷ୍ଟିକ୍‌ବାଲି ଡାକୁଥିଲେ। ହେଲେ ସେ ଏହାକୁ ଖାତିର ନ କରି ଏବେ ଯେଉଁ ଘର ନିର୍ମାଣ କରିଛନ୍ତି ତାହାକୁ ଅନ୍ୟମାନେ ପ୍ରଶଂସା କରୁଛନ୍ତି। ସେ ପ୍ଲାଷ୍ଟିକ୍ ବୋତଲରେ ନିର୍ମିତ ଇଟାକୁ ଉପରକୁ ଉପର ରଖି ସେଗୁଡ଼ିକୁ ଗୋବର ଓ ମାଟିରେ ଯୋଡ଼େଇ କରୁଛନ୍ତି। ଘରର ଛାତ ବାଉଁଶ ଓ କାଠରେ କରାଯାଇଛି। ଘରଟି ୧୦ ମାସରେ ସମ୍ପୂର୍ଣ୍ଣ ହୋଇଛି। ଏହି ଘର ଲାଗି ଖର୍ଚ୍ଚ ହୋଇଛି ୭ ଲକ୍ଷ ଟଙ୍କା। ଏହି ଦୁଇ ବାନ୍ଧବୀ ଅଧିକ ଘର ନିର୍ମାଣ କରିବା ଯୋଜନା କରିଛନ୍ତି। ନମିତା କହନ୍ତି, ଏହି ଘରେ ଖରାଦିନେ ଏୟାରକଣ୍ଡିଶନର ଆବଶ୍ୟକ ହେବନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଫେବୃୟାରୀ ୧୯୯୮

- କାମେରୁନର ରାଜଧାନୀ ବାଂଦୁଂଠାରେ ଏକ ତୈଳବାହୀ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୧୦୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳ ୱାନି ଅଞ୍ଚଳକୁ ଅଗ୍ରସର ହେଉଥିବା ସୈନ୍ୟଙ୍କ ଉପରେ ଏଲ୍‌ଟିଟିଇ ଉଗ୍ରପନ୍ଥୀମାନେ ଆକ୍ରମଣ କରିବା ଫଳରେ ୧୦ ସୈନ୍ୟ ନିହତ।
- ମଣିପୁରରେ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ଘଟି ୭ ଜଣ ସିଆର୍‌ପିଏଫ୍ ଯବାନଙ୍କ ସମେତ ୧୦ ମୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 3 | | | 9 | | 8 | |
| | | | | 8 | | 7 | | |
| | | | | | 5 | 4 | | |
| 9 | 8 | | | 5 | 4 | 3 | 2 | |
| | | | 7 | | | | | |
| | 6 | 5 | | 3 | | | 4 | |
| | | | | 4 | 3 | | | 9 |
| | | | 2 | | | | 6 | |
| | | | | 1 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 5 | 3 | 9 | 6 | 7 | 2 |
| 3 | 2 | 7 | 6 | 1 | 4 | 9 | 5 | 8 |
| 9 | 6 | 5 | 8 | 2 | 7 | 1 | 4 | 3 |
| 7 | 1 | 6 | 2 | 9 | 5 | 8 | 3 | 4 |
| 4 | 9 | 2 | 7 | 8 | 3 | 5 | 1 | 6 |
| 5 | 3 | 8 | 1 | 4 | 6 | 7 | 2 | 9 |
| 6 | 7 | 4 | 3 | 5 | 8 | 2 | 9 | 1 |
| 1 | 8 | 9 | 4 | 7 | 2 | 3 | 6 | 5 |
| 2 | 5 | 3 | 9 | 6 | 1 | 4 | 8 | 7 |

ଗତକାଲିର ଉତ୍ତର

# ବୁଝି ବିଚାରି କାର୍ଯ୍ୟ କଲେ...



ବୈକୁଣ୍ଠନାଥ ମିଶ୍ର

ପୁରାଣ ଓ ଇତିହାସଠାରୁ ଆରମ୍ଭକରି ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ କିଛି ଅବିମୃଶ୍ୟକାରୀ ବ୍ୟକ୍ତି ବିଶେଷ ସ୍ୱକୀୟ ଭ୍ରମିତ ମତକୁ ଶ୍ରେଷ୍ଠରୂପେ ପ୍ରତିପାଦିତ କରିବା ଦୃଷ୍ଟାନ୍ତର ଅଭାବ ନାହିଁ। ମହାଭାରତରେ ଦୁର୍ଯ୍ୟୋଧନ ଏକ ବଳିଷ୍ଠ ଉଦାହରଣ। ଗୁରୁ, ଗୁରୁଜନଙ୍କ ଉପଦେଶକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ମତକୁ ଠିକ୍ ବୋଲି ସାବ୍ୟସ୍ତ କରିବାରେ ଏତେ ବ୍ୟଗ୍ରହୋଇ ଉଠିଲା ଯେ ସେ ତା'ର ବିନାଶ ମାର୍ଗକୁ ସୁଗମ କରିଦେଲା। ଏପରି କି ଶାନ୍ତିଦୂତ ରୂପେ ଆସିଥିବା ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦେବାକୁ ପଛାଇ ନ ଥିଲା। ଇତିହାସରେ ମଧ୍ୟ ଅନେକ ଦୃଷ୍ଟାନ୍ତ ପ୍ରଣିଧାନଯୋଗ୍ୟ। ମୋଗଲ ସମ୍ରାଟ ଆଉରଙ୍ଗଜେବ୍ ନିଜ ଉଗ୍ର ଚିନ୍ତାଧାରା ଉପରେ ଏତେ ନିବିଷ୍ଟ ଥିଲେ ଯେ 'ଜିଜିୟା' କର ଉଚ୍ଛେଦ ପାଇଁ ନିବେଦନ କରିବାକୁ ଆସିଥିବା ଶତାଧିକ ବ୍ରାହ୍ମଣଙ୍କୁ ଅଶ୍ୱ ଚଢ଼ାଇ ହତ୍ୟା କରିବାକୁ ପଛାଇ ନ ଥିଲେ। ରାଜପରିବାରର ବିଜ୍ଞ ପଣ୍ଡିତଙ୍କ ଉପଦେଶକୁ ତାଚ୍ଛଲ୍ୟରେ ଉଡ଼ାଇ ଦେଇ ନିଜ ଚିନ୍ତାଧାରା ଓ ନିଜେ ନେଇଥିବା ପଦକ୍ଷେପ ଅତ୍ୟନ୍ତ ନିର୍ଭୁଲ ବୋଲି ପ୍ରମାଣ କରିଦେଲେ। ଏସବୁ ଦୃଷ୍ଟାନ୍ତ ଆମକୁ ଗୋଟିଏ କଥା ସୂଚିତ କରାଇ ଦେଉଛି ଯେ ମଣିଷ ନିଜକୁ ବଳବାନ ବୋଲି ଯେତେ ଆସ୍ପର୍ଦ୍ଧା କରୁଥିଲେ ମଧ୍ୟ ସେ ଯେ ସମୟ ଚକ୍ରର ଘୂର୍ଣ୍ଣନରେ ଦିନେ ଦଳିତ ମଥିତ ହୋଇଯିବ ଏପରି ଚିନ୍ତା ତା' ମନୋରାଜ୍ୟକୁ ଉଦ୍‌ବେଳିତ କରି ନ ଥାଏ। ବର୍ତ୍ତମାନ ସମୟରେ ମଧ୍ୟ ଆମେ ଏପରି ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟହ ଦେଖୁଛୁ ଓ ଅନିଚ୍ଛା ସତ୍ତ୍ୱେ ତାଙ୍କ କାର୍ଯ୍ୟଧାରାକୁ ସହ୍ୟ କରିବାକୁ ବାଧ୍ୟ ହେଉଛୁ।

ବେଳେବେଳେ ଶାସନଡୋରିକୁ ନିଜ ଆୟତ୍ତରେ ରଖିଥିବା ନେତୃମଣ୍ଡଳୀ ସେମାନଙ୍କ ଅବିମୃଶ୍ୟକାରିତା ପାଇଁ ଲୋକଚକ୍ଷୁରେ ନିନ୍ଦିତ ହୁଅନ୍ତି। ୧୯୭୫ ଜୁନ୍ ୨୫ ତାରିଖରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଘୋଷିତ ହୋଇଥିଲା ଜରୁରୀ ପରିସ୍ଥିତି। ସଂକୀର୍ଣ୍ଣ ସ୍ୱାର୍ଥ ସିଦ୍ଧିକୁ ପ୍ରାଧାନ୍ୟ ଦେଇ ଶାସନର ନିରଙ୍କୁଶ କ୍ଷମତା ଜାବୋଡି ଧରିବା ଥିଲା ଜରୁରୀ ପରିସ୍ଥିତି ଉଦ୍‌ଘୋଷଣାର ମୂଳ କାରଣ। ତାଙ୍କର ଏକ ଭୁଲ ପାଇଁ ଯେତେବେଳେ ସେ କ୍ଷମତାରୁ ଅପସୃତ ହେବା ନିଶ୍ଚିତ ବୋଲି ଅନୁଭବ କଲେ, ସେ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଜାରିକରି ନିଜକୁ ଏକଚ୍ଛତ୍ର ଶାସକ ହିସାବରେ ପ୍ରତିଷ୍ଠିତ କଲେ। ଏପରି କି ପରମ୍ପରାକୁ ଜଳାଞ୍ଜଳି ଦେଇ ସର୍ବୋଚ୍ଚ ନ୍ୟାୟାଳୟର ତିନିଜଣ ବିଚାରପତିଙ୍କ ବରିଷ୍ଠତାକୁ ଉପେକ୍ଷା କରି ନିଜକୁ ସୁହାଇଲାଭଳି ଜଣେ କନିଷ୍ଠ ବିଚାରପତିଙ୍କୁ ପ୍ରଧାନ ବିଚାରପତି ଆସନରେ ଅଧିଷ୍ଠିତ କରାଇଲେ। ଦେଶର ଶାସନ ବ୍ୟବସ୍ଥାରେ ସୃଷ୍ଟି ହେଲା ଭୀଷଣ ଅରାଜକତା। ଦମନଲୀଳା ସ୍ୱରୂପ ବିରୋଧୀ ନେତାମାନଙ୍କୁ କାରାରୁଦ୍ଧ କରାଗଲା। ଦୀର୍ଘ ୧୯ ମାସ ଧରି ଦେଶରେ ଜରୁରୀ ପରିସ୍ଥିତି ବଳବତ୍ତର ରହିଲା। ଭାରତରେ ଗଣତନ୍ତ୍ରକୁ ହତ୍ୟା କରାଗଲା ବୋଲି ଏକ ବୈଶ୍ୱିକ ଧାରଣା ସୃଷ୍ଟି ହେଲା। ଜଣେ ବ୍ୟକ୍ତିଙ୍କର ଅବିଚାରିତ କାର୍ଯ୍ୟଧାରା ଯୋଗୁ କଂଗ୍ରେସ ଭଳି ଏକ ପ୍ରାଚୀନ ରାଜନୈତିକ ଦଳ ଘୋର ସଙ୍କଟର ସମ୍ମୁଖୀନ ହେଲା। ସେପରି ପରିସ୍ଥିତି ଆଉ କେବେ ଭାରତରେ ଉପୁଜି ନ ଥିଲେ ମଧ୍ୟ ସମୟେ ସମୟେ କିଛି ନେତାଙ୍କର ଅବିମୃଶ୍ୟକାରୀ ପଦକ୍ଷେପ ଦେଶବାସୀଙ୍କୁ ଭୋଗ କରିବାକୁ ପଡୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣ ପଦକ୍ଷେପର ଔଚିତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେଲା। ଦେଶରୁ ଦୁର୍ନୀତି ହଟିବ, କଳାଧନ ଲୋପପାଇବ, ନକଲି ନୋଟ କାରବାରରେ ପୂର୍ଣ୍ଣଚ୍ଛେଦ ପଡିବ, ସନ୍ତ୍ରାସବାଦୀଙ୍କୁ ଅବୈଧ ଅର୍ଥଚାଳଣ ବନ୍ଦହେବ, ଟିକସ ଫାଙ୍କିବା ଅସହଜ



ହେବ, ଧନୀର ନିଦ୍ରା ହଜିଯିବ ଓ ଗରିବ ସୁଖନିଦ୍ରା ଯିବାଭଳି ଶ୍ରୁତି ମଧୁରବାଣୀ ଦେଶବାସୀଙ୍କୁ ଦେଲା ଏକ ଦୁଃସହ ଯନ୍ତ୍ରଣା। ନୋଟ ବଦଳ ପ୍ରକ୍ରିୟାରେ ସବୁଠାରୁ ଦୁଃସ୍ଥିତିର ସମ୍ମୁଖୀନ ହେଲେ କ୍ଷୁଦ୍ର ବ୍ୟବସାୟୀଙ୍କ ସହ ସାଧାରଣ ଜନତା। ଅଚଳ ନୋଟ ବଦଳ ପ୍ରକ୍ରିୟାରେ ବ୍ୟାଙ୍କମାନଙ୍କରେ ଅସମ୍ଭବ ଭିଡକୁ ସମ୍ଭାଳି ନ ପାରି ଶହେରୁ ଉର୍ଦ୍ଧ୍ୱ ନିରୀହ ଲୋକଙ୍କର ପ୍ରାଣହାନି ଘଟିଲା। ଆଜିର ଦିନରେ ଆଶ୍ଚର୍ଯ୍ୟର କଥା ଏହି ଯେ ବିପୁଳ ମୂଲ୍ୟର ଛପା ହୋଇଥିବା ଦୁଇହଜାର ଟଙ୍କିଆ ନୋଟ ଆଉ ବଜାରରେ ଦୃଶ୍ୟ ହେଉନାହିଁ। ସାଧାରଣ ଲୋକେ କହିବାକୁ ଲାଗିଲେଣି ଯେ ଉକ୍ତ ନାଲିନୋଟ ଆଉ ସାଧାରଣଙ୍କ ହାତ ପାହାନ୍ତାରେ ନାହିଁ। ଏହା କଳାଧନର ରୂପନେଇ ଅସାଧୁଙ୍କ ଆଲମାରିରେ ସାଇତା ହେଲାଣି। ବିମୁଦ୍ରୀକରଣ ବିପକ୍ଷରେ ଦାଏର ହୋଇଥିବା ୫୮ଟି କେସ୍‌କୁ ସର୍ବୋଚ୍ଚ ନ୍ୟାୟାଳୟର ଏକ ପାଞ୍ଚଜଣିଆ ଖଣ୍ଡପୀଠ ବିଚାର କରି ୪:୧ ରାୟରେ କହିଛନ୍ତି, ବିମୁଦ୍ରୀକରଣ ସରକାରଙ୍କର ଏକ ନିର୍ଭୁଲ ପଦକ୍ଷେପ। ଉକ୍ତ ଖଣ୍ଡପୀଠର ଏକମାତ୍ର ମହିଳା ବିଚାରପତି ବି.ଭି. ନାଗରତ୍ନା ମତ ଦେଇଛନ୍ତି ଯେ ବିମୁଦ୍ରୀକରଣ ଏକ ଭୁଲ ଓ ଅଗଣତାନ୍ତ୍ରିକ ନିଷ୍ପତ୍ତି। ତାଙ୍କ ମତରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାର୍ଲାମେଣ୍ଟ ଓ ମନ୍ତ୍ରୀ ପରିଷଦର ବିନାନୁମୋଦନରେ ନିଆଯିବା ଆଦୌ ଉଚିତ ହୋଇନାହିଁ। ଯଦିଓ ଜଷ୍ଟିସ୍ ନାଗରତ୍ନାଙ୍କ ମତରେ କୌଣସି ପ୍ରାସଙ୍ଗିକତା ନାହିଁ, ଯେହେତୁ ଏହା ସଂଖ୍ୟାଗରିଷ୍ଠଙ୍କ ମତ ନୁହେଁ, ତଥାପି ଭାରତର ଅଗଣିତ ବ୍ୟକ୍ତି ଜଷ୍ଟିସ୍ ନାଗରତ୍ନାଙ୍କ ସହ ଏକମତ, ଏଥିରେ ସନ୍ଦେହ ନାହିଁ।

ଏହି ପରିପ୍ରେକ୍ଷୀରେ ଏକ ପ୍ରାଚୀନ ଘଟଣାର ଦୃଷ୍ଟାନ୍ତ ଆଲୋଚନା ସାପେକ୍ଷ। ପ୍ରାଚୀନ 'ତକ୍ଷଶିଳା' ଏକ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ହିସାବରେ ଦେଶ ବିଦେଶରେ ତା'ର ଗରିମା ପ୍ରକଟ କରିଥିଲା। ରାଜା 'ତକ୍ଷ'ଙ୍କ ନାମାନୁସାରେ ଉକ୍ତ ସ୍ଥାନ ତକ୍ଷଶିଳା ରୂପେ ବିଦିତ ଥିଲା। ଥରେ ରାଜା ତକ୍ଷ ତାଙ୍କର ଏକ ସନ୍ଦେହ ମୋଚନ ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଜ୍ଞ, ବିଦ୍ୱାନ ପଣ୍ଡିତମାନଙ୍କର ପରାମର୍ଶ ଲୋଡିଲେ। ସନ୍ଦେହଟି ହେଲା – ଜୀବନରେ ସଫଳତା ପ୍ରାପ୍ତି ନିମନ୍ତେ ସର୍ବୋତ୍ତମ ମାର୍ଗଟି କ'ଣ ? ବିଶ୍ୱବିଦ୍ୟାଳୟର ସବୁଠାରୁ ବିଜ୍ଞ ପଣ୍ଡିତ 'ଋଷିନିଦାଘ'ଙ୍କ ଉପରେ ଉକ୍ତ ସମସ୍ୟା ସମାଧାନର ଦାୟିତ୍ୱ ନ୍ୟସ୍ତ କରାଗଲା। ବହୁ ଭାବିଚିନ୍ତି 'ନିଦାଘ' କହିଲେ, ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର କଳ୍ପନା ଶକ୍ତିକୁ ପ୍ରସାରିତ କରି ଏକ ନିର୍ଦ୍ଧାରିତ ସିଦ୍ଧାନ୍ତରେ ଉପନୀତ ହେବ। ଉକ୍ତ ସିଦ୍ଧାନ୍ତକୁ ରୂପାୟିତ କରିବା ପୂର୍ବରୁ ପଣ୍ଡିତଜନଙ୍କ ଉପଦେଶ ଓ ପରାମର୍ଶ ଗ୍ରହଣ କରିବ। ଯଦି କଳ୍ପିତ କାର୍ଯ୍ୟଟି ଅମଙ୍ଗଳଦାୟକ ଓ ଜନକଲ୍ୟାଣର ପରିପନ୍ଥୀ ବୋଲି ବିବେଚିତ ହୁଏ, ତେବେ ସେଭଳି କାର୍ଯ୍ୟ ବା ନିଷ୍ପତ୍ତିରୁ ବିରତ ରହିବା ଉଚିତ। ଏଠାରେ ଏତିକି କୁହାଯାଇପାରେ ଯେ କଳ୍ପିତ ଭାବନାର ଔଚିତ୍ୟକୁ ସିଦ୍ଧ କରିବାକୁ ହେବ। ପଣ୍ଡିତ ନିଦାଘ ଏକଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ ଯେ ରାଜନେତା, ଶାସକ, ପ୍ରଶାସକ ଓ ଶାସନ ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ, ଯେତେ ଉଚ୍ଚ ପଦପଦବୀରେ ଭୂଷିତ ହୋଇଥାନ୍ତୁ ନା କାହିଁକି ନିଜ ଇଚ୍ଛାକୁ ଅନ୍ୟ ଉପରେ ଲଦିଦେବା ଭଳି ପ୍ରୟାସକୁ ପରିହାର କରିବା ଉଚିତ। ଉଚ୍ଚ ପଦାଧିକାରୀ ସମସ୍ତ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ଯାଇ କେବଳ ସକାରାତ୍ମକ ଓ ବହୁଜନହିତାୟ ଭଳି ଭାବନାକୁ ଉପଯୁକ୍ତ ବିଚାର ଆଲୋଚନା ମାଧ୍ୟମରେ ରୂପାୟିତ କରିବା ବିଧେୟ।

ପୁରାଣ ହେଉ, ଇତିହାସ ହେଉ ଅବା ଆଧୁନିକ ଯୁଗର ଘଟଣାବଳୀ ହେଉ, ଯେଉଁଠି ପ୍ରାଜ୍ଞ, ଗୁରୁ, ଗୁରୁଜନ ଏପରିକି ହିତୈଷୀ ଓ ଶୁଭେଚ୍ଛୁଙ୍କ ପରାମର୍ଶକୁ ଉପେକ୍ଷା କରାଯାଇଛି କିମ୍ବା ସେମାନଙ୍କୁ ଅନ୍ଧକାରରେ ରଖି ସ୍ୱୟଂକ୍ରିୟ ନିଷ୍ପତ୍ତି ନିଆଯାଇଛି, ତାହା ଅହିତକର ପଦକ୍ଷେପ ବୋଲି ପ୍ରମାଣିତ ହୋଇଛି। ତେଣୁ 'ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ ପଡ଼ଇ ଭଲେ'।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,

ଦୀର୍ଘଦିନ ଧରି ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରି ଅବ୍ୟାହତି ନେଇଥିବା କେତେକ ପ୍ରତିନିଧି ଏବେ ମଧ୍ୟ ଦୟନୀୟ ଭାବରେ ଜୀବନ ବିତାଉଛନ୍ତି। ସ୍ୱାସ୍ଥ୍ୟବୀମା ବ୍ୟତୀତ ଅନ୍ୟ କିଛି ଆର୍ଥିକ ସୁବିଧା ନାହିଁ। ଖବରଦାତା ଭାବରେ କାମ କରିଆସିଥିବା ଏହି ବର୍ଷୀୟାନ ଖବରଦାତାମାନଙ୍କୁ ପେନ୍‌ସନ ବ୍ୟବସ୍ଥା କରିବାକୁ ବହୁଦିନରୁ ଦାବି ହେଉଛି। ପଡ଼ୋଶୀ ରାଜ୍ୟଗୁଡ଼ିକ ଖବରଦାତାମାନଙ୍କୁ ଆଖିଦୃଶିଆ ପେନ୍‌ସନ ବ୍ୟବସ୍ଥା କରିଛନ୍ତି। ବରିଷ୍ଠ ଖବରଦାତାମାନେ ଯୁବକ ଅବସ୍ଥାରୁ ସମାଜସେବାକୁ ବୃତ୍ତି ଭାବରେ ଗ୍ରହଣ କରି ଜନସାଧାରଣଙ୍କୁ ସତ୍ୟ ଓ ନିରପେକ୍ଷ ଖବର ଯୋଗାଇ ଆସୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଜନମଙ୍ଗଳ ଓ ସମାଜସେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏହାଦ୍ୱାରା ବିଭିନ୍ନ ବର୍ଗର ଲୋକେ ଉପକୃତ ହେଉଛନ୍ତି। କିନ୍ତୁ ଆମ ସରକାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ କିଛି ଆଖିଦୃଶିଆ କାର୍ଯ୍ୟ ଏ ପର୍ଯ୍ୟନ୍ତ କରିନାହାନ୍ତି। ସରକାର ଅନ୍ୟ ପଡ଼ୋଶୀ ରାଜ୍ୟ ପରି ପେନସନ ବ୍ୟବସ୍ଥା ଲାଗୁ କଲେ ଅବହେଳିତ ବରିଷ୍ଠ ଖବରଦାତାମାନେ ଉପକୃତ ହୋଇପାରିବେ।

**–ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




ହକି ବିଶ୍ୱକପ୍-୨୦୨୩କୁ ସଫଳତାର ସହ ସମ୍ପନ୍ନ କରାଇଥିବା ଆୟୋଜକ କମିଟି, ବିଭିନ୍ନ ବିଭାଗର ମୁଖ୍ୟ ଏବଂ ଏଜେନ୍ସିକୁ ବୁଧବାର କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

# ବରିଷ୍ଠ ଅଧିକାରୀ ଝିଅଙ୍କ ଚପଲ ପାଇଁ ଆର୍‌ପିଏଫ୍ ଘାଇଲା

**ସମ୍ବଲପୁର, ୧୫।୨ (ବ୍ୟୁରୋ)**

- ଜିଆର୍‌ପି, ଆଇଆର୍‌ସିଟିସି ମଧ୍ୟ ଖୋଜିବାରେ ସାମିଲ ଥିଲେ
- ଜାନୁୟାରୀ ୫ରେ ହୋଇଥିଲା ଅଭିଯୋଗ
- ଦିଲ୍ଲୀର ଡାକ୍ତର ଭୁଲ୍‌ରେ ମାଡ଼ି ଚାଲିଯାଇଥିଲେ

ସମ୍ବଲପୁର ରେଳମଣ୍ଡଳ ଅଧୀନ ଆର୍‌ପିଏଫ୍‌ରେ ଜାନୁୟାରୀ ୫ରେ ଚପଲ ଚୋରି ନେଇ ଅଭିଯୋଗ ହୋଇଥିଲା। ଏକମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହାକୁ ଖୋଜିବାରେ ଆର୍‌ପିଏଫ୍ ପୋଲିସ ଘାଇଲା ହୋଇଯାଇଥିଲା। ଘଟଣା ଶୁଣିଲେ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି କୌତୂହଳ ସୃଷ୍ଟି କରୁଛି। ହେଲେ ଏହା ସତ୍ୟ। ଏବେ ଉକ୍ତ ଚପଲ ଦିଲ୍ଲୀର ଜଣେ ମହିଳା ଡାକ୍ତରଙ୍କ ପାଖରୁ ଉଦ୍ଧାର କରାଯାଇଛି। ସୂଚନାକ୍ରମେ ମହିଳା ଡାକ୍ତର ଓ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ବିନିତ କୁମାର ସିଂଙ୍କ ଝିଅ ଟ୍ରେନ୍‌ରେ ଏକାଠି ଯାତ୍ରା କରୁଥିଲେ। ଜାନୁୟାରୀ ୪ ତାରିଖ ଭୋର ୪ଟାରେ ମହିଳା ଡାକ୍ତର ଜଣଙ୍କ ବରେଲି ଷ୍ଟେଶନରେ ଓହ୍ଲାଇଥିଲେ। ହେଲେ ସେ ଭୁଲ୍‌ବଶତଃ ପାଖରେ ବସିଥିବା ପ୍ରବନ୍ଧକ ସିଂ ଝିଅଙ୍କ ଚପଲ ପିନ୍ଧି ଚାଲିଯାଇଥିଲେ। ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ଓ ସେ ଏହାକୁ ଫେରାଇଦେବେ ବୋଲି ପୋଲିସ ପାଖରେ ବୟାନ ଦେଇଥିବା କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମଣ୍ଡଳ ପ୍ରବନ୍ଧକ ସିଂ ଚପଲ ଚୋରି ନେଇ ଜାନୁୟାରୀ ୫ରେ ଆର୍‌ପିଏଫ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କେବଳ ଆର୍‌ପିଏଫ୍ ନୁହେଁ, ଜିଆର୍‌ପି ଏବଂ ଆଇଆର୍‌ସିଟିସି ଭଳି ଅନ୍ୟ ରେଲୱେ ସଂସ୍ଥାକୁ ଚପଲ ଖୋଜିବା ପାଇଁ ନିୟୋଜିତ କରାଯାଇଥିଲା। ଅନ୍ୟପଟେ ଯାତ୍ରୀଙ୍କ ଧନଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଲୱେ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି କି ସଚେତନତା କାର୍ଯ୍ୟକ୍ରମ ସହ ମକ୍‌ଡ୍ରିଲ ଆୟୋଜନ ହେଉଛି। ଅନେକ ଯାତ୍ରୀ ଚୋରି ଯାଇଥିବା ମୂଲ୍ୟବାନ୍ ସାମଗ୍ରୀ ଫେରି ପାଉଥିବାବେଳେ ଆଉ କେତେଜଣ ଫେରସ୍ତ ପାଉନାହାନ୍ତି। ଏହି ଘଟଣାରେ ଚପଲ ଖୋଜି ପାଇବା ଆର୍‌ପିଏଫ୍ ପାଇଁ ଯେତିକି ସଫଳତା ଆଣିଛି ସେତିକି ଆଲୋଚନାର ବିଷୟ ହୋଇଛି। ଏ ନେଇ ଆର୍‌ପିଏଫ୍ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଏଚ୍‌ଏସ୍‌ଆର୍‌ପି ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

- ୨୬୭୪ ଯାନ ବିରୋଧରେ କଟିଛି ଚାଲାଣ
- ୫ରୁ ୧୦ ହଜାର ପର୍ଯ୍ୟନ୍ତ କଟିବ ଜରିମାନା

କଠୋର ହେଲେ ରାଜ୍ୟ ସରକାର। ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍(ଏଚ୍‌ଏସ୍‌ଆର୍‌ପି) ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ୨୬୭୪ ଯାନ ବିରୋଧରେ ଚାଲାଣ କାଟିଛି। ଫେବୃୟାରୀ ୧ରୁ ଗତ ୧୧ ତାରିଖ ପର୍ଯ୍ୟନ୍ତ ୧୧ଦିନ ଭିତରେ ଏହି ସବୁ ଚାଲାଣ କଟାଯାଇଛି। ୨୦୨୨ ଜୁନ୍ ୧ ତାରିଖ ପୂର୍ବରୁ ରାଜ୍ୟ ପରିବହନ ବିଭାଗ ସମସ୍ତ ଶ୍ରେଣୀ ଯାନ ପାଇଁ ଏଚ୍‌ଏସ୍‌ଆର୍‌ପି ବାଧ୍ୟତାମୂଳକ କରିଛନ୍ତି,ଯାହା ୨୦୧୯ ଏପ୍ରିଲ ୧ ପୂର୍ବରୁ ପଞ୍ଜୀକୃତ ହୋଇଥିଲା। ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଆଡିସନାଲ କମିଶନର ଟ୍ରାନ୍ସପୋର୍ଟ ଲାଲମୋହନ ସେଠୀ କହିଛନ୍ତି, ୨୦୨୩ ଫେବୃୟାରୀ ୧୩ ସୁଦ୍ଧା ମୋଟ୍ ୩୮,୪୯,୪୯୮ ଜଣ ଗାଡିମାଲିକ ସ୍ଲଟ୍ ବୁକ୍ କରିଛନ୍ତି। ସେଥିମଧ୍ୟରୁ ୩୧,୬୫,୮୫୦ଟି ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଯାଇଛି। ଏମ୍‌ଭି ଧାରା ୧୯୨ ଅଧୀନରେ ଆକ୍ଟ ୧୯୮୮ ଅନୁଯାୟୀ ଯଦି ନିର୍ଦ୍ଧାରିତ ତାରିଖ ମଧ୍ୟରେ ଗାଡିରେ ଏଚ୍‌ଏସ୍‌ଆର୍‌ପି ସହିତ ସଂଲଗ୍ନ ନ ହୁଏ, ତେବେ ଗାଡି ମାଲିକଙ୍କ ବିରୋଧରେ ଇ-ଚାଲାଣ ଜାରି କରାଯିବ। ଜରିମାନା ବାବଦକୁ ୫୦୦୦ ଟଙ୍କା କିମ୍ବା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯିବ ବୋଲି କମିଶନର କହିଛନ୍ତି।

ସେ ଆହୁରି କହିଛନ୍ତି, ଏ ପର୍ଯ୍ୟନ୍ତ ଜାରି କରାଯାଇଥିବା ଚାଲାଣଗୁଡିକ ମଧ୍ୟରେ ଅଧିକାଂଶ ଯାନ ଦୁଇଚକିଆ । ଜରିମାନା ଉଲ୍ଲଂଘନକାରୀଙ୍କ ଉପରେ ୫୦୦୦ ଟଙ୍କା ଜରିମାନା ଲଗାଯାଇଛି। ଭବିଷ୍ୟତରେ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ଗାଡି ମାଲିକମାନେ ଇଣ୍ଟରନେଟ୍‌ର ବ୍ୟବହାର କରନ୍ତି ନାହିଁ କିମ୍ବା ଟେକ୍ନୋଲୋଜି ବିଷୟରେ ଅଧିକ ଜ୍ଞାନ ନାହିଁ, ସେମାନେ ନିକଟସ୍ଥ ମୋ' ସେବା କେନ୍ଦ୍ର କିମ୍ବା ସେମାନଙ୍କ ସୁବିଧା ଅନୁଯାୟୀ ଆର୍‌ଟିଓରେ ଥିବା ଏଚ୍‌ଏସ୍‌ଆର୍‌ପି ସୁବିଧା କେନ୍ଦ୍ର ମାଧ୍ୟମରେ ଏଚ୍‌ଏସ୍‌ଆର୍‌ପି ପାଇଁ ଆବେଦନ କରିପାରିବେ। ୨୦୧୯ ଜାନୁୟାରୀ ୧ ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନଗୁଡିକ, ଯାହାକି ଓଡ଼ିଶା ରେଜିଷ୍ଟ୍ରେଶନ୍ ନମ୍ବର ଥିବା ୧,୨, ୩, ୪, ୫ ଓ ୬ ପୁରୁଣା ଯାନଗୁଡିକରେ ଏଚ୍‌ଏସ୍‌ଆର୍‌ପି ସଂଲଗ୍ନ କରିବାର ସମୟ ସୀମା ୨୦୨୨ ଡିସେମ୍ବର ୩୧କୁ ଧାର୍ଯ୍ୟ କରାଯାଥିଲା। ସେହିପରି ୭ ଓ ୮ ସହିତ ସମାପ୍ତ ହେଉଥିବା ଯାନଗୁଡିକର ନମ୍ବର ପାଇଁ ଶେଷ ତାରିଖ ୨୦୨୩ ଜାନୁୟାରୀ ୩୧ରେ ଶେଷ ହୋଇଛି। ୯ ଓ ୦ ସହିତ ଶେଷ ହେଉଥିବା ନମ୍ବର ବିଶିଷ୍ଟ ଯାନଗୁଡିକ ପାଇଁ ଏଚ୍‌ଏସ୍‌ଆରପି ସଂଲଗ୍ନ କରିବାର ଶେଷ ତାରିଖ ୨୦୨୩ ଫେବୃୟାରୀ ୨୮ ରହିଛି। ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗର ଅଧିକାରୀମାନେ ଜାନୁୟାରୀରେ ମୋଟର ଯାନ ନିୟମ ଉଲ୍ଲଂଘନ କରିଥିବା ଗାଡ଼ି ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ପରିବହନ ବିଭାଗର ଅଧିକାରୀମାନେ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିଛି।



ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଧାଡ଼ିରେ ଯାଉଛନ୍ତି। (ଫଟୋ- ବିକାଶ)

# ମାଂସ ତରକାରି ନ ଦେବାରୁ ସ୍ତ୍ରୀଙ୍କୁ ହତ୍ୟା

**ବଣ୍ଡା, ୧୫।୨ (ଡି.ଏନ.ଏ.):** ମାଂସ ତରକାରୀ ନ ଦେବାରୁ ସ୍ତ୍ରୀ ମିତାଲି ପ୍ରଧାନଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଛନ୍ତି ସ୍ୱାମୀ ବିମଳ ପ୍ରଧାନ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ଏ ନେଇ ମିତାଲିଙ୍କ ଦାଦା ଠାକୁରଗଡ଼ ଥାନା ବନମାଳିପୁର ଗ୍ରାମର ଶୁକଦେବ ଦେହୁରୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୦/୨୩ରେ ଏକ ମାମଲା ରୁଜୁ କରିବା ସହ ଶ୍ମଶାନରୁ ମିତାଲିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।

ପୋଲିସ କହିଛି, ମିତାଲି ଘରେ ଥିବାବେଳେ ବିଳମ୍ବିତ ରାତିରେ ମଦ୍ୟପାନ କରି ଆସି ବିମଳ ତାଙ୍କୁ ମାଂସ ତରକାରୀ ମାଗିଥିଲେ। ହେଲେ ଆଉ ମାଂସ ନ ଥିବା ମିତାଲି କହିବାରୁ ବିମଳ ଜୋର୍‌ଦାର ଝଗଡା କରିଥିଲେ। ଏହାର ପ୍ରତିବାଦ କରିବାରୁ ଘରେ ଥିବା ଏକ ଠେଙ୍ଗା ଆଣି ବିମଳ ପିଟି ପିଟି ମିତାଲିଙ୍କୁ ମାରିଦେଇଥିଲେ। ନିଶା ଛାଡିବା ପରେ ମିତାଲି ମରିଯାଇଥିବା ଦେଖି ତାଙ୍କ ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ନେଉଥିବାବେଳେ ଖବରପାଇ ମିତାଲିଙ୍କ ପରିବାର ଲୋକେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତ ବିମଳଙ୍କୁ ଗିରଫ କରାଯାଇଥିବା ଆଇଆଇସି ନମିତା ନାୟକ ସୂଚନା ଦେଇଛନ୍ତି।

# ସ୍କୁଲରେ ଶିକ୍ଷକଙ୍କ ଦ୍ୱିତୀୟ ବିବାହ ଚର୍ଚ୍ଚା

**ଦାରିଙ୍ଗବାଡ଼ି(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୧୫।୨**

**ଥାନାରେ ପ୍ରଥମ ସ୍ତ୍ରୀଙ୍କ ଏତଲା**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟର ଜଣେ ଶିକ୍ଷକ ସେହି ସ୍କୁଲରେ ଦ୍ୱିତୀୟ ବିବାହ କରିଥିବା ଚର୍ଚ୍ଚା ହେଉଛି। ସ୍କୁଲରେ ପାଠପଢ଼ା ସମୟରେ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଅନ୍ୟ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଉପସ୍ଥିତିରେ ଜଣେ ଯୁବତୀଙ୍କ ସହ କେକ୍ କାଟି ଫୁଲମାଳ ଆଦାନପ୍ରଦାନ କରୁଥିବାର ଏକ ଭିଡିଓ ଭାଇରାଲ ହେଉଛି। ଶିକ୍ଷକଙ୍କ ପ୍ରଥମ ସ୍ତ୍ରୀ ଏ ନେଇ ବାଲିଗୁଡା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ୨୦୦୩ରେ ଶିକ୍ଷକ ଜଣଙ୍କ ପ୍ରଥମ ବିବାହ କରିଥିଲେ। ୩ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହେବାରୁ ପାରିବାରିକ ଅଶାନ୍ତି ଆରମ୍ଭ ହୋଇଥିଲା। ସ୍ତ୍ରୀଙ୍କୁ ସେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ପରେ ଶିକ୍ଷକ ବାଲିଗୁଡା କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ। କୋର୍ଟରେ ମାମଲା ଚାଲିଥିବା ବେଳେ ସେ ଜଣେ ଯୁବତୀଙ୍କୁ ଭଲ ପାଇ ତାଙ୍କୁ ଗତ ୬ତାରିଖରେ ସ୍କୁଲରେ ବିବାହ କରିଥିବା ଚର୍ଚ୍ଚା ହେଉଛି। ପ୍ରଥମ ସ୍ତ୍ରୀ ଏହି ଖବର ପାଇ ବାଲିଗୁଡା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ନଂ.୨୧/୨୩ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ବାବା ଶଙ୍କର ଶରାଫ ସୂଚନା ଦେଇଛନ୍ତି। ଏ ନେଇ ଦାରିଙ୍ଗବାଡି ବିଇଓ ରସାନନ୍ଦ କରଙ୍କ ସହ ଯୋଗାଯୋଗ କରିବାରୁ ଭାଇରାଲ ହେଉଥିବା ଭିଡିଓ ଆଧାରରେ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।

# ପୂର୍ବଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା

**ଭବାନୀପାଟଣା, ୧୫।୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପେଙ୍ଗସୁର ଗାଁରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବଶତ୍ରୁତାକୁ ନେଇ ଗାଁର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ମୃତକ ହେଲେ ପେଙ୍ଗସୁର ଗ୍ରାମର ଅମର ମାଝି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ଭବାନୀପାଟଣା ମେଡିକାଲରେ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ଜଙ୍ଗଲରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ପାପଡ଼ାହାଣ୍ଡି, ୧୫।୨ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସୀମାନ୍ତ ମଇଦଲପୁର ଥାନା ଅଧୀନ ଆମପାଣି ଘାଟିର ଖଡ଼କା ଜଙ୍ଗଲରୁ ବୁଧବାର ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ମଇଦଲପୁର ପଞ୍ଚାୟତ ନୀଳାଦ୍ରୀଗୁଡ଼ା ଗ୍ରାମର ତ୍ରିପତି ମାଝି ଟ୍ରାକ୍ଟର ନେଇ ବିଭିନ୍ନ ଗାଁକୁ କାମରେ ଯାଆନ୍ତି। ଏହି ସମୟରେ ମାଝିଗୁଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ପରିବାର ଏ ସମ୍ପର୍କରେ ଅବଗତ ଥିଲେ। ଏହା ମଧ୍ୟରେ ତ୍ରିପତି ତାଙ୍କ ପ୍ରେମିକାଙ୍କୁ ନେଇ ମଙ୍ଗଳବାର ସନ୍ଧ୍ୟାରୁ ଘରୁ ବାହାରିଯାଇଥିଲେ। ଉଭୟ ରାତିରେ ଘରକୁ ଫେରି ନ ଥିବାବେଳେ ବୁଧବାର ସେମାନଙ୍କ ମୃତଦେହ ଆମପାଣି ଖଡ଼କା ଜଙ୍ଗଲର ଏକ ମହୁଲଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ସ୍ଥାନୀୟ ଲୋକେ ମୃତଦେହ ଦେଖି ଏ ନେଇ ପୋଲିସକୁ ଖବର ଦେଇଥିଲେ। ତେବେ ଉଭୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କେଉଁ ପରିସ୍ଥିତିରେ ସେମାନେ ଏଭଳି ନିଷ୍ପତ୍ତି ନେଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ ନଟବର ନନ୍ଦ କହିଛନ୍ତି। ପୋଲିସ ୧/୨୩ ଓ ୨/୨୩ରେ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ଭୁବନେଶ୍ୱରରେ ହେବ ସିଡବ୍ଲ୍ୟୁଜିର ଦ୍ୱିତୀୟ ବୈଠକ

**ନୂଆଦିଲ୍ଲୀ, ୧୫।୨**

ଭାରତର ଜି୨୦ ଅଧ୍ୟକ୍ଷତା ଅଧୀନରେ ପ୍ରଥମ କଲ୍ଚର ୱାର୍କିଂ ଗ୍ରୁପ୍ (ସିଡବ୍ଲ୍ୟୁଜି) ବୈଠକ ମଧ୍ୟପ୍ରଦେଶର ମନ୍ଦିର ସହର ଖଜୁରାହୋରେ ଫେବୃୟାରୀ ୨୨ରୁ ଆରମ୍ଭ ହେବ। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। 'କଲ୍ଚର ଫର୍ ଲାଇଫ୍' (ଜୀବନ ପାଇଁ ସଂସ୍କୃତି) ବିଷୟ ଉପରେ ଏଥିରେ ଗୁରୁତ୍ୱ ଦିଆଯିବ। ପରିବେଶ ସଚେତନ ଜୀବନଶୈଳୀକୁ ନିରନ୍ତର ଜୀବନ ପାଇଁ କ୍ୟାମ୍ପେନ୍ ଭାବେ ବ୍ୟବହାର କରାଯିବ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଦ୍ୱିତୀୟ ଓ କର୍ଣ୍ଣାଟକର ହାମ୍ପିରେ ତୃତୀୟ ବୈଠକ ଅନୁଷ୍ଠିତ ହେବ ବୋଲି ବୁଧବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରାଚୀନ ସହର ଖଜୁରାହୋ ୟୁନେସ୍କୋର ଏକ ବିଶ୍ୱ ଐତିହ୍ୟ ସ୍ଥଳ। ଏଠାରେ ଚନ୍ଦେଲା ବଂଶ ପକ୍ଷରୁ ୯୫୦-୧୦୫୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ମନ୍ଦିରର କାରୁକାର୍ଯ୍ୟ ଦେଶବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଐତିହାସିକ ରେକର୍ଡ ଅନୁସାରେ ଖଜୁରାହୋର ୨୦ କି.ମି. ପରିଧି ମଧ୍ୟରେ ୮୫ଟି ମନ୍ଦିର ନିର୍ମିତ ହୋଇଥିଲା। ଏହା ବର୍ତ୍ତମାନ ୬ କି.ମି. ଅଞ୍ଚଳରେ ସୀମିତ ହୋଇଯାଇଛି। ମାତ୍ର ୨୫ଟି ମନ୍ଦିର ନିଜ ଅସ୍ତିତ୍ୱ ବଜାୟ ରଖିପାରିଛି। ଖଜୁରାହୋର ମହାରାଜା ଛତ୍ରଶାଳ କନ୍‌ଭେନ୍ସନ ସେଣ୍ଟର (ଏମ୍‌ସିସିସି)ରେ ହେବାକୁ ଥିବା ସିଡବ୍ଲ୍ୟୁଜି ବୈଠକରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଯୋଗଦେଇ ଏକ ପ୍ରଦର୍ଶନୀର ଉଦ୍‌ଘାଟନ କରିବେ ଦ୍ୱିତୀୟ ବୈଠକ ଭୁବନେଶ୍ୱର ଓ ତୃତୀୟ ବୈଠକ ହାମ୍ପିରେ ଅନୁଷ୍ଠିତ ହେବ ବୋଲି ନୂଆଦିଲ୍ଲୀରେ ସଂସ୍କୃତି ସଚିବ ଗୋବିନ୍ଦ ମୋହନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସିଡବ୍ଲ୍ୟୁଜିର ଚତୁର୍ଥ ବୈଠକ ପାଇଁ ସ୍ଥାନ ନିରୂପଣ ହୋଇ ନ ଥିବା ସେ କହିଛନ୍ତି।

ପ୍ରକାଶ ଯେ, ୨୦୨୨ ଡିସେମ୍ବର ୧ରେ ଭାରତ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିଥିଲା। ଦେଶର ୫୫ ସ୍ଥାନରେ ୨୦୦ରୁ ଊର୍ଦ୍ଧ୍ୱ ବୈଠକ ଅନୁଷ୍ଠିତ ହେବ, ଯାହାକି ଆସନ୍ତା ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଶେଷ ହେବ। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ପ୍ରତିନିଧିମାନେ ଯୋଗଦେବେ।

# ପଥରଖମ୍ବରେ ଭୟାବହ ଅଗ୍ନିକାଣ୍ଡ ଦଳିତସାହି ଛାରଖାର

**ପରଜଙ୍ଗ, ୧୫।୨ (ଡି.ଏନ୍.ଏ.)**

## ଜଳିଗଲା ୨୩ ପରିବାରର ୪୭ ବଖରା



ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମରେ ମଙ୍ଗଳବାର ଅପରାହ୍ନ ୨ଟା ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୩ ପରିବାରର ୪୭ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ନିଆଁ ଲାଗିବା ପରେ ଏକ ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ନିଆଁ ତୀବ୍ରବେଗରେ ଚାରିଆଡ଼କୁ ବ୍ୟାପିଯାଇଥିଲା। ଫଳରେ କୌଣସି ସାମଗ୍ରୀ ଉଦ୍ଧାର କରିବାକୁ ସାହିବାସୀ ସୁଯୋଗ ପାଇ ନ ଥିଲେ। ମାତ୍ର କେଇ ଘଣ୍ଟା ଭିତରେ ସର୍ବସ୍ୱ ହରାଇ ସର୍ବସ୍ୱାନ୍ତ ହୋଇପଡ଼ିଥିବା ବିପନ୍ନ ପରିବାର ଆଖିରୁ ଲୁହ ଶୁଖୁ ନ ଥିବାବେଳେ ସାହିରେ ସୃଷ୍ଟି ହୋଇଛି ହାହାକାର ପରିସ୍ଥିତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଦଳିତ ସାହିର ଶରତ ନାୟକଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହାପରେ ହଠାତ୍ ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ଲଗାଲଗି ହୋଇଥିବା ସମସ୍ତ ଛପର ଘରକୁ ନିଆଁ ଅତି ତୀବ୍ରବେଗରେ ମାଡ଼ିଯାଇଥିଲା। ତେବେ ଅଗ୍ନିକାଣ୍ଡ ବିଷୟରେ ଜାଣି ସାହିବାସୀ ଜୀବନ ବିକଳରେ ବାହାରି ଆସିଥିଲେ। ହେଲେ ନିଆଁ ଆଁରେ ମୂଲ୍ୟବାନ ଆସବାବପତ୍ର, ଧାନ, ଚାଉଳ, ଦରକାରି କାଗଜପତ୍ର, ବାଇକ୍, ସୁନା ଅଳଙ୍କାର ସବୁକିଛି ନଷ୍ଟ ହୋଇଯାଇଛି। ଏଥିରେ ମକୁନ୍ଦ ନାଏକ, ହରି ନାଏକ, ଅଲେଖ ପଧାନ, ଦିଲେଶ୍ୱର ନାଏକ, କବି ନାଏକ, ମୁରାରୀ ନାଏକ, ଚିନ୍ତାମଣି ନାଏକ, ଛବି ନାଏକ, ସୁଶାନ୍ତ ନାଏକ, ଚତୁର୍ଭୁଜ ନାଏକ, ଖୁଲଣା ଦାସ, ପ୍ରାଣବନ୍ଧୁ ନାଏକ, ପବିତ୍ର ବେହେରା, ଗୋବିନ୍ଦ ନାଏକ, ପ୍ରବୀଣ ନାଏକ, ଜଗନ ନାଏକ, ତରୁଣୀ ନାଏକ, ବିନୋଦ ସାହୁ, ଟିପୁନ ସାହୁ, ନରେଶ ସାହୁ, ଲିଲି ସାହୁ, ଦମୟନ୍ତୀ ସାହୁ, କ୍ଷୀରୋଦ ସାହୁଙ୍କ ପରିବାର ପ୍ରଭାବିତ ହୋଇଛନ୍ତି। ସୂଚନାପାଇ କାମାକ୍ଷାନଗର ଓ ପରଜଙ୍ଗର ଅଗ୍ନିଶମ ବାହିନୀ କର୍ମଚାରୀ ୩ଟି ଦମକଳ ଗାଡ଼ି ସହାୟତାରେ ଦୀର୍ଘ ୨ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ।

ଅଗ୍ନିକାଣ୍ଡ ପରେ ବିପନ୍ନ ପରିବାରକୁ ସବୁଆଡୁ ସମବେଦନାର ସୁଅ ଛୁଟିଛି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ପରଜଙ୍ଗ ତହସିଲଦାର ସିରିୟାଲ ଶୁଭ୍ର ପଟେଲ, ସୁପରଭାଇଜର ଅକ୍ଷୟ କୁମାର ନାୟକ, ମୁକ୍ତାପଶି ଆର୍‌ଆଇ ସୁଫଳା ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ବିପନ୍ନ ପରିବାରକୁ ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ସେହିପରି ବିଜେଡି, ଭାଜପା ପକ୍ଷରୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ବିଧାୟକ ଡା. ନୃସିଂହଚରଣ ସାହୁ, ସରପଞ୍ଚ ବଳଭଦ୍ର ସାହୁ ପହଞ୍ଚି ବିପନ୍ନଙ୍କୁ ଆଶ୍ୱାସନା ଜଣାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସମସ୍ତଙ୍କୁ ସ୍ଥାନୀୟ ସ୍କୁଲ ଘରେ ଅସ୍ଥାୟୀ ଭାବେ ରହିବା ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ସମସ୍ତଙ୍କୁ ଯେପରି ସରକାରୀ ସହାୟତା ମିଳିପାରିବ ସେ ଦିଗରେ ପଦକ୍ଷେପ ନେବାକୁ ବିଧାୟକ ତହସିଲଦାରଙ୍କ ସହିତ ଆଲୋଚନା କରିଛନ୍ତି।

## ଅଗ୍ନିକାଣ୍ଡ ପଛରେ ପାରିବାରିକ କଳହ ଚର୍ଚ୍ଚା

ପାରିବାରିକ କହଳ ପାଇଁ ପଥରଖମ୍ବ ଦଳିତ ସାହିରେ ଏଭଳି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ଅଞ୍ଚଳବାସୀଙ୍କ କହିବା କଥା, ସାହିର ଏକ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣରୁ ସକାଳେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନିଶାସକ୍ତ ଗୃହକର୍ତ୍ତା ନିଜ ଘରେ ନିଆଁ ଲଗାଇ ଦେଇଥିଲେ। ତେବେ ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ତାହା ଅଣାୟତ୍ତ ହୋଇପଡ଼ିଥିଲା। ତେବେ ଅଗ୍ନିକାଣ୍ଡ ମନୁଷ୍ୟକୃତ କି ନୁହେଁ, ତାହା ତଦନ୍ତରୁ ସ୍ପଷ୍ଟ ହେବ ବୋଲି ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଫେବୃୟାରୀ, ୨୦୨୩



ଉତ୍ତର ପ୍ରଦେଶ କାନପୁରର ଦେହାତରେ ଉଚ୍ଛେଦ ପ୍ରକ୍ରିୟାବେଳେ ମା’ ଝିଅଙ୍କ ଆତ୍ମଦାହ ଘଟଣାକୁ ନେଇ ଏବେ ରାଜ୍ୟ ସରକାରଙ୍କୁ ବିରୋଧୀ ଟାର୍ଗେଟ୍ କରିଛନ୍ତି। ୟୁପିରେ ଗ୍ଲୋବାଲ୍ ଇନ୍‌ଭେଷ୍ଟମେଣ୍ଟ ସମିଟ୍-୨୦୨୩ ପରିବର୍ତ୍ତେ ମା’ଝିଅଙ୍କ ଆତ୍ମଦାହ ଖବରକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି। ଭାଜପାର ବୁଲଡୋଜର ପଲିଟିକ୍ସ ରାଜ୍ୟରେ ନିରୀହ ଲୋକଙ୍କ ଜୀବନ ନେଉଛି, ଯାହା ଅତ୍ୟନ୍ତ ଦୁଃଖଦାୟକ ବୋଲି ବୁଧବାର ବିଏସ୍‌ପି ମୁଖ୍ୟ ମାୟାବତୀ କହିଛନ୍ତି।



## ସଂକ୍ଷେପରେ

### ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ

## ୧୭ରେ କଂଗ୍ରେସର ପିଆଇଏଲ୍ ଶୁଣାଣି

**ନୂଆଦିଲ୍ଲୀ,୧୫।୨:** ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗର ଶୁଣାଣି ପାଇଁ କଂଗ୍ରେସ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରାଯାଇଛି। ଆସନ୍ତା ୧୭ ତାରିଖରେ ଉକ୍ତ ଆବେଦନର ଶୁଣାଣି କରିବାକୁ ବୁଧବାର ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଦୁଇଜଣିଆ ଖଣ୍ଡପୀଠ ରାଜି ହୋଇଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହ ସାମିଲ ଥିବା ଖଣ୍ଡପୀଠ କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନକୁ ତ୍ୱରିତ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ଫଲୋ-ଅନ୍ ପବ୍ଲିକ୍ ଅଫର (ଏଫ୍‌ପିଓ)ରେ ଭାରତୀୟ ଜୀବନବୀମା ନିଗମ(ଏଲ୍‌ଆଇସି) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସାଧାରଣ ଜନତାଙ୍କ ବିପୁଳ ଅର୍ଥ ନିବେଶ କରାଯାଇଥିବା ଜୟା ଦର୍ଶାଇ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଜୟା ନିବେଦନ କରିଛନ୍ତି। ଆଦାନୀ ବିବାଦ ଉପରେ ପୂର୍ବରୁ ମଧ ୨ଟି ପିଆଇଏଲ୍ ହୋଇଛି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ତଦନ୍ତ କମିଟି ଗଠନ ପ୍ରସ୍ତାବକୁ ସୋମବାର କେନ୍ଦ୍ର ସରକାର ଗ୍ରହଣ କରିଥିଲେ।

## ଭୂମଧ୍ୟସାଗରରେ ବୋଟ୍ ବୁଡ଼ିଲା: ୭୩ ମୃତ

**ଜେନେଭା,୧୫।୨(ଆଇଏଏନ୍‌ଏସ୍):** ଭୂମଧ୍ୟସାଗରର ଲିବ୍ୟା ଉପକୂଳରେ ଏକ ବୋଟ୍ ବୁଡ଼ିଯିବାରୁ ୭୩ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବା ବୁଧବାର ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର୍ ମାଇଗ୍ରେଶନ୍ (ଆଇଓଏମ୍) ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବୋଟ୍‌ରେ ୮୦ ଜଣ ଥିଲେ। ମଙ୍ଗଳବାର ବୋଟ୍‌ଟି କସର ଆଲକାୟରରୁ ୟୁରୋପ ଅଭିମୁଖେ ଯାତ୍ରା କରୁଥିବାବେଳେ ବୁଡ଼ିଯାଇଥିଲା। ୭ ପ୍ରବାସୀ ପହଁରି ଲିବ୍ୟା ଉପକୂଳରେ ଲାଗିଥିବାବେଳେ ଅନ୍ୟମାନେ ନିଖୋଜ ହୋଇଯାଇଥିଲେ। ନିଖୋଜ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଠାବ କରିଛି। ଚଳିତ ବର୍ଷ ଏହାକୁ ମିଶାଇ କେନ୍ଦ୍ରୀୟ ଭୂମଧ୍ୟସାଗରରେ ୧୩୦ ଜଣ ସଳିଳ ସମାଧି ନେଇସାରିଲେଣି। ଗତବର୍ଷ ୧,୪୫୦ ଜଣ ଭାସିଯାଇ ପ୍ରାଣ ହରାଇଥିଲେ।

## ପାର୍ଟନରଙ୍କୁ ହତ୍ୟା ପରେ ବେଡ୍ ଷ୍ଟୋରେଜ୍‌ରେ ଲୁଚାଇଥିଲେ ମୃତଦେହ

**ମୁମ୍ବାଇ, ୧୫।୨:** ମୁମ୍ବାଇର ନାଲାସୋପାରାରେ ହାର୍ଦ୍ଦିକ ନାମକ ଯୁବକ ଲିଭ୍-ଇନ୍ ପାର୍ଟନର୍ ମେଘାଙ୍କୁ ହତ୍ୟା କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଦୁହେଁ ଏକ ଭଡ଼ା ଘରେ ନିଜକୁ ସ୍ୱାମୀସ୍ତ୍ରୀର ପରିଚୟ ଦେଇ ରହୁଥିଲେ। ଘରଖର୍ଚ୍ଚ ପାଇଁ ସେମାନଙ୍କ ମଧ୍ୟରେ ଝଗଡା ଲାଗୁଥିଲା। ଘରୁ ଦୁର୍ଗନ୍ଧ ଆସିବା ପରେ ପଡ଼ୋଶୀ ପୋଲିସକୁ ସୂଚନା ଦେଇଥିଲେ। ଘରେ ଥିବା ବେଡ୍ ଷ୍ଟୋରେଜ୍‌ରୁ ମେଘାଙ୍କ ମୃତଦେହ ପୋଲିସର ହସ୍ତଗତ ହୋଇଥିଲା। ରେଳବାଇ ପୋଲିସ ଓ ହାର୍ଦ୍ଦିକଙ୍କ ଫୋନ୍ ଲୋକେଶନ୍ ଟ୍ରାକ୍ କରି ତାଙ୍କୁ ଗିରଫ କରିଛି।






# ଶିଙ୍କୁଲା ପାସ୍‌ରେ ହେବ ବିଶ୍ୱର ସର୍ବବୃହତ୍ ଟନେଲ

## ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ନୂଆଦିଲ୍ଲୀ,୧୫।୨

ପୂର୍ବ ଲଦାଖ ଓ ହିମାଚଳ ପ୍ରଦେଶକୁ ଯୋଡ଼ିବାକୁ ଥିବା ବିଶ୍ୱର ସର୍ବବୃହତ୍ ସୁଡ଼ଙ୍ଗ ଶିଙ୍କୁଲା ଟନେଲ (ସମୁଦ୍ର ପଉନରୁ ୧୬,୭୦୩ ଫୁଟ୍ ଉଚ୍ଚ) ନିର୍ମାଣ ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ଏଥିସହ ଭାରତ-ଚାଇନା ମଧ୍ୟସ୍ଥ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳର ସୁରକ୍ଷା ଦାୟିତ୍ୱରେ ଥିବା ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ର ୭ଟି ନୂଆ ବାଟାଲିୟନ୍ ପ୍ରତିଷ୍ଠା ପ୍ରସ୍ତାବ ଉପରେ ମଧ ମୋହର ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ (ସିସିଏସ୍) ବୈଠକ ଲଦାଖ ସହ ଦେଶର ଅବଶିଷ୍ଟ ଅଞ୍ଚଳକୁ ସବୁ ଋତୁରେ ଯୋଡ଼ିବା ଲକ୍ଷ୍ୟରେ ୪ କି.ମି. ଲମ୍ବର ଶିଙ୍କୁଲା ଟନେଲ୍ ଓ ଏହାର ଆପ୍ରୋଚ୍ ରୋଡ୍ ନିର୍ମାଣକୁ ମଞ୍ଜୁରୀ ଦେଇଛି। ଏହାକୁ ବର୍ଡର ରୋଡ୍ ଅର୍ଗାନାଇଜେଶନ୍ (ବିଆର୍‌ଓ) ନିର୍ମାଣ କରିବ।

ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରସ୍ତାବ ଅନୁଯାୟୀ, ୧,୮୦୮ କୋଟି ଟଙ୍କା ବ୍ୟୟରେ ୨୦୨୫-୨୬ ସୁଦ୍ଧା ଏକ ସେକ୍ଟର ହେଡ୍‌କ୍ୱାର୍ଟର ପ୍ରତିଷ୍ଠା କରାଯିବ। ଏଥିପାଇଁ ୯,୪୦୦ ପଦବୀ ସୃଷ୍ଟି କରାଯିବ। ଯବାନଙ୍କ ରାଶନ ଓ ଖାଦ୍ୟ ବାବଦକୁ ୯୬୩ କୋଟି ଟଙ୍କା ଖର୍ଚ୍ଚ ହେବ। ୪୭ଟି ନୂଆ ଆଉଟ୍‌ପୋଷ୍ଟ ଓ ୧୨ ଷ୍ଟେଜିଂ କ୍ୟାମ୍ପ ମଧ ପ୍ରତିଷ୍ଠା କରାଯିବ। ଏହାଫଳରେ ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରରେ ନିବେଶ ବଢ଼ିବା ସହ ଶୀତଋତୁରେ ଯୋଗାଣ ଶୃଙ୍ଖଳ ମଜଭୁତ ହେବ। ଯବାନମାନଙ୍କ ଯାତାୟାତ ମଧ ସୁଗମ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି।

# ରୁଷିଆର ୪ ଯୁଦ୍ଧବିମାନ ଘଉଡ଼ାଇଲା ଆମେରିକା

ୱାଶିଂଟନ,୧୫।୨


ପ୍ରତୀକାତ୍ମକ ଚିତ୍ର

ଆଲାସ୍କା ନିକଟରେ ୩ଟି ରୁଷୀୟ ଯୁଦ୍ଧବିମାନକୁ ଆମେରିକୀୟ ବାୟୁସେନା କାବୁ କରିବା ପରେ ଘଉଡ଼ାଇଦେଇଛି। ଗତ ୧୩ ତାରିଖରେ ରୁଷୀୟ ଏୟାରକ୍ରାଫ୍ଟଗୁଡ଼ିକୁ ଗୋଡ଼ାଇ ଗୋଡ଼ାଇ ଘେରିବା ପରେ ନିଜ ଅଞ୍ଚଳରୁ ବାହାର କରିଦେଇଥିବା ନେଇ ବୁଧବାର ନର୍ଥନ ଆମେରିକାନ୍ ଏରୋସ୍ପେଶ୍ ଡିଫେନ୍ସ କମାଣ୍ଡ ପକ୍ଷରୁ ଟୁଇଟ୍ କରାଯାଇଛି।

ରୁଷୀୟ ଏୟାରକ୍ରାଫ୍ଟଗୁଡ଼ିକ ମଧ୍ୟରେ ଟିୟୁ-୯୫ ବିଅର୍-ଏଚ୍ ବମ୍ବର୍ସ ଏବଂ ଏସ୍‌ୟୁ-୩୫ ଫାଇଟର ଜେଟ୍ ଥିବା ଆମେରିକା କହିଛି। ଏହି ଏୟାରକ୍ରାଫ୍ଟଗୁଡ଼ିକ ଆଲାସ୍କା ଏୟାର ଡିଫେନ୍ସ ଆଇଡେଣ୍ଟିଫିକେସନ୍ ଜୋନ୍ (ଏଡିଆଇଜେଡ୍) ମଧ୍ୟରେ ଉଡ଼ାଣ କରି ଅନ୍ତର୍ଜାତୀୟ ବାୟୁସୀମା ଭିତରେ ରହିଥିଲା। ତେବେ ଆମେରିକା କିମ୍ବା କାନାଡାର ସାର୍ବଭୌମ ବାୟୁସୀମା ଭିତରକୁ ଅନୁପ୍ରବେଶ କରି ନ ଥିଲା। ଉତ୍ତର ଆମେରିକୀୟ ଏଡିଆଇଜେଡ୍‌ରେ ଏହି ଯୁଦ୍ଧବିମାନଗୁଡ଼ିକ କୌଣସି ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟକଳାପରେ ଜଡ଼ିତ ନ ଥିବା ଜଣାପଡ଼ିଥିଲା। ଏହାସତ୍ତ୍ୱେ ଯୁଦ୍ଧବିମାନଗୁଡ଼ିକୁ ଏଫ୍-୧୬ ଦ୍ୱାରା ଘେରାଯାଇ ଯୋଜନାବଦ୍ଧ ଭାବେ ଘଉଡ଼ାଇ ଦିଆଯାଇଥିଲା। ପ୍ରକାଶ ଯେ, ୨୦୦୭ ମସିହା ପରଠୁ ଏହି ଅଞ୍ଚଳରେ ପ୍ରତିବର୍ଷ ୬ରୁ ୭ ଥର ଆମେରିକୀୟ ବାୟୁସେନା ରୁଷୀୟ ଯୁଦ୍ଧବିମାନଗୁଡ଼ିକୁ ଘଉଡ଼ାଇଥାଏ। ନର୍ଥ ଆମେରିକାରେ ଥିବା ଆମେରିକୀୟ ଯୁଦ୍ଧବିମାନଗୁଡ଼ିକ ପ୍ରତି ବିପଦ ଆଶଙ୍କା ଥିବାରୁ ନିକଟରେ ଆମେରିକା ଚାଇନାର ଏକ ଗୁପ୍ତଚର ବେଲୁନ୍ ଓ ତିନୋଟି ଅଚିହ୍ନା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ)କୁ ଖସାଇଦେଇଥିଲା। ଚାଇନା ପଟୁ ଆସୁଥିବା ଏଭଳି ବେଲୁନ୍‌ଗୁଡ଼ିକର ଗତିବିଧି ଉପରେ ୱାଶିଂଟନର କଡ଼ା ନଜର ରହିଥିବା ଅଧିକାରୀମାନେ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପରଠୁ ୱାଶିଂଟନ ଓ ମସ୍କୋ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ଏହି ଯୁଦ୍ଧକୁ ୩୫୭ ଦିନ ପୂରିଥିବାବେଳେ ରୁଷିଆ ପଟୁ ଆମେରିକାକୁ ବିପଦ ରହିଥିବା ଆଶଙ୍କା କରାଯାଉଛି। ଏଭଳି ସମୟରେ ରୁଷିଆର ସମର୍ଥକ ଚାଇନା ମଧ ଗୁପ୍ତଚର ବେଲୁନ୍ ପଠାଇବା ଆମେରିକା ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି।

## ନ୍ୟୁଜିଲାଣ୍ଡରେ ଭୂକମ୍ପ

ୱେଲିଂଟନ୍, ୧୫।୨

ନ୍ୟୁଜିଲାଣ୍ଡର ୱେଲିଂଟନ୍‌ରେ ବୁଧବାର ୬.୦ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ଗଭୀରତା ୫୭ କି.ମି ଥିବା ଏହାର ପ୍ରଭାବ ନର୍ଥ ଆଇଲାଣ୍ଡରେ ଅନୁଭୂତ ହୋଇଥିବା ନ୍ୟୁଜିଲାଣ୍ଡ ସିଭିଲ୍ ଡିଫେନ୍ସ ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପ ପ୍ରଭାବରେ କାହାରି ଜୀବନହାନି କିମ୍ବା ସମ୍ପତ୍ତି ନଷ୍ଟର ସୂଚନା ନାହିଁ। ଅନ୍ୟପକ୍ଷେ ବାତ୍ୟା ଯୋଗୁ ନ୍ୟୁଜିଲାଣ୍ଡରେ ୪ ଜଣଙ୍କ ମୃତ୍ୟୁ ଘଟିଛି।

## କେରଳ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ସଚିବ ଶିବଶଙ୍କରଙ୍କ ଗିରଫ



କୋଚି, ୧୫।୨

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଲାଇଫ୍ ମିଶନ୍ ସ୍କାମ୍ ମାମଲାରେ ବୁଧବାର କେରଳ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ସଚିବ ଏମ୍. ଶବଶଙ୍କରଙ୍କୁ ଗିରଫ କରିଛି। କେରଳର ୱାନାକାନଚେରିରେ ୧୪୦ ପରିବାର ଲାଗି ଘର ନିର୍ମାଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଲାଇଫ୍ ମିଶନର ଶୁଭାରମ୍ଭ କରିଥିଲେ। ପ୍ରକଳ୍ପ ନେଇ ୧୮.୪୦ କୋଟି ଟଙ୍କା ଅନୁମୋଦନ କରାଯାଇଥିବାବେଳେ ୧୪.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ରାଜିନାମା ଅନୁସାରେ ବଳକା ଟଙ୍କାରେ ହେଲ୍‌ଥ କେୟାର ସେଣ୍ଟର ନିର୍ମାଣ କରାଯିବାର ଥିଲା। ପ୍ରକଳ୍ପ ପାଇଁ ସ୍ୱପ୍ନ ସୁରେଶ ୪.୪୮ କୋଟି ଟଙ୍କା ଲାଞ୍ଚ ନେଇଥିବା ୟୁନିଟାକ ଏନର୍ଜି ସଲ୍ୟୁଶନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସନ୍ତୋଷ ଇଏପାନ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଘଟଣାରେ ଶିବଶଙ୍କରଙ୍କ ସମ୍ପୃକ୍ତି ଥିବା ସ୍ୱପ୍ନ ଏବଂ ସରିଥ ଅଭିଯୋଗ ଆଣିଥିଲେ।

## ଆସାମ ବାଲ୍ୟବିବାହ ବିରୋଧୀ ଅଭିଯାନକୁ ହାଇକୋର୍ଟଙ୍କ ନିନ୍ଦା

### ୩ ହଜାର ମହିଳା ଓ ପୁରୁଷ ଗିରଫ

ଗୁଆହାଟୀ, ୧୫।୨

ଆସାମରେ ବାଲ୍ୟ ବିବାହ ପ୍ରଥା ବିରୋଧରେ ରାଜ୍ୟ ସରକାର ଆରମ୍ଭ କରିଥିବା ଅଭିଯାନକୁ ଗୁଆହାଟୀ ହାଇକୋର୍ଟ ନିନ୍ଦା କରିଛନ୍ତି। ପୋକ୍‌ସୋ ଆକ୍ଟରେ ଗିରଫ ହୋଇଥିବା ୯ ଜଣଙ୍କ ଅଗ୍ରିମ ଜାମିନ ଆବେଦନ ଶୁଣାଣି ଅବସରରେ ବିଚାରପତି ସୁମନ ଶ୍ୟାମ କହିଛନ୍ତି, ବାଲ୍ୟବିବାହ ବିରୋଧୀ ଅଭିଯାନ ଜରିଆରେ ଗିରଫ କରାଯାଉଥିବା ଲୋକଙ୍କ ପରିବାର ପାଇଁ ଏହା ଅତ୍ୟନ୍ତ କଷ୍ଟକର। ସେମାନଙ୍କ ଘରେ ଛୋଟପିଲା, ବୃଦ୍ଧ ଲୋକ ଅଛନ୍ତି। ସେମାନଙ୍କ ଦେଖାରେଖା କରିବାରେ ସମସ୍ୟା ଉପୁଜୁଥିବ। ବାଲ୍ୟ ବିବାହ ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ଏହା ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ନିଜର ମତ ରଖିପାରିବେ। ଏଥିରେ ସମ୍ପୃକ୍ତ ଲୋକମାନଙ୍କୁ ଗିରଫ କରି ଏକକାଳୀନ ଜେଲରେ ବନ୍ଦ କରିଦେବା ଅନୁଚିତ। ଯଦି କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯିବା ଦରକାର ବୋଲି ବିଚାରପତି କହିଛନ୍ତି। ଫେବୃୟାରୀ ୩ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅଧ୍ୟକ୍ଷତାରେ ସାରା ରାଜ୍ୟରେ ବାଲ୍ୟ ବିବାହ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଛି। ପାଖାପାଖି ୪୦୦୦ ଲୋକଙ୍କ ନାଁରେ ପୋଲିସ ମାମଲା ରହିଛି। ଏ ନେଇ ବର୍ତ୍ତମାନ ସୁଦ୍ଧା ୩୦୦୦ ପୁରୁଷ ଓ ମହିଳାଙ୍କୁ ଗିରଫ କରାଯାଇଛି।

## ଡେଟା କେବୁଲରେ ଗଳାଚିପି ନିକିଙ୍କୁ ହତ୍ୟା କରିଥିଲେ ସାହିଲ

ନୂଆଦିଲ୍ଲୀ, ୧୫।୨



ଦିଲ୍ଲୀର ଏକ ରେଷ୍ଟୁରାଣ୍ଟ ଫ୍ରିଜର ଭିତରୁ ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଗିରଫ ସାହିଲଙ୍କୁ ଦିଲ୍ଲୀର ଏକ କୋର୍ଟ ୫ ଦିନିଆ ରିମାଣ୍ଡରେ ପଠାଇଛି। ବାହାଘରର ୩ ଘଣ୍ଟା ପୂର୍ବରୁ ସାହିଲ ତାଙ୍କ ଲିଭ୍-ଇନ୍ ପାର୍ଟନର ନିକି ଯାଦବଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ସାହିଲ ନିକିଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ ହେଁ ଘରଲୋକ ଠିକ୍ କରିଥିବା ଅନ୍ୟ ଜଣେ ଯୁବତୀଙ୍କୁ ସେ ବାହା ହେବାଲାଗି ରାଜି ହୋଇଥିଲେ। ସାହିଲ କିନ୍ତୁ ଏ ବିଷୟରେ ନିକିଙ୍କୁ ଜଣାଇ ନ ଥିଲେ। ବାହାଘରର ଗୋଟିଏ ଦିନ ପୂର୍ବରୁ ସାହିଲଙ୍କର ଅନ୍ୟ ଜଣକ ସହ ନିର୍ବନ୍ଧ ହୋଇସାରିଥିବା ପ୍ରେମିକା ନିକି ଜାଣିବାକୁ ପାଇଥିଲେ। ବାହାଘର ଦିନ ହିଁ ନିକି ସାହିଲଙ୍କୁ ଦେଖା କରିଥିଲେ। କାର୍‌ରେ ଦୁହେଁ ବସି କଥା ହେଉଥିବାବେଳେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସାହିଲ ରାଗିଯାଇ ଡେଟା କେବୁଲ୍‌ରେ ନିକିଙ୍କ ଗଳାଚିପି ହତ୍ୟା କରିଥିଲେ। ଏହାପରେ ସାହିଲ ମୃତଦେହକୁ ତାଙ୍କ ରେଷ୍ଟୁରାଣ୍ଟ ଫ୍ରିଜର ଭିତରେ ଲୁଚାଇ ଦେଇଥିଲେ।

ନିକି ସାଉଥ୍-ୱେଷ୍ଟ ଦିଲ୍ଲୀସ୍ଥିତ ନିଜ ଘରେ ଏକୁଟିଆ ରହୁଥିବାବେଳେ ତାଙ୍କ ପରିବାର ଲୋକେ ହରିୟାଣାରେ ଥିଲେ। ନିକି ଘରକୁ ନ ଫେରିବା ଦେଖି ତାଙ୍କ ପଡ଼ୋଶୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ନିକିଙ୍କ ମୃତଦେହ ପୋଲିସ ମଙ୍ଗଳବାର ସାହିଲଙ୍କ ରେଷ୍ଟୁରାଣ୍ଟ ଫ୍ରିଜର ଭିତରୁ ପାଇଥିଲା। ୨୪ ବର୍ଷୀୟ ଫାର୍ମା ଗ୍ରାଜୁଏଟ୍ ସାହିଲ ଏକବର୍ଷ ଧରି ନିକିଙ୍କ ସହ ଲିଭ୍‌ଇନ୍ ରିଲେସନ୍‌ଶିପ୍‌ରେ ଥିଲେ। ଦୁହେଁ ଏକାଠି ମେଡିକାଲ ଏଣ୍ଟ୍ରାନ୍ସ ଏଗ୍‌ଜାମ୍ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଫେବୃୟାରୀ ୯ରେ ନିକି ତାଙ୍କ ଘରକୁ ଯାଉଥିବାର ଏକ ଭିଡିଓ ପୋଲିସ ହାତକୁ ଲାଗିଛି। ନିକିଙ୍କ ବାପା ସୁନୀଲ ଯାଦବ ସାହିଲଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ନେଇ ଦାବି କରିଛନ୍ତି। ସାହିଲଙ୍କ କାର୍ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ୩ ଲକ୍ଷ ଡଲାରରେ ଏଲ୍‌ଭିସ୍‌ଙ୍କ ଜେଟ୍ ନିଲାମ

ୱାଶିଂଟନ୍, ୧୫।୨

ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ତଥା ଗୀତିକାର ଏଲଭିସ୍ ପ୍ରେସଲିଙ୍କ ପ୍ରାଇଭେଟ୍ ଜେଟ୍ ହୋଇଛି। ନ୍ୟୁମେକ୍ସିକୋର ରୋଜ୍‌ୱେଲ୍ ଇଣ୍ଟରନ୍ୟାଶନାଲ ଏୟାର ସେଣ୍ଟରରେ ଏଲଭିସ୍‌ଙ୍କ ଜେଟ୍ ୪୦ ବର୍ଷ ଧରି ପଡ଼ିରହିଥିଲା। ଜାନୁୟାରୀ ୮ରେ ଫ୍ଲୋରିଡାରେ ଅନୁଷ୍ଠିତ ହୋଇଥିବା ‘ମେକସ କିଓମି କଲେକ୍ଟର କାର୍ ଅକ୍ସନ’ରେ ଏଲ୍‌ଭିସ୍‌ଙ୍କ ପ୍ରାଇଭେଟ୍ ଜେଟ୍ ‘ଦ ହଣ୍ଡ ଡକ୍ ରକର୍’ ୨,୬୦,୦୦୦ ଡଲାରରେ ନିଲାମ ହୋଇଛି। ଏଲଭିସ୍‌ଙ୍କ କାର୍ ଓ ବିମାନରର ବହୁତ ସଉକ ଥିଲା। ନିଜେ କଲେକ୍ଟ କରିଥିବା ସେ ସମୟର ଲାଟେଷ୍ଟ ଗାଡ଼ି ସବୁକୁ ଦେଖି ସେ ଖୁବ୍ ଖୁସି ଅନୁଭବ କରୁଥିବା ଏଲଭିସ୍‌ଙ୍କ ପୂର୍ବତନ ସ୍ତ୍ରୀ ପ୍ରିସିଲା ପ୍ରେସଲି କହିଛନ୍ତି। ଏଲଭିସ୍‌ଙ୍କ ‘କିଙ୍ଗ୍ ଅଫ୍ ରକ୍ ଆଣ୍ଡ ରୋଲ୍’ ଗୀତ ତାଙ୍କୁ ବେଶ୍ ସଫଳତା ଦେଇଥିଲା। ନିଜ ଅଭିନୟ କ୍ୟାରିୟରରେ ସେ ଯେତିକି ଚର୍ଚ୍ଚିତ ଥିଲେ ସେତିକି ବିବାଦ ଘେରରେ ମଧ ରହୁଥିଲେ। ୧୯୭୭ ଅଗଷ୍ଟରେ ହୃଦ୍‌ଘାତରେ ଏଲଭିସ୍‌ଙ୍କ ବିୟୋଗ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୨ ବର୍ଷ ହୋଇଥିଲା। ୧୯୭୬ରେ ଏଲ୍‌ଭିସ୍ ୮,୪୦,୦୦୦ ଡଲାରେ ‘ଦ ହଣ୍ଡ ଡକ୍ ରକର୍’ ଜେଟ୍ କିଣିଥିଲେ। ମ୍ୟୁଜିକାଲ୍ ଶୋ’କୁ ଯିବା ସମୟରେ ବ୍ୟାଣ୍ଡ, କ୍ରିଉ, ମ୍ୟାନେଜର ଓ ଏଲ୍‌ଭିସ୍ ଏହି ଜେଟ୍‌ରେ ହିଁ ଯାତ୍ରା କରୁଥିଲେ। ‘ଦ ହଣ୍ଡ ଡକ୍ ରକର୍’ରେ ୭୦ ଦଶକର ଭେଲଭେଟ୍ ସିଟ୍, କାଠ ଓ ସୁନାରେ ତିଆରି ପ୍ୟାନେଲ, ପୁରୁଣା ସମୟର ମନୋରଞ୍ଜନ ସିଷ୍ଟମ ଏହି ଜେଟ୍‌ରେ ରହିଛି। ଏହା ବ୍ୟତୀତ ଜେଟ୍‌ରେ ରୋଷେଇ ପାଇଁ ଥିବା ସ୍ଥାନରେ ଏକ କେନମୋରେ ମାଇକ୍ରୋୱେଭ୍ ମଧ ରହିଛି। ୨୦୧୭ରେ କାଲିଫର୍ନିଆର ବ୍ୟବସାୟୀ ଜିମ୍ ଗାର୍ଗ୍ଲିଅର୍ଡି ୪,୩୦,୦୦୦ ଡଲାରରେ ଏହି ଜେଟ୍‌କୁ ନିଲାମ ଡାକିଥିଲେ। କିନ୍ତୁ କୌଣସି କାରଣରୁ ସେ ମେକ୍ସିକୋରୁ ଜେଟ୍‌କୁ ନେବାରେ ବିଫଳ ହୋଇଥିଲେ।



# ୨୨ ଲକ୍ଷ ଲୋକ ଘର ଛାଡ଼ିଲେଣି

ଆଙ୍କାରା/ଆଲେପୋ, ୧୫।୨


ଫାତମା ଗୁନଗୋରଙ୍କୁ ଉଦ୍ଧାରକାରୀ ଦଳ ହସ୍ପିଟାଲ ନେଉଛନ୍ତି।

- ୨୧୨ ଘଣ୍ଟା ପରେ ଉଦ୍ଧାର ହେଲେ ବୟସ୍କା ମହିଳା
- ସିରିଆରେ ରିଲିଫ୍ ସାମଗ୍ରୀ ପହଞ୍ଚାଇଲା ଭାରତ

ସପ୍ତାହକରୁ ଅଧିକ ଦିନ ଧରି ତୁର୍କୀ ଓ ସିରିଆରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭୟଙ୍କରୀ ଭୂକମ୍ପ ଯୋଗୁ ପ୍ରଭାବିତ ଅଞ୍ଚଳରୁ ୨୨ ଲକ୍ଷ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ହଜାର-ହଜାର ସଂଖ୍ୟାରେ ଘର ଏବେ ଖାଲି ପଡ଼ିଥିବା ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଦୋଗାନ୍ କହିଛନ୍ତି। ତୁର୍କୀରେ ଉଦ୍ଧାର କାର୍ଯ୍ୟ ସମାପ୍ତ ହେବାକୁ ବସିଥିବାବେଳେ ଭାଙ୍ଗିଯାଇଥିବା ବିଲ୍ଡିଂର ପୁନଃ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଦୋଗାନ୍ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏକମାସ ଭିତରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଭୂକମ୍ପରେ ଭାଙ୍ଗିଯାଇଥିବା ପ୍ରତ୍ୟେକ କୋଠା, କାର୍ଯ୍ୟାଳୟ ପୁଣିଥରେ ନିର୍ମାଣ କରିବା ପରେ ମାଲିକଙ୍କୁ ହସ୍ତାନ୍ତର କରାଯିବ। ଭୂକମ୍ପରେ ୧୦୫,୦୦୦ ଜଣ ଆହତ ହୋଇଥିବାବେଳେ ୧୩,୦୦୦ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭୂକମ୍ପ ଭଗ୍ନାବଶେଷ ତଳୁ ବହୁ ଲୋକ ଓ ଶିଶୁଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ଅନେକ ଲୋକଙ୍କୁ ସେମାନଙ୍କ ଆତ୍ମୀୟମାନଙ୍କୁ ହରାଇବାକୁ ମଧ ପଡ଼ିଛି।

ତୁର୍କୀର ଆଦିୟାମାନର ୭ ମହଲା ବିଶିଷ୍ଟ ବିଲ୍ଡିଂର ଭଗ୍ନାବଶେଷ ତଳୁ ୨୧୨ ଘଣ୍ଟା ପରେ ଜଣେ ୭୭ ବର୍ଷୀୟା ମହିଳାଙ୍କୁ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛି। ଉଦ୍ଧାର ପରେ ଫାତମା ଗୁନଗୋରଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁଲଗୋରଙ୍କୁ ସୁରକ୍ଷିତ ଭାବେ ଭଗ୍ନାବଶେଷ ତଳୁ କଢ଼ାଯିବା ପରେ ରେସ୍କ୍ୟୁ ଟିମ୍‌କୁ ତାଙ୍କ ପରିବାର ଲୋକେ ଧନ୍ୟବାଦ ଜଣାଇବା ସହ ଖୁସିରେ ଆଲିଙ୍ଗନ କରିଥିବା ଦେଖିବାକୁ ମିଳିଥିଲା। ଭାରତୀୟ ସେନାକୁ ନେଇ ପ୍ରସ୍ତୁତ କରାଯାଇଥିବା ୟୁନାଇଟେଡ୍ ନ୍ୟାଶନାଲ ଡିସ୍‌ଏଙ୍ଗେଜ୍‌ମେଣ୍ଟ ଅବଜର୍ଭର ଫୋର୍ସ (ୟୁଏନ୍‌ଡଇଓଏଫ୍) ବୁଧବାର ରିଲିଫ ସାମଗ୍ରୀ ନେଇ ସିରିଆର ଆଲେପୋରେ ପହଞ୍ଚିଛି। ତୁର୍କୀ-ସିରିଆ ଭୂକମ୍ପରେ ଦୁଇ ଦେଶକୁ ସହଯୋଗ କରିବା ଲାଗି ଭାରତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ‘ଅପରେଶନ୍ ଦୋସ୍ତ’ ଆରମ୍ଭ କରାଯାଇଛି। ଏହା ଜରିଆରେ ଭାରତ ତୁର୍କୀ ଓ ସିରିଆକୁ ରିଲିଫ୍ ସାମଗ୍ରୀ ପଠାଉଛି। ଭୂକମ୍ପ ଭଗ୍ନାବଶେଷ ତଳୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ବିଶ୍ୱର ୭୬ଟି ଦେଶ ତୁର୍କୀକୁ ରେସ୍କ୍ୟୁଟିମ୍ ପଠାଇଛି। ଏଥିରୁ ୧୨ଟଇ ବିଦେଶୀ ଦଳ ସେମାନଙ୍କ ମିଶନ୍ ଶେଷ କରି ଫେରିଛନ୍ତି। ସହାୟତା ଯୋଗାଉ ଥିବା ଦେଶଗୁଡ଼ିକୁ ତୁର୍କୀ ବହିର୍ବାପାର ମନ୍ତ୍ରୀ ମେଭଲଟ କାଭୁସୋଗ୍ଲୁ ଧନ୍ୟବାଦ ଜଣାଇଛନ୍ତି।

**କଂଗ୍ରେସରେ ଯୋଗଦେଲେ ପ୍ୟାରୀଙ୍କ ଝିଅ**

ଭୁବନେଶ୍ୱର, (ବ୍ୟୁରୋ): କଂଗ୍ରେସ ଭବନରେ ବୁଧବାର ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ଝିଅ ସିକ୍ତା ପତି, ଭାରତୀୟ ରେଳ ସେବାର ପୂର୍ବତନ ଅଧିକାରୀ ହେମନ୍ତ କୁମାର ଦତ୍ତ, ରାଧାକାନ୍ତ ନାୟକ ଓ ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ପ୍ରଧାନ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଆଦର୍ଶ, କଂଗ୍ରେସର ବିଚାରଧାରା ପ୍ରତି ସମ୍ମାନ ଜଣାଇ ସେମାନେ ଏହି ଦଳରେ ଯୋଗଦେଇଥିବା କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ରୁଦ୍ର ପ୍ରତାପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏବେ ନବ ତ କାଲି ଆଉ କିଏ: ଚେଲ୍ଲା କୁମାର

ଭୁବନେଶ୍ୱର, ୧୫।୨(ବ୍ୟୁରୋ): ମନ୍ତ୍ରୀ ନବ ଦାସ ହତ୍ୟା ମାମଲା ନେଇ ସରକାରଙ୍କୁ ବିରୋଧୀ ପୁଣି ଟାର୍ଗେଟ କରିଛନ୍ତି। କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର, ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଏବଂ ପ୍ରଦୀପ ପୁରୋହିତ ବିଜେଡି ନେତାମାନଙ୍କୁ ନବ ଦାସଙ୍କ ହତ୍ୟା ଘଟଣା ନେଇ କଡ଼ା ଭାଷାରେ ସମାଲୋଚନା କରିବା ସହ କିଛି ପ୍ରଶ୍ନର ଉତ୍ତର ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ୨ୟ ଓ ୩ୟ ର୍‍ୟାଙ୍କ୍‌ର ନେତାଙ୍କ ପାଇଁ କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର ସତର୍କବାଣୀ ଶୁଣାଇଛନ୍ତି।


କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର

ଚେଲ୍ଲାକୁମାର କହିଛନ୍ତି, ନବ ଦାସଙ୍କ ଭଳି ଅବସ୍ଥା ଅନ୍ୟ ନେତାମାନଙ୍କ କ୍ଷେତ୍ରରେ ହୋଇପାରେ। ଏବେ ନବ ତ କାଲି ଆଉ କିଏ। ମୁଖ୍ୟମନ୍ତ୍ରୀ ଚୌକିରେ ବସିବାକୁ ଆଶା ରଖିଥିବା ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ବିଜେଡିର ୨ୟ ଓ ୩ୟ ର୍‍ୟାଙ୍କ ନେତାଙ୍କ ଏହା ଚାଲ୍ ମଧ୍ୟ ହୋଇପାରେ। ବିଜେଡିରେ ବେଶି ପାଟି ଫିଟାଉଥିବା ନେତାଙ୍କ ପାଇଁ ଏହା ସତର୍କ ସୂଚନା। ଯେଉଁମାନେ ଦଳରେ ରହି ସତକୁ ସାମ୍ନାକୁ ଆଣିବା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି, ନବୀନ ଶାସନରେ ସେମାନଙ୍କ କଣ୍ଠକୁ ଦବାଇଦିଆଯାଉଛି ବୋଲି ଚେଲ୍ଲା କୁମାର କହିଛନ୍ତି। ସେ ଆହୁରି କହିଛନ୍ତି, ନବ ଦାସଙ୍କ ହତ୍ୟା ବେଳର ଭିଡିଓ ଦେଖିଛନ୍ତି। ନବଙ୍କୁ ଜଣେ ଏଏସ୍‌ଆଇ ମାରିବା ଭଳି ଲାଗୁନି। ଅନେକ ସନ୍ଦେହ ରହୁଛି। ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତବ୍ୟ, ଉତ୍ତର ଦେବା କଥା। ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଉପରେ କାହାରି ମଧ୍ୟ ଭରସା ପାଉନାହିଁ। ପରୀ ଏବଂ ମମତା ମେହେର ଘଟଣାରେ ବିଜେଡି ସରକାର କ'ଣ କରିଛି ବୋଲି ସେ ପ୍ରଶ୍ନ କହିଛନ୍ତି।

ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର କହିଛନ୍ତି, ନବ ଦାସଙ୍କୁ ହତ୍ୟା ହେଉଛି ଏକ ଆରେଞ୍ଜ ମର୍ଡର। ଏହି ଘଟଣାର ସତ୍ୟାସତ୍ୟ କିପରି ନ ଆସୁ ସେ ଦିଗରେ ବେଶି ଉଦ୍ୟମ ହେଉଛି। ସମସ୍ତଙ୍କ ଆଗରେ ଘଟିଥିବା ଏତେ ବଡ଼ ଘଟଣା ପୋଲିସ ଯେମିତି ଗୁରୁତର ସହକାରେ ନେବା କଥା ନେଉନାହିଁ। ବହୁତ ଭଲ ଭଲ ପୋଲିସ ଅଫିସର ଅଛନ୍ତି ସେମାନଙ୍କୁ ତଦନ୍ତରେ ସାମିଲ କରାଯାଉ ନାହିଁ। କାଳେ ସେମାନଙ୍କୁ ସାମିଲ କଲେ ପ୍ରକୃତ ସତ୍ୟ ପଦାକୁ ଆସିଯିବ ସେଥିଲାଗି ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟପଟେ ନବ ଦାସ ହତ୍ୟାକାଣ୍ଡକୁ ନେଇ ଭାଜପା ନେତା ପ୍ରଦୀପ ପୁରୋହିତ ରାଜ୍ୟ ସରକାରଙ୍କ ଉପରେ ପୁଣି ବର୍ଷିବା ସହ କହିଛନ୍ତି, ହତ୍ୟା ପଛରେ ବଡ଼ ରହସ୍ୟ ରହିଛି। ସେ ଆଗରୁ ମଧ୍ୟ କହିଛନ୍ତି ନବୀନଙ୍କ ଅବର୍ତ୍ତମାନରେ ଯେଉଁମାନେ କ୍ଷମତାରେ ରହିବାକୁ ଚାହୁଁଛନ୍ତି ସେମାନେ ଏହି ହତ୍ୟା କରିଛନ୍ତି। ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ଅଧିକାରୀ ହତ୍ୟା ପଛର ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ଦେଉଥିବା ଭଳି ମନେହେଉଥିବା ନେଇ ପ୍ରଦୀପ ଅଭିଯୋଗ କରିଛନ୍ତି।

## ଜୟନାରାୟଣଙ୍କୁ ବିରୋଧୀଦଳ ନେତା ପଦରୁ ଭାଜପା ହଟାଉ: ବିଜେଡି

ଭୁବନେଶ୍ୱର, ୧୫।୨(ବ୍ୟୁରୋ): ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କୁ ସର୍ବସମ୍ମୁଖରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଆକ୍ରମଣ କରିବା ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ଜୟନାରାୟଣ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ଏଭଳି ଅପମାନଜନକ ଆଚରଣ ପାଇଁ ଭାଜପା ତାଙ୍କୁ ବିରୋଧୀ ଦଳ ନେତା ପଦରୁ ହଟାଉ ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି ।


କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ଉପରେ ଭାଜପା କର୍ମୀ ଚଢୁଛନ୍ତି।

## ବିକ୍ଷୋଭ ବେଳେ ଭାଜପା କର୍ମୀ-ପୋଲିସ ମୁହାଁମୁହିଁ

- ପୋଲିସକୁ ଟମାଟୋ ମାଡ଼, ଥାନା ଅଧିକାରୀ ଆହତ
- ଅସଦାଚରଣ ନେଇ ମହିଳାମୋର୍ଚ୍ଚା ପକ୍ଷରୁ ଏତଲା

କେନ୍ଦୁଝର, ୧୫।୨ (ସ୍ୱ.ପ୍ର.): ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ବୁଧବାର ସାରା ରାଜ୍ୟରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦୁଝର ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚାଲିଥିବା ବେଳେ କେତେ ଜଣ ଭାଜପା କର୍ମୀ ପୋଲିସ ଉପରକୁ ଟମାଟୋ ମାଡ଼ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟଗେଟ୍ ଡେଇଁ ବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ଠେଲାପେଲା, ଉତ୍ତେଜନା ଲାଗିରହିଥିଲା। ଏଥିରେ ଟାଉନ ଥାନା ଅଧିକାରୀ ସୁନୀଲ କର ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନା ଅଧିକାରୀ କରଙ୍କ ବିରୋଧରେ ଟାଉନ ଥାନାରେ ଲିଖିତ ଏତଲା ଦିଆଯାଇଛି।

25th Marriage Anniversary


Mrs. Sanjukta Moharana
with
Mr. Dusmant Kumar Moharana
Capital Hospital, Bhubaneswar
With best wishes:-
Babi, Barsha & Babu
D-2774

BADRIPRASAD
Institute of Medical Science
Approved by Odisha Nurses & Midwives Registration Council under DMET, Govt. of Odisha
B.Sc Nursing
Now at Sambalpur
In campus
Hostel Facility
Available
For Admission Contact-
At- Debaipali, Majhipali Chowk, PO-Sason, Dist-Sambalpur
Call:9937380097,9853435210,9238400140,8908119285

## ଚାଉଳ ପାଇଁ ରାଜ୍ୟର ସବୁ ପଞ୍ଚାୟତରେ ବିଜେଡିର ବିକ୍ଷୋଭ

### ଆଜି ବ୍ଲକ୍ ଓ ଜିଲାପାଳ ଅଫିସ ଆଗରେ ଆନ୍ଦୋଳନ

ଭୁବନେଶ୍ୱର, ୧୫।୨(ବ୍ୟୁରୋ): ଧାନ କିଣା ନୀତି ଓ ଚାଉଳ କାଟ୍ ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡି ରାସ୍ତାକୁ ଓହ୍ଲାଇଛି। ରାଜ୍ୟରୁ ଯେତିକି ଧାନ ଉଠାଇବା କଥା କେନ୍ଦ୍ର ସରକାର ସେତିକି ଉଠାଉ ନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଧାନ କିଣା ହ୍ରାସ ପ୍ରତିବାଦରେ ମଙ୍ଗଳବାର ରାଜଭବନ ଆଗରେ ଦଳ ପକ୍ଷରୁ ଧାରଣା ଦିଆଯାଇଥିବା ବେଳେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ୫ କେଜି ମାଗଣା ଚାଉଳ ଏବେ ବନ୍ଦ କରିଦେଇଛନ୍ତି। ଏହା ପୁନର୍ବାର ଆରମ୍ଭ କରିବା ଦାବିରେ ବୁଧବାର ରାଜ୍ୟର ସମସ୍ତ ପଞ୍ଚାୟତ ମୁଖ୍ୟାଳୟ ଆଗରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୁରୁବାର ବ୍ଲକ୍ ଓ ଜିଲାପାଳ ଅଫିସ ଆଗରେ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଆଜି ରାଜଭବନ ଆଗରେ ଧାରଣା

### ରାଜ୍ୟବ୍ୟାପୀ ଆନ୍ଦୋଳନ କଲା ଭାଜପା

ଭୁବନେଶ୍ୱର, ୧୫।୨(ବ୍ୟୁରୋ): ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ବୋଲି ଏନ୍‌ସିଆର୍‌ବି ରିପୋର୍ଟ ବାରମ୍ବାର ତଥ୍ୟ ଦେଇଛି। ରାଜ୍ୟ ସରକାରଙ୍କ ନେତା, ମନ୍ତ୍ରୀ ଓ ଶାସକ ଦଳର ହାତବାରିସି ସାଜିଥିବା ପୋଲିସ ଅଧିକାରୀମାନେ ଓଡ଼ିଶାର ଅପରାଧରେ ସମ୍ପୃକ୍ତ ଅଛନ୍ତି ବୋଲି ଭାଜପା ବାରମ୍ବାର ଦାବି କରିଆସିଛି। ରାଜ୍ୟ ଗୃହ ବିଭାଗ ବିଶୃଙ୍ଖଳା ଚରମସୀମା ଅତିକ୍ରମ କରିସାରିଛି। ସାଧାରଣ ଜନତାଙ୍କ ପୋଲିସ ଉପରୁ ବିଶ୍ୱାସ ତୁଟିଯାଇଛି। ୨୩ ବର୍ଷ ଧରି ଓଡ଼ିଶାର ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀବ ପଟ୍ଟନାୟକ ନିଜ ନୈତିକତା ହରାଇଛନ୍ତି । ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଦାବି କରିଛି। ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଭାଜପା ରାଜ୍ୟବ୍ୟାପୀ ପ୍ରତିବାଦ ବିକ୍ଷୋଭ ଏବଂ ଚକାଜାମ୍ ଆନ୍ଦୋଳନ କରିଛି। ଭାଜପା ଅଭିଯୋଗ କରିଛି, 'ନବୀନ ସରକାର, ନାହିଁ ଦରକାର', 'ବିଜେଡି ଦଳ, ଓଡ଼ିଶାକୁ କାଳ' ଏଭଳି ନାରାବାଜି ଦେଇ ବିକ୍ଷୋଭକାରୀମାନେ ଧାରଣା ଦେଇଥିଲେ । ଏଥିସହ 'ରାଜ୍ୟ ଶାସନ ବ୍ୟବସ୍ଥାକୁ ଚଳାଉଛି କିଏ' ବୋଲି ଭାଜପା ପ୍ରଶ୍ନ କରିଛି। ଗୁରୁବାର ରାଜ୍ୟ ସରକାରଙ୍କୁ ବରଖାସ୍ତ ଦାବିକରି ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ରାଜ୍ୟପାଳଙ୍କୁ ଭେଟି ପଦକ୍ଷେପ ନେବାକୁ ଦାବିକଲା ଯୁବକଂଗ୍ରେସ

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର ବେଳେ ଗଣ୍ଡଗୋଳ ପ୍ରସଙ୍ଗ

ଭୁବନେଶ୍ୱର, ୧୫।୨(ବ୍ୟୁରୋ): ଓଡ଼ିଶାରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଏବେ କ୍ଷୁଣ୍ଣହେବାରେ ଲାଗିଛି । ସାମ୍ପ୍ରଦାୟିକ ଚିନ୍ତାଧାରା ସହ ଜଡିତ ଥିବା କିଛି ସଙ୍ଗଠନ ଧୀରେ ଧୀରେ ସକ୍ରିୟ ହୋଇ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ମନରେ ହିଂସାର ବିଷମଞ୍ଜି ବୁଣି ଶୈକ୍ଷିକ ପରିବେଶକୁ ବିଗାଡିବାରେ ଲାଗିଛନ୍ତି । ଗତ ୧୨ ତାରିଖ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ହଲ୍‌ରେ ଚାଲିଥିବା ଆଲୋଚନାଚକ୍ରରେ ଯେଉଁଭଳି ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କିଛି ଅଣ ଛାତ୍ରଗୋଷ୍ଠୀ ଅତିଥିଭାବେ ଯୋଗଦେଇଥିବା ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟଳୟର ଅଧ୍ୟାପକ ସୁରଜିତ୍ ମଜୁମ୍‌ଦାର ଏବଂ ଆଲୋଚନାଚକ୍ରର ଆୟୋଜକଙ୍କ ପ୍ରତି ବ୍ୟବହାର କରି ଉନ୍ମତ୍ତକାଣ୍ଡ ରଚିଥିଲେ ଏହାକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ବିରୋଧ କରୁଛି। ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଏହି ଘଟଣାକୁ ନିନ୍ଦାକରିବା ସହ ତାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ରାଜ୍ୟପାଳଙ୍କୁ ସାକ୍ଷାତ୍‌କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ସାମ୍ପ୍ରଦାୟିକ ବିଷ ବୁଣୁଥିବା ଛାତ୍ର ସଙ୍ଗଠନ ତଥା ନିର୍ଦ୍ଦିଷ୍ଟ ସଂକୀର୍ଣ୍ଣ ବିଚାରଧାରା ରଖିଥିବା ସଙ୍ଗଠନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଦେଶର ଆଗାମୀ ପିଢ଼ି ଯେଭଳି ଭାବେ ଏଭଳି କଳୁଷିତ ଚିନ୍ତାଧାରାରୁ ଦୂରରେ ରହିବ ସେଥି ପ୍ରତି ପଦକ୍ଷେପ ନେବା ପାଇଁ ସେମାନେ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି।

Classified Everyday 0674-2580101, 2549949


REAL ESTATE
SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-2773

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହସ୍‌ପାଲ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.- 199/- plot possession ସହିତ ବିକ୍ରିହେବ। 6370077932. D-74816

Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74638

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

New Cancer Hospital ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73683

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

Two duplex houses 1200sqft. with land 1024sqft. each at Vaishnov Enclave in Jaydev Vihar for sale. For details Contact- 9437024647, 9098913483.(No Brokers Please). D-2754

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି plot 30ft. ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। 9937450545. D-74813

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195



Relax, Refresh your Body, Mind at Saikrupa Spa with best therapies. 8984068077. D-2744

Newly open health benefits SPA special offer @999 Nayapalli. 7846814019. D-73682

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643


BUSINESS

ମାସକୁ ୨୫,୦୦୦ରୁ ୪୦,୦୦୦ ରୋଜଗାର ମାତ୍ର ୨ ଘଣ୍ଟା ସମୟ ଓ ସ୍ୱଳ୍ପ ବିନିଯୋଗ କରି। ଯୋଗାଯୋଗ କରନ୍ତୁ। Mobile- 9438398331, 9861820550. D-71671

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LOST

ଶ୍ରୀମତୀ ବନିତା ଜେନା, ସ୍ୱା- ପ୍ରକାଶ ଚନ୍ଦ୍ର ସାମନ୍ତରାୟ, At- ଅରବିନ୍ଦ ନଗର, ନୂଆ ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ମୋର କବଲା ହଜିଯାଇଛି ଦଲିଲ୍ ନମ୍ବର- 1742/22.05.09, ଏବଂ ଦଲିଲ୍ ମୁଁ କାହାକୁ ଦେଇନାହିଁ ଏବଂ ଅନ୍ୟ କାମରେ ବ୍ୟବହାର କରିନାହିଁ। ସେଥିପାଇଁ FIR Copy ମୁଁ ଦେଇଛି। ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍‌ଟିକୁ ପାଇଥାନ୍ତି ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବେ। 9437800420. D- 71365

Sri Parthendu Ray, Advocate, at Cuttack the authorised person of Attorney holder of Sri Saroj Ranjan Mohanty, Publicly declared that ROR No.472, Plot No.1294, Area Ao.100dec. and Plot No. 1295, Area AO.262dec. total A0.362dec. and one Regd. Sale Deed vide No.3820 dt.18.05.1960, property/ies under Mouza/ Village: Bhubaneswar Sahara, Unit No.22, Bhimpur, P.S.: Bhubaneswar, P.S. No. 64, Tahasil: Bhubaneswar, Tahasil No.234, Dist.- Khurda and some other original documents which belongs to Sri Saroj Ranjan Mohanty have been lost/misplaced in Unit-1 Hata, at Bhubaneswar, Dist. Khurda while he was engaged with some important work. Several attempts were made to get these documents. Any person/s will get such documents may contact on 9776328828 to return the same. If any person/s with ulterior motive and malafied intention misutilise such documents then original owner of the documents shall not be held responsible and such person/s shall be liable for Criminal as well as Civil action.
Sd./- Sri Parthendu Ray
Advocate
D-2772

AFFIDAVIT

By virtue of an affidavit before the Executive Magistrate, Chatrapur I have changed my name from Joysheel Pani to Joysheel Kumar Pani for all purposes. Therefore henceforth, I shall be known as Joysheel Kumar Pani for my future all needful purpose. D-2771

An affidavit sworn before the Notary Public, Jharsuguda, I Kanhu Dharei, R/o. At- Harijanpada, Beheramal, PO. Industrial Estate, Dist. Jharsuguda declare that my name has been mentioned as Kanhucharan Dharei in Reliance life insurance policy bearing ID No.88576861, contract No.51771761 and in voter ID card. But in Aadhar card and Bank Passbook my name has been mentioned as Kanhu Dharei. That both the names relates to same and one person. D-2776

Affidavit before Executive Magistrate, Dhenkanal I Ashok Kumar Sahu, Plot No.-342, Jagannath Bihar, Bhubaneswar changed my daughter's name from Asmita Sahu to Anwesha Sahu for LIC Policy No.-598609751 and all purpose. D- 71043

Affidavit before Executive Magistrate, Talcher I have changed my name from Soudamini Sahoo to Puspalata Khuntia, W/o- Prahallad Khuntia, At- Kishoreganjpatana, Talcher Town, Dist.- Angul for LIC Policy No.-597965780 and all purpose. D-71044

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


୰ଇଂ ରମେଶ ଚନ୍ଦ୍ର ମହାପାତ୍ର
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ)
ଆବିର୍ଭାବ: ୨୫।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୨୭୭୫

ଦଶାହ ଉପଲକ୍ଷେ


୰ରାଧାଗୋବିନ୍ଦ ମହାପାତ୍ର
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
କେତକୀ ପାଟଣା, ପୁରୀ
ତିରୋଧାନ: ୦୭।୦୨।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୨୭୭୭

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମୋଟୋ ଇ୧୩ ଉନ୍ମୋଚିତ

**ନୂଆଦିଲ୍ଲୀ:** ସ୍ମାର୍ଟଫୋନ ବ୍ରାଣ୍ଡ ମୋଟୋରୋଲାର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ମୋଟୋ ଇ୧୩ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଭାରତ ବଜାରରେ ବ୍ରାଣ୍ଡ ତା'ର ଇ ସିରିଜ୍ ଫ୍ରାଞ୍ଚାଇଜିରେ ନୂଆ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଏପରିକି ଏହା ଏକ ଅଲ୍-ଇନ୍-ୱାନ୍ ସ୍ମାର୍ଟଫୋନ୍, ଯାହା ୪ଜିବି ପର୍ଯ୍ୟନ୍ତ ରାମ୍ ସହ ଆସୁଛି। ଏହି ସ୍ମାର୍ଟଫୋନ୍ ୨ଟି ଭାରିଆଣ୍ଟ୍ ୨ଜିବି+୬୪ଜିବି ପାଇଁ ୬୯୯୯ ଟଙ୍କାରେ ଏବଂ ୪ଜିବି+୬୪ଜିବି ପାଇଁ ୭୯୯୯ ଟଙ୍କାରେ ଉପଲବ୍ଧ ହେଉଛି।

# ହ୍ରାସ ହୋଇପାରେ ତୈଳ ଦର

### ତେଲକୁ ଜିଏସ୍‌ଟି ପରିସରକୁ ଆଣିବାକୁ ଯୋଜନା କରୁଛନ୍ତି ସରକାର

ନୂଆଦିଲ୍ଲୀ,୧୫।୨




ବିଗତ ୯ ମାସରୁ ଅଧିକ ସମୟ ହେବ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପ୍ରକାର ପରିବର୍ତ୍ତନ ହୋଇନାହିଁ। ଏପରିକି ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ତେଲ ଦର କମିଥିବା ବେଳେ ଭାରତ ବଜାରରେ ତୈଳ ଦର ସ୍ଥିର ରହିବାକୁ ନେଇ ଉଭୟ ବିରୋଧୀ ଓ ଖାଉଟି ସରକାରଙ୍କୁ ବିଭିନ୍ନ ସମୟରେ ଆକ୍ଷେପ କରୁଛନ୍ତି। ହେଲେ ଖୁବ୍‌ଶୀଘ୍ର ଭାରତ ବଜାରରେ ତେଲ ଦର (ପେଟ୍ରୋଲ-ଡିଜେଲ) ହ୍ରାସ ପାଇପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ବିଶେଷକରି ତେଲକୁ ଜିଏସ୍‌ଟି ପରିସରକୁ ଆଣିବା ନେଇ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ଚଳିତ ମାସ ୧୮ ତାରିଖରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ କେନ୍ଦ୍ର ସରକାର କିଛି ଉତ୍ପାଦ ଉପରୁ ଟିକସ ହ୍ରାସ ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସେହିଭଳି ପେଟ୍ରୋଲ, ଡିଜେଲ ଉପରୁ ମଧ୍ୟ ଟିକସ ହ୍ରାସ ହୋଇପାରେ ବୋଲି ବଜାର ବିଶେଷଜ୍ଞ ଆକଳନ କରୁଛନ୍ତି। କାରଣ ଅଶୋଧିତ ତୈଳର ବୈଶ୍ୱିକ ମୂଲ୍ୟରେ ବ୍ୟାପକ ହ୍ରାସ ଘଟିଛି। ଏପରିକି ବର୍ତ୍ତମାନ ସମୟରେ ଅଶୋଧିତ ତୈଳର ମୂଲ୍ୟ ସ୍ଥିର ହୋଇ ରହିଛି। ବ୍ରେଣ୍ଟ ଅଏଲ ଫ୍ୟୁଚର୍ସ ହ୍ରାସ ସହ ବୁଧବାର ୮୪.୩୨ ଡଲାର ପ୍ରତି ବ୍ୟାରେଲ ପିଛା ବ୍ୟବସାୟ କରୁଥିଲା। ଏପରିକି ତୈଳ କମ୍ପାନୀଗୁଡିକ ମଧ୍ୟ ଏହାର ଲାଭ ବର୍ତ୍ତମାନ ସୁଦ୍ଧା ଗ୍ରାହକଙ୍କୁ ଦେଇନାହାନ୍ତି। ସେହିପରି କମ୍ପାନୀଗୁଡିକ ପୂର୍ବ କ୍ଷତିକୁ ଭରଣା କରିବାରେ ଲାଗିଛନ୍ତି ବୋଲି କହୁଥିବା ବେଳେ ପ୍ରକୃତ କଥା କାହାକୁ ଜଣାନାହିଁ। ଅପରପକ୍ଷରେ ଭାରତ ନିଜ ଆବଶ୍ୟକତାର ଦୁଇତୃତୀୟାଂଶରୁ ଅଧିକ ତେଲ ବିଭିନ୍ନ ରାଷ୍ଟ୍ରରୁ ଆମଦାନୀ କରିଥାଏ। ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତିକୁ କମ୍ କରିବା ପାଇଁ ଆର୍‌ବିଆଇ ଦ୍ୱାରା କରାଯାଇଥିବା ସୁପାରିସ ଉପରେ ମଧ୍ୟ ସରକାର ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି। ଅପରପକ୍ଷରେ ସରକାର ମକା ଏବଂ ତୈଳ ଉପରୁ ଟିକସ ହ୍ରାସ କରିପାରନ୍ତି ବୋଲି ଆକଳନ କରାଯାଉଛି ବୋଲି ନ୍ୟୁଜ୍ ଏଜେନ୍ସି ରଏଟର୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଥିବା ଜଣାପଡିଛି। ତେବେ ୨୦୨୩ ଫେବୃୟାରୀର ଦରବୃଦ୍ଧି ହାରକୁ ହ୍ରାସ କରିବା ପରେ ହିଁ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିବେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ୨୦୨୩ ଜାନୁୟାରୀରେ ଭାରତର ମୁଦ୍ରାସ୍ଫୀତି ହାର ୬.୫୨% ରହିଥିଲା, ଯାହା ୨୦୨୨ ଡିସେମ୍ବରରେ ୫.୭୨% ଥିଲା।

## ୩୨ କମ୍ପାନୀକୁ ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ

ନୂଆଦିଲ୍ଲୀ,୧୫।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବୁଧବାର ୩୨ଟି ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥା ବା କମ୍ପାନୀଙ୍କୁ ନୀତିଗତ ଭାବେ ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ ପ୍ରଦାନ କରାଯାଇଛି। ଉକ୍ତ କମ୍ପାନୀମାନଙ୍କ ମଧ୍ୟରେ ପାଇନ୍ ଲାବ୍ସ,ରୋଜର ପେ, ରିଲାଏନ୍ସ,ଗୁଗଲ, ଜମାଟୋ ଓ ଆମାଜନ ଭଳି ଅନେକ କମ୍ପାନୀର ଆବେଦନକୁ ମଞ୍ଜୁର ଦିଆଯାଇଥିବା ବେଳେ ଆଉ ୧୮ଟି କମ୍ପାନୀଙ୍କ ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ ଆବେଦନ ବର୍ତ୍ତମାନ ମଧ୍ୟ ବିଚାରାଧୀନ ରହିଛି। ସେମାନଙ୍କ ମଧ୍ୟରେ ଫୋନ୍‌ପେ, ମୋବିକ୍ୱିକ୍,କ୍ରେଡ୍, ଇନ୍‌ଷ୍ଟାମୋଜୋ ଭଳି ସଂସ୍ଥା ସାମିଲ ରହିଛନ୍ତି। ଅପରପକ୍ଷରେ ଆର୍‌ବିଆଇଙ୍କ ପକ୍ଷରୁ କେତେକ କମ୍ପାନୀଙ୍କ ଆବେଦନକୁ ଖାରଜ କରିଦିଆଯାଇଛି। ସେଗୁଡ଼ିକ ମଧ୍ୟରେ ଫ୍ରିଚାର୍ଜ, ପେଟିଏମ୍, ପେୟୁ ଓ ଟେପିଟସ୍ ଟେକ୍‌ନୋଲୋଜିସ୍ ଭଳି ସଂସ୍ଥା ଅନ୍ତର୍ଭୁକ୍ତ ଅଛନ୍ତି।

## ହାୟରର ନୂତନ କିନୋଚି ୫ଷ୍ଟାର ଏସି




ନୂଆଦିଲ୍ଲୀ,୧୫।୨

ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସ ଆଣ୍ଡ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ହାୟରର ନୂତନ ଉତ୍ପାଦ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ନ୍ୟୁ କିନୋଚି ୫ ଷ୍ଟାର ହେଭି-ଡ୍ୟୁଟି ପ୍ରୋ ଏୟାର କଣ୍ଡିସନର ସିରିଜ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି କିନୋଚି ସିରିଜ୍ ସୁପରକୁଲିଂ ଏବଂ ଇଣ୍ଟେଲି ସ୍ମାର୍ଟ ବୈଶିଷ୍ଟ୍ୟ ସହ ହାୟର ସ୍ମାର୍ଟ ଆପ୍ ସହିତ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ପ୍ରଦାନ କରିବାକୁ ସଜ୍ଜିତ ରହିଛି। ସେହିଭଳି ହାୟର କିନୋଚି ହେଭି ଡ୍ୟୁଟି ପ୍ରୋ ୫ ଷ୍ଟାର ଏୟାର କଣ୍ଡିସନରର ପ୍ରାରମ୍ଭିକ ମୂଲ୍ୟ ୪୭,୯୯୦ ଟଙ୍କା ରହିଥିବା ଜଣାପଡିଛି। ଏପରିକି ହାୟର୍ ଇ-କମର୍ସ ଷ୍ଟୋର ଫ୍ଲିପ୍‌କାର୍ଟ ଏବଂ ଆମାଜନ ଏବଂ ଅନ୍ୟାନ୍ୟ ଖୁଚୁରା ଆଉଟଲେଟରେ ମଧ୍ୟ ଉପଲବ୍ଧ। ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସ ଇଣ୍ଡିଆର ସଭାପତି ସତୀଶ ଏନ୍‌ଏସ୍ କହିଛନ୍ତି, ଆମେ ଅଭିନବ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଚାଳିତ ଉତ୍ପାଦର ଡିଜାଇନ୍ କରିବାରେ ବିଶ୍ୱାସ କରିଥାଉ। ଯାହା ଆମ ଗ୍ରାହକଙ୍କ ଜୀବନକୁ ସରଳ ଏବଂ ସୁବିଧାଜନକ କରିଥାଏ। ବିଶେଷ କରି ଗ୍ରୀଷ୍ମଋତୁରେ ଭାରତର ଅତ୍ୟଧିକ ଗରମ ପରିସ୍ଥିତି ଅନୁଭବ ହୋଇଥାଏ । ଏହାକୁ ଧ୍ୟାନରେ ରଖି ଆମେ କିନୋଚି ୫ ଷ୍ଟାର୍ ହେଭି-ଡ୍ୟୁଟି ଏୟାର କଣ୍ଡିସନର ସିରିଜର ନୂତନ ପରିସରକୁ ନିକଟରେ ଉନ୍ମୋଚନ କରିଛୁ। ସେହିଭଳି ହାୟର୍ ଆପ୍ଲାଏନ୍ସ ଇଣ୍ଡିଆର ନିର୍ଦ୍ଦେଶକ (ଏୟାର କଣ୍ଡିସନର ବ୍ୟବସାୟ) ଶାଫି ମେହେଟ୍ଟା କହିଛନ୍ତି, କିନୋଚି ୫ ଷ୍ଟାର୍ ହେଭି-ଡ୍ୟୁଟି ପ୍ରୋ ଏୟାର କଣ୍ଡିସନର ସିରିଜ୍ ହେଉଛି ଗ୍ରାହକଙ୍କ ପାଇଁ ଉପଯୁକ୍ତ ଏସି। ଫ୍ରଷ୍ଟ ସ୍ୱୟଂ ସଫା ଟେକ୍ନୋଲୋଜି-ବାୟୁ ପ୍ରଦୂଷଣର ଆଶଙ୍କାକୁ ଏଡାଇବା ସହିତ ରୋଗର ପ୍ରସାରକୁ ରୋକିଥାଏ ଉଲ୍ଲେଖଯୋଗ୍ୟ, ହୋମ୍ ଆପ୍ଲାଏନ୍ସ ଆଣ୍ଡ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ଭାବେ କମ୍ପାନୀ କ୍ରମାଗତ ୧୪ ବର୍ଷ ଧରି ମେଜର ଆପ୍ଲାଏନ୍ସରେ ନମ୍ବର ୧ ବ୍ରାଣ୍ଡର ସ୍ୱୀକୃତି ହାସଲ କରିଛି।

## ଶ୍ରେଷ୍ଠ ୫୦ କର୍ମକ୍ଷେତ୍ର ମଧ୍ୟରେ ଟାଟା ଷ୍ଟିଲ୍

ନୂଆଦିଲ୍ଲୀ,୧୫।୨

ଟାଟା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷକରି ଭାରତର ଶ୍ରେଷ୍ଠ କର୍ମକ୍ଷେତ୍ର ମଧ୍ୟରେ ଟାଟା ଷ୍ଟିଲ୍‌କୁ କ୍ରମାଗତ ୬ଷ୍ଠ ଥର ପାଇଁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପକ୍ଷରୁ ମାନୁଫାକ୍ଚରିଂ କ୍ଷେତ୍ରରେ ଟାଟା ଷ୍ଟିଲ୍‌କୁ କ୍ରମାଗତ ୬ଷ୍ଠ ଥର ପାଇଁ ଉକ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି। ସେହିଭଳି ଉଚ୍ଚ ବିଶ୍ୱାସ, ନିଷ୍ଠାପର, ପେସାଦାର ବିକାଶ ଏବଂ କର୍ମକ୍ଷେତ୍ରରେ ବିଚାର ଏକ ସଂସ୍କୃତି ବିକାଶ କରିବା ଲାଗି କମ୍ପାନୀ ଜାରି ରଖିଥିବା ଉଦ୍ୟମ ପାଇଁ ଏଭଳି ଏକ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ଏକ ଅନ୍ତର୍ଭୁକ୍ତୀକରଣ ଓ ନିରନ୍ତର ସଂସ୍ଥା ଗଠନ ଦିଗରେ ଉଦ୍ୟମ ପାଇଁ କ୍ରମାଗତ ଷଷ୍ଠ ଥର ଲାଗି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପକ୍ଷରୁ ଏଭଳି ଏକ ସ୍ୱୀକୃତି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (ମାନବ ସମ୍ବଳ ପରିଚାଳନା) ଆତ୍ରାୟି ସାନ୍ୟାଲ କହିଛନ୍ତି, ଆମେ ଏଭଳି ଏକ କର୍ମସଂସ୍କୃତି ବିକାଶ କରିବା ଲାଗି ଉଦ୍ୟମ କରୁଛୁ, ଯାହା ସୁରକ୍ଷା, ସ୍ୱାସ୍ଥ୍ୟ, ବିବିଧତା, ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଏବଂ ଆମ କର୍ମଚାରୀମାନଙ୍କ ସାମଗ୍ରିକ କଲ୍ୟାଣର ପ୍ରସାର କରିବ। ଏପରିକି ଭାରତର ଶ୍ରେଷ୍ଠ ମାନୁଫାକ୍ଚରିଂ କର୍ମକ୍ଷେତ୍ରରେ କମ୍ପାନୀ ସ୍ଥାନ ପାଇଥିବାରୁ ଆମେ ବେଶ୍ ଉଲ୍ଲସିତ। ଏହି ମାନ୍ୟତା ଆମକୁ ଆଗାମୀ ଭବିଷ୍ୟତରେ ଆଗକୁ ବଢ଼ିବା ଲାଗି ଉତ୍ସାହିତ କରିବ। ବିଶେଷ କରି କଠୋର ଅନୁଶୀଳନ ପଦ୍ଧତିରେ ମାନୁଫାକଚରିଂ କ୍ଷେତ୍ରରେ ଭାରତର ଶ୍ରେଷ୍ଠ କର୍ମକ୍ଷେତ୍ରଗୁଡ଼ିକୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ସଂସ୍ଥାଗୁଡ଼ିକ ଉଭୟ କର୍ମଚାରୀମାନଙ୍କ ଲାଗି ପ୍ରସ୍ତୁତ କରାଯାଇଥିବା ପ୍ରଥା ଏବଂ ମତାମତ ଆଧାରରେ ଏକ ଉଚ୍ଚ ବିଶ୍ୱାସର ସଂସ୍କୃତି ଗଠନ କରିବା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଛନ୍ତି।

## ୩୫୦୦ କୋଟିର ବାର୍ଷିକ ପ୍ରିମିୟମ ସଂଗ୍ରହ ଲକ୍ଷ୍ୟ

ନୂଆଦିଲ୍ଲୀ,୧୫।୨




ଦେଶର ପ୍ରମୁଖ ଘରୋଇ ଇନ୍‌ସ୍ୟୁରଟେକ୍ ଇନ୍‌ସ୍ୟୁରାନ୍ସ ଦେଖୋ ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ପ୍ରାୟ ୩୫୦୦ କୋଟିର ବାର୍ଷିକ ପ୍ରିମିୟମ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛି। ଏପରିକି କମ୍ପାନୀ ଇକ୍ୟୁଟି ଓ ଋଣର ମିଶ୍ରଣକୁ ନେଇ ସିରିଜ ଏ ପାଣ୍ଠିରୁ ୧୫୦ ମିଲିୟନ ଡଲାର ସଂଗ୍ରହ କରିଛି, ଯାହାକି ଭାରତୀୟ ଇନ୍‌ସ୍ୟୁରଟେକ୍ କମ୍ପାନୀ ଦ୍ୱାରା ସର୍ବବୃହତ୍ ସିରିଜ ଏ ରାଉଣ୍ଡ ବୋଲି କମ୍ପାନୀ ପକ୍ଷରୁ କୁହାଯାଉଛି। ବିଶେଷକରି ଇକ୍ୟୁଟି ରାଉଣ୍ଡ ଗୋଲ୍ଡ ମ୍ୟାନ୍ ସାଚ୍ ଆସେଟ ମ୍ୟାନେଜମେଣ୍ଟ ଓ ଟିଭିଏସ୍ କ୍ୟାପିଟାଲ ଫଣ୍ଡ ଦ୍ୱାରା ଇନ୍‌ଭେଷ୍ଟକର୍ପ, ଅବତାର ଭେଞ୍ଚର୍ସ ଓ ଲିପ୍‌ଫ୍ରଗ୍ ନିବେଶରେ ଅଂଶ ଗ୍ରହଣ କରିଥିଲା। ଅପରପକ୍ଷରେ ୨୦୨୩ ଶେଷ ସୁଦ୍ଧା କମ୍ପାନୀ ତା'ର ପ୍ଲାଟ୍‌ଫର୍ମରେ ୨,୦୦,୦୦୦ ରୁ ଅଧିକ ବୀମା ପରାମର୍ଶଦାତାଙ୍କୁ ସକ୍ରିୟ କରିବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ଓଡ଼ିଶା ଆଇଡି ଅନ୍ତର୍ଗତ ଏହାର ଦଳକୁ ଅତ୍ୟଧିକ ଆକ୍ରମଣାତ୍ମକ ଭାବେ ବିସ୍ତାର କରୁଛି ଏବଂ ନିକଟ ଭବିଷ୍ୟତରେ ୧୦,୦୦୦ ବୀମା ପରାମର୍ଶଦାତାଙ୍କର ଏକ ନେଟ୍‌ୱାର୍କ ସୃଷ୍ଟି କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। କମ୍ପାନୀ ସାରା ଭାରତରେ ୪୬ ବୀମା କମ୍ପାନୀ ସହ ଜଡ଼ିତ ଥିବାବେଳେ ୩୮୦ରୁ ଅଧିକ ବୀମା ଉତ୍ପାଦ ସହ ସ୍ୱାସ୍ଥ୍ୟ ଓ ଜୀବନ ପାଇଁ ୧୭୫ଟି ଉତ୍ପାଦ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଇନ୍‌ସ୍ୟୁରାନ୍ସ ଦେଖୋର ସହ ପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଅଗ୍ରୱାଲ କହିଛନ୍ତି, ଦେଶରେ ବୀମା ଅନୁପ୍ରବେଶର ସଫଳତା ପାଇଁ ଆମକୁ ସହରାଞ୍ଚଳ ଅତିକ୍ରମ କରିବାକୁ ପଡ଼ିବ। ସାଧାରଣ ଜନତାଙ୍କ ପାଇଁ ବୀମାକୁ ବିମୁଦ୍ରୀକରଣ କରିବା ଲକ୍ଷ୍ୟ ରଖିଛୁ ଓ ଏଥିପାଇଁ ଆମର ସମ୍ପ୍ରସାରଣକୁ ବିସ୍ତାର ଓ ବୈଷୟିକ ଆଧାରରେ ସମାଧାନ ତଥା ସଶକ୍ତୀକୃତ ଭାବେ କାର୍ଯ୍ୟ ଜାରି ରଖିବୁ।

## ଏସ୍‌ବିଆଇ ଏଫ୍‌ଡି ଉପରେ ମିଳିବ ଅଧିକ ସୁଧ

ନୂଆଦିଲ୍ଲୀ,୧୫।୨

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ବୁଧବାର ଫିକ୍ସଡ ଡିପୋଜିଟ୍ (ଏଫ୍‌ଡି) ହାର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏସ୍‌ବିଆଇ ତା'ର ଏଫ୍‌ଡି ଉପରେ ୨୫ ବେସିସ୍ ପଏଣ୍ଟ ବଢ଼ାଇଥିବା ଜଣାପଡ଼ିଛି। ଏସ୍‌ବିଆଇ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଏଫ୍‌ଡି ଉପରେ ଏହି ନୂତନ ସୁଧ ହାର ବୃଦ୍ଧି କରିଛି। ଏପରିକି ଏସ୍‌ବିଆଇର ୱେବ୍‌ସାଇଟରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାରଠାରୁ ଏହି ନୂତନ ହାର ଏଫ୍‌ଡି ଉପରେ ଏସ୍‌ବିଆଇର ସଂଶୋଧିତ ଦର ଲାଗୁ ହୋଇଛି। ସେହିଭଳି ଏହି ସୁଧହାର ବୃଦ୍ଧି ପରେ ବ୍ୟାଙ୍କ ୧ବର୍ଷରୁ ୨ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଜମା ଉପରେ ୬.୮୦% ସୁଧ ପ୍ରଦାନ କରିବ। ଏପରିକି ୨ ବର୍ଷରୁ ଅଧିକ ଓ ୩ ବର୍ଷରୁ କମ୍ ସ୍ଥାୟୀ ଜମା ଉପରେ ମଧ୍ୟ ୭% ସୁଧ ମିଳିବ।

ସୂଚନାଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍‌ରେ ୦.୨୫% ବୃଦ୍ଧି ଘୋଷଣା କରିଥିଲା ବେଳେ ଋଣ ଉପରେ ସୁଧ ହାର ବଢ଼ାଇବା ସହ ବ୍ୟାଙ୍କ ଜମା ଉପରେ ସୁଧ ହାର ମଧ୍ୟ ବଢ଼ିବାରେ ଲାଗିଛି।

ଫୁର୍‌ସତ୍

# କରୋନା ପାଇଁ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି ୨.୪ କୋଟି ଦର୍ଶକ ହରାଇଛି



**ନୂଆଦିଲ୍ଲୀ:** ବର୍ତ୍ତମାନ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି କରୋନା ମହାମାରୀରେ ପ୍ରାୟ ୨.୪ କୋଟି ଦର୍ଶକଙ୍କୁ ହରାଇଛି। ଏରମାକ୍ସର ୨୦୨୩ ରିପୋର୍ଟ ଅନୁଯାୟୀ, ଭାରତରେ ବର୍ତ୍ତମାନ ୧୨.୨ କୋଟି ଚଳଚ୍ଚିତ୍ର ଦର୍ଶକ ରହିଛନ୍ତି, ଯେଉଁମାନେ ପୂର୍ବ ୧୨ ମାସ ମଧ୍ୟରେ ଗୋଟିଏ ଥିଏଟରରେ ଅତି କମ୍‌ରେ ଗୋଟିଏ ମୁଭି ଦେଖିଥିବେ। ହେଲେ କରୋନା ମହାମାରୀ ପୂର୍ବରୁ ୨୦୨୦ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଏହି ସଂଖ୍ୟା ୧୪.୬ କୋଟିରେ ପହଞ୍ଚିଥିଲା। ଜାନୁୟାରୀ ୨୦୨୩ ରିପୋର୍ଟ ମୁତାବକ, ୧୫ ହଜାର ଭାରତୀୟ ଦର୍ଶକ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ରହିଛନ୍ତି। ଓରମାକ୍ସ ମିଡିଆର ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ହାରାହାରି ୧.୫ ପ୍ରତିଶତ ଫିଲ୍ମ ଭାରତୀୟ ଦର୍ଶକ ୧.୫ ଭାଷାରେ ଦେଖିଥାନ୍ତି। ଭାରତର ୫.୮ କୋଟି ଦର୍ଶକଙ୍କ ଅନୁସାରେ, ହିନ୍ଦୀ ହେଉଛି ସର୍ବାଧିକ ଦେଖାଯାଉଥିବା ଭାଷା। ପୂର୍ବ ମହାମାରୀ ସ୍ତର ତୁଳନାରେ ହିନ୍ଦୀ ସିନେମା ଦେଖିବାକୁ ହଲ୍ ଯାଉଥିବା ଦର୍ଶକଙ୍କ ସଂଖ୍ୟା ୨୧.୫ ପ୍ରତିଶତ ହ୍ରାସ ପାଇଛି। ଏହା ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ବୃଦ୍ଧି ଦେଖିବାକୁ ମିଳିଛି। ତେବେ କନ୍ନଡ଼ ଭାଷାରେ ୨୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ତାମିଲ ଭାଷାରେ ଏହା ୨୮.୨ ପ୍ରତିଶତରେ ସ୍ଥିର ରହିଥିବାବେଳେ ତେଲୁଗୁରେ ୨୫୧.୮୪ କୋଟିରୁ ୨୩୧.୯୬ କୋଟିକୁ ହ୍ରାସ ପାଇଛି। ଅନ୍ୟପଟେ ହଲିଉଡ୍‌ରେ ଏହା ୧୦.୧ ପ୍ରତିଶତ ବୃଦ୍ଧି ହୋଇ ୧୮୨.୨୬ କୋଟିରୁ ୨୦୦.୪୮ କୋଟି ହୋଇଛି। ତେବେ ଓରମାକ୍ସ ରିପୋର୍ଟ ଅନୁଯାୟୀ, ୨୦୨୩ ସୁଦ୍ଧା ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି ହଜି ଯାଇଥିବା ଦର୍ଶକଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛି। ବର୍ତ୍ତମାନ 'ପଠାନ' ଭଳି ଚଳଚ୍ଚିତ୍ର ଫେବୃୟାରୀ ୧୩ ସୁଦ୍ଧା ବିଶ୍ୱବ୍ୟାପୀ ୪୭୨.୯୫ କୋଟିରେ ପହଞ୍ଚିଛି।

## ସବୁ ପରିସ୍ଥିତିରେ ଜୀବନ ସାଥୀ ସାଙ୍ଗରେ ରହିବା ଆବଶ୍ୟକ


ତାରା ସୁତାରିଆ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆଙ୍କ ପ୍ରେମିକ ଆଦାର ଜୈନଙ୍କ ସହ ତାଙ୍କର ବ୍ରେକ୍‌ଅପ୍‌କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ତେବେ ଏହି ଗୁଜବକୁ ନେଇ ସେ ଏକ ମନ୍ତବ୍ୟ ରଖିଛନ୍ତି। ସେ ନିଜକୁ ଭଲ ପାଇବା ବିଷୟରେ କହିଛନ୍ତି। ଏଥିସହ ସେ ତାଙ୍କ ଭବିଷ୍ୟତ ସ୍ୱାମୀଙ୍କ ପାଖରେ କେଉଁ ଗୁଣ ଖୋଜୁଛନ୍ତି ତାହା କହିଛନ୍ତି। ସେ କହିଛନ୍ତି, ସେ ଏବେ ଯାହା ସହ ଅଛନ୍ତି, ତାଙ୍କଠାରେ ଗୁଣ ଖୋଜିବା ଉଦ୍ଦେଶ୍ୟ ତାଙ୍କର ଆଦୌ ନୁହେଁ। ହେଲେ ଏହା ମଧ୍ୟରେ ତାଙ୍କର ହୃଦୟଙ୍ଗମ ହୋଇଛି କି, ତାଙ୍କ ଜୀବନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବନ୍ଧୁତ୍ୱ, ପରିବାର ଓ ଅନ୍ୟ ସମ୍ପର୍କ। ତାଙ୍କ କହିବା କଥା ହେଉଛି, ଜୀବନ ଅନେକ ସମୟରେ ଜଟିଳତା ଦେଇ ଗତି କରିଥାଏ। ସେହି ସମୟରେ ମଧ୍ୟ ଆମେ ରହୁଥିବା ବ୍ୟକ୍ତି ସହ ଭଲ ସମୟ ବିତାଇବା ଉଚିତ। ତେବେ ନିଜକୁ ଭଲ ପାଇବା ନେଇ ତାରା କହିଛନ୍ତି, ସମସ୍ତଙ୍କ ଜୀବନରେ ଏହାର ଅର୍ଥ ଭିନ୍ନ ହୋଇଥାଏ। ଯେତେବେଳେ କୋଭିଡ୍ ବିଶ୍ୱରେ ଆତଙ୍କ ଚଳାଇଥିଲା, ଲୋକଙ୍କୁ ଅତି ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ହେଲେ ଅନେକ ଲୋକ ନିଜକୁ ଭଲ ପାଉଥିବାରୁ ସେହି ପରିସ୍ଥିତିରୁ ନିଜକୁ ବଞ୍ଚାଇ ପାରିବାରେ ସକ୍ଷମ ହୋଇପାରିଛନ୍ତି। ସେମାନେ ନିଜକୁ ବୁଝିଛନ୍ତି, ଶୁଣିବାକୁ ଚେଷ୍ଟା କରିଛନ୍ତି।

## ରାଜସ୍ଥାନରେ ଲେଡି ସୂର୍ଯ୍ୟକୁମାର

ଜୟପୁର

ଆଜିକାଲି ମହିଳାମାନେ ମଧ୍ୟ କୌଣସି କ୍ଷେତ୍ରରେ ପୁରୁଷଙ୍କଠାରୁ କମ୍ ନୁହନ୍ତି। ବିଭିନ୍ନ ପ୍ରକାର ଖେଳ ଖେଳିବା ସହ ଅନ୍ତରୀକ୍ଷରେ ମଧ୍ୟ ପାଦ ଥାପିଲେଣି। ତେବେ ନିକଟରେ ରାଜସ୍ଥାନର ବରମର ସହରରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ କି ଜଣେ ୧୪ ବର୍ଷୀୟା ଯୁବତୀ ମୋମଲ ମେହେର ତାଙ୍କ ସ୍କୁଲ ପଡ଼ିଆରେ ବ୍ୟାଟିଂ କରୁଥିବା ନଜରକୁ ଆସିଛି। ମୋମଲ ତାଙ୍କ କ୍ରିକେଟ ଗୁରୁ ଭାରତୀୟ କ୍ରିକେଟର ସୂର୍ଯ୍ୟକୁମାର ଯାଦବଙ୍କ ଭଳି ହେବାକୁ ଚାହୁଁଥିବା କହିଛନ୍ତି। ତେବେ ସ୍କୁଲ ପଡ଼ିଆରେ ଏପରି ବ୍ୟାଟିଂରେ ଛକା, ଚଉକା ମାରିବା ଦେଖି ସମସ୍ତେ ଆଚାର୍ଯ୍ୟ ହେଉଛନ୍ତି। ଏହି ଭାଇରାଲ ଭିଡିଓରେ କ୍ରିକେଟର ସଚିନ ତେନ୍ଦୁଲକର କହିଛନ୍ତି, କାଲି ତ ଆକ୍ସନ ହେଲା, ଆଜିଠୁ ମ୍ୟାଚ୍ ଆରମ୍ଭ! ସଚିନ ମୋମଲଙ୍କ ବ୍ୟାଟିଂ ଦେଖି ମଜା ନେଇଥିବା କହିଛନ୍ତି। ତେବେ ମୋମଲଙ୍କ ବ୍ୟାଟିଂ ଯୋଗୁ ସେ ତାଙ୍କ ଅଞ୍ଚଳରେ ଲେଡି ସୂର୍ଯ୍ୟକୁମାର ଭାବେ ପରିଚିତ ହୋଇଛନ୍ତି।



## ୩ଦିନ ମାଗଣାରେ ତାଜମହଲ ବୁଲିପାରିବେ ପର୍ଯ୍ୟଟକ



ନୂଆଦିଲ୍ଲୀ

ମୋଗଲ ସମ୍ରାଟ ଶାହାଜାହାନଙ୍କ ୩୬୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଚଳିତ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଆଗ୍ରାଠାରେ ଥିବା ତାଜମହଲକୁ ନିଃଶୁଳ୍କ ପ୍ରବେଶ କରାଯାଇଛି। ଏହି ଅବସରରେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଶାହାଜାହାନ ଏବଂ ମମତାଜଙ୍କ ସମାଧି ମଧ୍ୟ ଖୋଲାଯିବ ବୋଲି ଜଣାପଡ଼ିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଶାହାଜାହାନଙ୍କ ଶ୍ରାଦ୍ଧଦିବସ ୩ ଦିନ ଧରି ଆୟୋଜିତ ହେବ। ରିପୋର୍ଟ ମୁତାବକ, ୧୭ ତାରିଖ ଅପରାହ୍ନ ୨ଟାରୁ ଘସଲ ସମାରୋହ ଆରମ୍ଭ ହେବ। ୧୮ ତାରିଖରେ 'ସାଣ୍ଡାଲ' ଏବଂ 'ମିଲଦ ସରିଫ' ଓ ୧୯ରେ 'କୁଲ୍' ଏବଂ 'ଚାଦର ପୋଶି' ପାଳନ କରାଯିବ। ଚଳିତ ଶ୍ରାଦ୍ଧଦିବସରେ ସମ୍ରାଟ ଶାହାଜାହନଙ୍କ ସମାଧିରେ ୧୪୫୦ ମିଟରର ଚାଦର ଚଢାଯିବ ବୋଲି ଜଣାପଡ଼ିଛି। ଏଥିସହ ତାଜମହଲ ମଧ୍ୟକୁ ବିଭିନ୍ନ ପ୍ରକାର ବିସ୍ଫୋରକ ସାମଗ୍ରୀ ପାଇଁ ପ୍ରତିବନ୍ଧକ ରହିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ Bhubaneswar, Thursday, February 16/ 2023

# ଭାରତର କ୍ରମାଗତ ବିଜୟ

**ନ୍ୟୁଲାଣ୍ଡ (କେପଟାଉନ୍), ୧୫।୨**

ମହିଳା ଟି୨୦ ବିଶ୍ୱକପରେ ଭାରତର କ୍ରମାଗତ ବିଜୟ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ପରାସ୍ତ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୬ ଉଇକେଟ ହରାଇ ୧୧୮ ରନ୍ କରିଥିବା ବେଳେ ୧୮.୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ଭାରତ। ବୋଲିଂରେ ଦୀପ୍ତି ଶର୍ମା (୩/୧୫) ଓ ବ୍ୟାଟିଂରେ ରିଚା ଘୋଷ ଅପରାଜିତ ୪୪ ରନ୍ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ

**ମହିଳା ଟି୨୦ ବିଶ୍ୱକପ**

କରିଥିଲେ। ଏହା ସହିତ କ୍ରମାଗତ ୧୫ ଅନ୍ତର୍ଜାତୀୟ ମ୍ୟାଚରେ ପରାଜିତ ହୋଇଛି ୱେଷ୍ଟଇଣ୍ଡିଜ୍। ଭାରତ ଏହି ମ୍ୟାଚରେ ଦୁଇଟି ପରବର୍ତ୍ତନ ସହିତ ଓହ୍ଲାଇଥିଲା। ୟସ୍ତିକା ଭାଟିଆଙ୍କ ସ୍ଥାନରେ ସ୍ମୃତି ମନ୍ଧାନା ଦଳକୁ ଫେରିଥିବା ବେଳେ ହରଲିନ୍ ଦେଓଲଙ୍କ ସ୍ଥାନରେ ଦେବିକା ବୈଦ୍ୟଙ୍କୁ ସାମିଲ କରିଥିଲା ଭାରତ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଓଭରରେ ଦଳୀୟ ସ୍କୋର ୪ ରନରେ ଅଧିନାୟିକା ହିଲି ମାଥ୍ୟୁସ୍(୨)ଙ୍କ ଉଇକେଟ ହରାଇଥିଲା। ତେବେ ଦ୍ୱିତୀୟ ଉଇକେଟରେ ଷ୍ଟିଫାନି ଟେଲର ୪୨ ଓ ଶିମେନ୍ କ୍ୟାମ୍ପବେଲ ୩୦ ଯୋଡିଥିଲେ ୭୩ ରନ୍। ଟପ୍ ସ୍କୋରର ଷ୍ଟିଫାନି ୪୦ ବଲ ଖେଳି



ପ୍ଲେୟର ଅଫ୍ ଦି ମ୍ୟାଚ ଦୀପ୍ତି ଶର୍ମା।

୬ ଚୌକା ମାରିଥିବା ବେଳେ କ୍ୟାମ୍ପବେଲ ୩୬ ବଲ୍ ଖେଳି ୩ ଚୌକା ମାରିଥିଲେ। ମାତ୍ର ୩ ବଲ ବ୍ୟବଧାନରେ ଉଭୟ ଖେଳାଳିଙ୍କୁ ଆଉଟ କରିବା ସହିତ ଦୀପ୍ତି ଶର୍ମା ୱେଷ୍ଟଇଣ୍ଡିଜକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଶେଷ ଆଡକୁ ଚେଡିଆନ୍ ନେସନ୍ ୨୧* ଓ ଶାବିକା ଗଜନବି ୧୫ ରନ୍ କରିବାରୁ ଦଳ ୨୦ ଓଭରରେ ୧୧୮ ରନ୍ ସ୍କୋର କରିଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୧୫ ରନରେ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୧୯ ରନର ପିଛା କରୁଥିବା ଭାରତକୁ ଭଲ ଆରମ୍ଭ ଦେଇଥିଲେ ଶେଫାଳି ବର୍ମା(୨୮) ଓ ସ୍ମୃତି ମନ୍ଧାନା(୧୦)। ପ୍ରଥମ ଉଇକେଟରେ ୩.୩ ଓଭରରେ ଉଭୟ ୩୨ ରନ୍ ଯୋଡିଥିଲେ। ସ୍ପିନରଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ମନ୍ଧାନା ଷ୍ଟମ୍ପ ଆଉଟ ହୋଇଥିଲେ। ମାତ୍ର ୧୧ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା ଭାରତ। ଶେଫାଳି ବର୍ମା ୨୩ ବଲ ଖେଳି ୬ ଚୌକା ମାରିଥିଲେ। ୪୩ ରନରେ ୩ ଉଇକେଟ ପତନ ଘଟିବା ପରେ ଅଧିନାୟିକା ହରମନ୍‌ପ୍ରୀତ କୌର ୩୩ ଓ ରିଚା ଘୋଷ ୪୪* ଚତୁର୍ଥ ଉଇକେଟରେ ୭୨ ରନ୍ ଯୋଡିଥିଲେ। ହରମନପ୍ରୀତ୍ ୪୨ ବଲ ଖେଳି ୩ଟି ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ରିଚା ଘୋଷ ମଧ୍ୟ ୩୨ ବଲରୁ ୫ଟି ଚୌକା ମାରି ଶେଷ ଯାଏ ଅପରାଜିତ ଥିଲେ। ବିଜୟ ପାଇ ୪ ରନ୍ ଆବଶ୍ୟକ ଥିବା ବେଳେ ହରମନପ୍ରୀତ ବଡ ଶଟ୍ ଖେଳିବାକୁ ଯାଇ ଚିନେଲେ ହେନରୀଙ୍କ ବଲରେ ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କରିଶ୍ମା ରାମହାରାକ ୨ ଓ ହିଲି ମାଥ୍ୟୁସ ଓ ଚିନେଲେ ହେନରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।ଦୀପ୍ତି ଶର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୧୮/୬ (ଷ୍ଟିଫାନି ଟେଲର-୪୨, ଶିମେନ୍ କ୍ୟାମ୍ପବେଲ-୩୦, ଚେଡିଆନ୍ ନେସନ-୨୧*, ଦୀପ୍ତି ଶର୍ମା-୩/୧୫, ରେଣୁକା ସିଂ-୧/୨୨, ପୂଜା ବସ୍ତ୍ରକାର-୧/୨୧)। ଭାରତ୧୮.୧ ଓଭରରେ ୧୧୯/୪ ( ରିଚା ଘୋଷ-୪୪*, ହରମନ୍‌ପ୍ରୀତ କୌର୍-୩୩,ଶେଫାଳି ବର୍ମା-୨୮, କରିଶ୍ମା ରାମହାରାକ୍-୨/୧୪, ହିଲି ମାଥ୍ୟୁସ୍-୧/୧୨, ଚିନେଲେ ହେନରୀ-୧/୨୧)।

## ବାଂଲାଦେଶକୁ ହରାଇଲା ଅଷ୍ଟ୍ରେଲିଆ

**ଜେବେର୍ହା, ୧୫।୨ (ପି.ଟି):** ଲେଗ୍ ସ୍ପିନର ଜର୍ଜିଆ ୱେୟାରହାମ୍ ଓ ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ପ୍ରଦର୍ଶନ ବଳରେ ମହିଳା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶକୁ ୮ ଉଇକେଟରେ ହରାଇଛି ଅଷ୍ଟ୍ରେଲିଆ। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୦୭ ରନ୍ କରିଥିବା ବେଳେ ୧୦ଟି ବଲ ପୂର୍ବରୁ ୨ ଉଇକେଟ ହରାଇ ଅଷ୍ଟ୍ରେଲିଆ ୧୧ ରନ୍ କରିଥିଲା। ଜର୍ଜିଆ ୱେୟାରହାମ୍ ୩ ଉଇକେଟ ନେଇଥିବା ବେଳେ ଡାର୍ସି ବ୍ରାଉନ୍ ୨ ଉଇକେଟ ନେଇଥିଲେ। ଅଧିନାୟିକା ନିଗାର ସୁଲତାନା ୫୦ ବଲରୁ ୫୭ ରନ୍ ସଂଗ୍ରହ କରିଥିଲେ। ଜବାବରେ ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ଅପରାଜିତ ୪୮ ରନ୍ ବଳରେ ୧୮.୨ ଓଭରରେ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲିସା ହିଲି ୩୭ ଓ ଆସଲେ ଗାର୍ଡନର ୧୯ ରନ୍ କରିଥିଲେ। ଜର୍ଜିଆ ୱେୟାରହାମ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୦୭/୭(ନିଗାର ସୁଲତାନା-୫୭, ଶୋରନା ଅଖତର-୧୨, ଜର୍ଜିଆ ୱେୟାରହାମ୍-୩/୨୦, ଡାର୍ସି ବ୍ରାଉନ୍- ୨/୨୩, ଆସ୍‌ଲେ ଗାର୍ଡନର-୧/୧୭)।

ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୧/୨ ( ମେଗ୍ ଲାନିଙ୍ଗ-୪୮*, ଆଲିସା ହିଲି-୩୭, ମାରୁଫା ଅଖତର-୧/୧୯, ଶୋରନା ଅଖତର-୧/୧୨)।

# ୩ ଫର୍ମାଟରେ ଭାରତ ନମ୍ବର ୱାନ୍

**ଦୁବାଇ,୧୫।୨(ପି.ଟି)**

ବୁଧବାର ଭାରତ ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଏହା ସହିତ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ୩ଟି ଯାକ ଫର୍ମାଟରେ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିବାରେ ସଫଳ ହୋଇଛି। ସେହିପରି ଭାରତୀୟ ଭେଟେରାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲରଙ୍କ ର୍‍ୟାଙ୍କିଂରେ ଏକ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

ନାଗପୁରରେ ବର୍ଡର-ଗାଭାସ୍କର ଟ୍ରଫି ସିରିଜର ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୧୩୨ ରନ ବ୍ୟବଧାନରେ ଜିତିବା ସହିତ ପ୍ରଥମ ସ୍ଥାନରୁ ଅଷ୍ଟ୍ରେଲିଆକୁ ହଟାଇଛି ଭାରତ। ଏହା ପୂର୍ବରୁ ଭାରତ ଟି୨୦ରେ ଏକ ନମ୍ବର ଦଳ ରହିଥିବା ବେଳେ ଗତ ମାସରେ ନ୍ୟୁଜିଲାଣ୍ଡକୁ ୩-୦ରେ ପରାସ୍ତ କରି ଦିନିକିଆରେ ମଧ୍ୟ ଦଳ ଏକ ନମ୍ବର ସ୍ଥାନ ହାସଲ କରିଥିଲା। ବୁଧବାର ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଂରେ ଭାରତ ୧୧୫ ରେଟିଂ ପଏଣ୍ଟ ସହିତ ପ୍ରଥମ

**ଦ୍ୱିତୀୟ ସ୍ଥାନରେ ଅଶ୍ୱିନ**

ସ୍ଥାନ ହାସଲ କରିଛି। ଦ୍ୱିତୀୟ ସ୍ଥାନକୁ ଖସିଥିବା ଅଷ୍ଟ୍ରେଲିଆ ଭାରତ ଠାରୁ ୪ ପଏଣ୍ଟ ପଛରେ ରହିଛି। ଶୁକ୍ରବାରଠାରୁ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବାକୁ ଥିବା ବେଳେ ଭାରତ ଏହି ମ୍ୟାଚରେ ବିଜୟୀ ହେବାକୁ ପ୍ରୟାସ କରିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହି ସିରିଜ ୩-୦ କିମ୍ବା ୩-୧ରେ ଜିତିବାକୁ ପଡିବ। ବୋଲରଙ୍କ ମଧ୍ୟରେ ବରିଷ୍ଠ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୫ ମାସ ପରେ ଟେଷ୍ଟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ରବୀନ୍ଦ୍ର ଜାଡେଜା ୧୬ଟି ସ୍ଥାନ ଉପରକୁ ଉଠିଛନ୍ତି। ନାଗପୁର ଟେଷ୍ଟରେ ଉଭୟ ଜାଡେଜା ଏବଂ ଅଶ୍ୱିନ ନିଜ ମଧ୍ୟରେ ୧୫ ଉଇକେଟ ବାଣ୍ଟି ନେଇଥିଲେ। ଜାଡେଜା ପ୍ରଥମ ଇନିଂସରେ ଓ ଅଶ୍ୱିନ ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଅଶ୍ୱିନ ପ୍ୟାଟ୍ କମିନ୍ସଙ୍କ ଠାରୁ ମାତ୍ର ୨୧ ପଏଣ୍ଟ ପଛରେ ରହିଛନ୍ତି। ୨୦୧୭ ପରଠାରୁ ପ୍ରଥମ ଥର ପାଇଁ ଅଶ୍ୱିନ ୧ ନମ୍ବର ହେବାର ନିକଟତର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପେସର ଯଶପ୍ରୀତ ବୁମ୍‌ରା ଯିଏକି ଲୋୟର ବ୍ୟାକ୍ ଷ୍ଟ୍ରେସ୍ କାରଣରୁ କ୍ରିକେଟ ପଡିଆରୁ ଦୂରରେ ରହିଛନ୍ତି ବୋଲର ତାଲିକାର ୫ମ ସ୍ଥାନରେ ଅଛନ୍ତି। ନାଗପୁର ଟେଷ୍ଟରେ ଶତକ ହାସଲ କରିଥିବା ରୋହିତ ଶର୍ମା ଦୁଇଟି ସ୍ଥାନ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି। ଦୁର୍ଘଟଣା କାରଣରୁ ବର୍ଡର-ଗାଭାସ୍କର ସିରିଜରୁ ବାଦ୍ ପଡିଥିବା ରିଷଭ ପନ୍ତ ଦଶମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ଓପନର ଡେଭିଡ୍ ୱାର୍ନର ଓ ଉସ୍‌ମାନ ଖ୍ୱାଜାଙ୍କ ର୍‍ୟାଙ୍କିଂରେ ହ୍ରାସ ଘଟିଛି। ୱାର୍ନର ୬ ସ୍ଥାନ ତଳକୁ ଖସି ୨୦ ଓ ଖ୍ୱାଜା ୨ ସ୍ଥାନ ତଳକୁ ଖସି ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ମାର୍ନସ ଲାବୁଶେନ୍ ଓ ଷ୍ଟିଭ୍ ସ୍ମିଥ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କ୍ୟାରିୟର ଶ୍ରେଷ୍ଠ ୮୪ ରନ୍ କରିଥିବା ଅକ୍ଷର ପଟେଲ ଅଲରାଉଣ୍ଡର ତାଲିକାରେ ୬ ସ୍ଥାନ ଉପରକୁ ଉଠି ସପ୍ତମରେ ପହଞ୍ଚିଛନ୍ତି।

# ଓଡ଼ିଶାର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)**

ରାଜସ୍ଥାନର ଆଜମେର୍‌ରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ଟି୨୦ ଦୃଷ୍ଟିବାଧିତ ନାଗେଶ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ତେଲଙ୍ଗାନାକୁ ୧୯୧ ରନ୍‌ରେ ହରାଇଥିବା ଓଡ଼ିଶା ବୁଧବାର ନିଜର ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀକୁ ୬୫ ରନରେ ପରାସ୍ତ କରିଛି।

**ନାଗେଶ ଟ୍ରଫି**

ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ଲିଙ୍ଗରାଜ ରାଉତରାଙ୍କ ଶତକ ସହାୟତାରେ ୨୦ ଓଭରରେ ୨ ଉଇକେଟ ହରାଇ ୨୬୨ ରନ କରିଥିଲା। ଲିଙ୍ଗରାଜ ୬୨ ବଲ୍‌ରୁ ୧୦୭, ସୁଖରାମ ମାଝି ୪୫ ଓ ଜାଫର ଇକବାଲ ୩୬ ରନ ସ୍କୋର କରିଥିଲେ। ଜବାବରେ ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୧୯୭ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ତପନ କୁମାର ଗୌଡ଼ ୨ଟି ଏବଂ କାଳିଆ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ। ନଗେଶ ଟ୍ରଫିରେ ପ୍ରଥମ ଶତକ ହାସଲ କରିଥିବା ଲିଙ୍ଗରାଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ତୃତୀୟ ଲିଗ୍ ମ୍ୟାଚରେ ଗୁରୁବାର ଜମ୍ମୁ-କଶ୍ମୀରକୁ ଭେଟିବ।




ପୁରସ୍କାର ଗ୍ରହଣ ଅବସରରେ ଲିଙ୍ଗରାଜ ରାଉତରା (ବାମ)।

# କିଲିମାଞ୍ଜାରୋ ଆରୋହଣ କଲେ ମଧୁସ୍ମିତା

**ଭୁବନେଶ୍ୱର, ୧୫।୨**
**(କ୍ରୀଡ଼ା ପ୍ରତିନିଧି)**

ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ (୫,୮୯୫ ମି./୧୯,୩୪୧ ଫୁଟ)କୁ ସଫଳତାର ସହ ଆରୋହଣ କରିଛନ୍ତି ବ୍ରହ୍ମପୁର ଗୋସାଣି ନୂଆଗାଁର ମଧୁସ୍ମିତା ପାତ୍ର। ଗତ ୧୦ ତାରିଖରେ ମଧୁସ୍ମିତା କିଲିମାଞ୍ଜାରୋ ପାଦଦେଶ ମରାଙ୍ଗୁ ଫାଟକ ଦେଇ ଆରୋହଣରେ ବାହାରିଥିଲେ। ୧୨ ତାରିଖରେ ସେ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ କିଛି ଘଣ୍ଟା ବିଶ୍ରାମ ନେବା ପରେ ରାତ୍ର ୧୨ଟା ସମୟରେ ନିଜ ଗାଇଡ୍‌ଙ୍କ ସହ ସେ କିଲିମାଞ୍ଜାରୋ ଶିଖର ଉଦ୍ଦେଶ୍ୟରେ ବାହାରିଥିଲେ। ରାତିର ବିଯୁକ୍ତ ତାପମାତ୍ରା ଏବଂ ଅନ୍ୟ ପାର୍ଶ୍ୱ ପ୍ରଭାବ ଯୋଗୁ ସେ ସାମାନ୍ୟ କ୍ଳାନ୍ତ ଅନୁଭବ କରିଥିଲେ, ମାତ୍ର ଏଥିରେ ଭାଙ୍ଗି ନ ପଡ଼ି ଗାଇଡଙ୍କ ସହ ଆଗକୁ ବଢ଼ିଥିଲେ। ୧୩ ତାରିଖ ସକାଳ ୭.୦୫ ସମୟରେ ସେ କିଲିମାଞ୍ଜାରୋ ଶିଖରରେ (ଯାହା ଉହୁରୁ ପିକ୍ ଭାବେ ଜଣା) ପହଞ୍ଚି ନିଜ ଦେଶର ଜାତୀୟ ପତାକାକୁ ଉଡାଇଥିଲେ। କିଛି ସମୟ ଶିଖରରେ ରହିବା ପରେ ପୁନର୍ବାର ବେସ୍‌କ୍ୟାମ୍ପ ଦେଇ




କିଲିମାଞ୍ଜାରୋ ଶିଖରରେ ତ୍ରିରଙ୍ଗା ସହ ମଧୁସ୍ମିତା ପାତ୍ର।

ତଳକୁ ଓହ୍ଲାଇ ଆସିଥିଲେ। ମଧୁସ୍ମିତା ହେଉଛନ୍ତି ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଓ ପୁଷ୍ପାଞ୍ଜଳି ପାତ୍ରଙ୍କ କନ୍ୟା। ସେ ସମ୍ପ୍ରତି କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଚେନ୍ନାଇରେ କାର୍ଯ୍ୟରତ। ଆଗାମୀ ଦିନରେ ସେ ଅନ୍ୟ ମହାଦେଶର ଉଚ୍ଚତମ ପାହାଡ ଏବଂ ବିଶ୍ୱର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଥିବା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ମଧୁସ୍ମିତା ଜଣେ ତାଲିମପ୍ରାପ୍ତ ପର୍ବତାରୋହି। ସେ ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହିମାଳୟ ପର୍ବତାରୋହଣ ସଂସ୍ଥା ଏଚ୍‌ଏମ୍‌ଆଇ ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ମାଉଣ୍ଟ ରେନକ, ଚାଦର, କେଦାରକଣ୍ଠ ଆଦି ଆରୋହଣ କରିଛନ୍ତି।

## ବେନ୍ ସୟର ଆର୍‌ସିବିର ମୁଖ୍ୟ କୋଚ୍

**ବେଙ୍ଗାଲୁରୁ,୧୫।୨(ପି.ଟି)**

ଆସନ୍ତା ଓମେନ୍ସ ପ୍ରିମିୟର ଲିଗ୍ ପାଇଁ ଅଷ୍ଟ୍ରେଲିଆର ବେନ୍ ସୟରଙ୍କୁ ଆର୍‌ସିବିର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ମହିଳା ଦଳ ଦାୟିତ୍ୱରେ ଥିବା ବେନ୍ ପୂର୍ବରୁ ବର୍ମିଂହାମ ଫିନିକ୍ସ ଓ ସିଡ୍‌ନୀ ସିକ୍ସର୍ସ

**ଓମେନ୍ସ ପ୍ରିମିୟର ଲିଗ୍**

ଭଳି ଟି୨୦ ଫ୍ରାଞ୍ଚାଇଜିର ଦାୟିତ୍ୱ ନେଇଥିଲେ। ଅଷ୍ଟ୍ରେଲିଆ ମହିଳା ଦଳର କୋଚ୍ ରହିଥିବା ବେଳେ ସେ ୩ଟି ବିଶ୍ୱକପ ଟାଇଟଲ ମଧ୍ୟ ବିଜୟୀ ହୋଇଛନ୍ତି। ସିଡ୍‌ନୀ ସିକ୍ସର୍ସକୁ ବିଗ୍ ବାଶ୍ ଟାଇଟଲ ଜିତାଇଥିବା ବେଳେ ବର୍ମିଂହାମ ଫିନିକ୍ସ ଦ ହଣ୍ଡ୍ରେଡର ଫାଇନାଲରେ ପ୍ରବେଶ କରିଥିଲା। ଆରସିବିର ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରିବା ସହିତ ଡିରେକ୍ଟର ଅଫ୍ କ୍ରିକେଟ ମାଇକ୍ ହେସନ୍ ମୁଖ୍ୟ କୋଚ୍ ଭାବରେ ବେନ୍‌ଙ୍କ ନିଯୁକ୍ତିକୁ ସ୍ପଷ୍ଟ କରିଛନ୍ତି। ଦଳର ପ୍ରସ୍ତୁତିରୁ ଆରମ୍ଭ କରି ନିଲାମି ପର୍ଯ୍ୟନ୍ତ ସବୁଥିରେ ବେନ୍ ଜଡିତ ଥିବା ସ୍ପଷ୍ଟ କରିଛନ୍ତି ହେସନ୍। ବେନ୍‌ଙ୍କ ବ୍ୟତୀତ ମାଲୋରାନ୍ ରଙ୍ଗରାଜନ (ସହକାରୀ କୋଚ୍), ଭି. ଆର. ବନିତା (ପ୍ରତିଭା ଅନ୍ୱେଷଣ ଓ ଫିଲ୍ଡିଂ କୋଚ୍) ଓ ଆର. ଏକ୍ସ. ମୁରଲୀ(ବ୍ୟାଟିଂ କୋଚ) ଭାବରେ ନିଯୁକ୍ତି ପାଇଛନ୍ତି।

## ସାନିଆ ହେଲେ ମେଣ୍ଟର

**ବେଙ୍ଗାଲୁରୁ, ୧୫।୨(ପି.ଟି):** ଆସନ୍ତା ଓମେନ୍ସ ପ୍ରିମିୟର୍ ଲିଗ୍ ପାଇଁ ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜା ଆର୍‌ସିବିର ମେଣ୍ଟର ଭାବେ ନିଯୁକ୍ତ ହୋଇଛନ୍ତି। ଗତ ମାସରେ ନିଜ କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳିଥିବା ସାନିଆ ନୂତନ ନିଯୁକ୍ତି ନେଇ ଖୁସି ପ୍ରକାଶ କରିଛନ୍ତି। ଆର୍‌ସିବିର ମେଣ୍ଟର ଭାବରେ ଯୋଗ ଦେବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି କହିଛନ୍ତି ୬ ଗ୍ରାଣ୍ଡସ୍ଲାମ ଓ ୪୩ ଡବ୍ଲ୍ୟୁଟିଏ ଟାଇଟଲ ବିଜୟିନୀ ସାନିଆ ମିର୍ଜା। ଭାରତୀୟ ମହିଳା କ୍ରିକେଟ ବର୍ତ୍ତମାନ ଏକ ବୈପ୍ଳବିକ ମୁହୂର୍ତ୍ତରେ ରହିଛି। ଏହାର ଅଂଶ ହେବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି କହିଛନ୍ତି ସାନିଆ। ଆଇପିଏଲ୍‌ରେ ଆର୍‌ସିବି କ୍ରିକେଟ ଫ୍ୟାନ୍‌ଙ୍କ ଅନ୍ୟତମ ପ୍ରିୟ ଦଳ।

# ସନ୍ତୋଷ ଟ୍ରଫି ଫୁଟ୍‌ବଲ: ମଣିପୁରର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୫।୨**
**(କ୍ରୀଡ଼ା ପ୍ରତିନିଧି)**

ଏଠାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡରେ ବୁଧବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ମଣିପୁର ୪-୧ ଗୋଲରେ ପଶ୍ଚିମବଙ୍ଗକୁ ହରାଇଥିବାବେଳେ ସର୍ଭିସେସ-ଦିଲ୍ଲୀ ମ୍ୟାଚ ୧-୧ ଓ ରେଲୱେ-ମେଘାଳୟ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରଭାବୀ ରହିଥିଲା ମଣିପୁର। ୧୧ତମ ମିନିଟରେ ପଙ୍ଗାମବାମ ନାଓବା ମେଇତେଇ ଗୋଲ ଦେଇ ମଣିପୁରକୁ ଅଗ୍ରଣୀ କରିଥିବାବେଳେ ୩୭ତମ ମିନିଟରେ ଏହାକୁ ୨-୦ରେ ପରିଣତ କରିଥିଲେ ଅଧିନାୟକ ସିଙ୍ଗମ ସୁବାସ ସିଂ। ୫୪ତମ ମିନିଟରେ ପଶ୍ଚିମବଙ୍ଗର ବଦଳ ଖେଳାଳି ସୌଭିକ କର ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚ ରୋମାଞ୍ଚକ ହୋଇଥିଲା। ମାତ୍ର ୮୧ତମ ମିନିଟରେ ପଶ୍ଚିମବଙ୍ଗର ବିଶ୍ୱଜିତ ହେମ୍ବ୍ରମଙ୍କ ଆତ୍ମଘାତୀ ଗୋଲ ମଣିପୁରକୁ ଫାଇଦାରେ ରଖିଥିଲା। ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ ମଣିପୁର ପକ୍ଷରୁ ଆଉ ଏକ ଗୋଲ ଦେଇଥିଲେ ନାଗାଙ୍ଗବାମ ନାଓଚା ସିଂ। ଟୁର୍ନାମେଣ୍ଟରେ ୩ ମ୍ୟାଚରୁ ଏହାଥିଲା ମଣିପୁରର ଦ୍ୱିତୀୟ ବିଜୟ। ଫଳରେ ଦଳ ୬ ପଏଣ୍ଟରେ ପହଞ୍ଚି ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ଏକ ମ୍ୟାଚରେ ଦିଲ୍ଲୀ ସହିତ ପଏଣ୍ଟ ଭାଗ କରିଥିଲା ସର୍ଭିସେସ। ଏଥିରେ ଦିଲ୍ଲୀ ପକ୍ଷରୁ କେହି ଗୋଲ ସ୍କୋର କରିପାରି ନ ଥିଲେ। ସର୍ଭିସେସର ପି. ଖ୍ରିଷ୍ଟୋଫର କାମେଇ ୨୧ତମ ମିନିଟରେ ପେନାଲ୍ଟିରୁ ଏକ ଗୋଲ ଦେଇ ଦଳକୁ ଆଗୁଆ କରାଇଥିଲେ। ୯୦ ମିନିଟ ପର୍ଯ୍ୟନ୍ତ ଅଗ୍ରଣୀ ରହି ଦଳ ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ବଲ୍ ପାଇଁ ସଂଘର୍ଷ ସମୟରେ ସର୍ଭିସେସ ଡିଫେଣ୍ଡର ସଫିଲ ପି.ପି.ଙ୍କ ଆତ୍ମଘାତୀ ଗୋଲ ଯୋଗୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଫଳରେ ଦିଲ୍ଲୀ ଗୋଟିଏ ପଏଣ୍ଟ ପାଇ ଯାଇଥିଲା। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରେଲୱେ କିମ୍ବା ମେଘାଳୟ ଦଳ କେହି ଗୋଲ ଦେଇ ପାରି ନ ଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ।



ମଣିପୁର ଓ ପଶ୍ଚିମବଙ୍ଗ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, February 16/2023 Page 20 | ପୃଷ୍ଠା-୧ SAMBALPUR

# ୩୦ ନିର୍ବାଚନକୁ ପ୍ରଭାବିତ କରିଛି ଇସ୍ରାଏଲ୍ ସଂସ୍ଥା

**ଅନ୍ତର୍ଜାତୀୟ ଖବରଦାତା ଗୋଷ୍ଠୀର ଅନୁସନ୍ଧାନମୂଳକ ରିପୋର୍ଟ**

**ପ୍ୟାରିସ୍, ୧୫।୨ (ଆଇଏଏନ୍ଏସ୍)**

ଇସ୍ରାଏଲ୍‌ର ଏନ୍ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ବିବାଦ ନ ଥମୁଣୁ ଏହି ଦେଶର କଣ୍ଟ୍ରାକ୍ଟରମାନଙ୍କ ଏକ ଟିମ୍ ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନକୁ ପ୍ରଭାବିତ କରିଥିବା ଦାବି କରିଛି। ହ୍ୟାକିଂ, ଅନ୍ତର୍ଘାତୀ କାର୍ଯ୍ୟ ଓ ସୋସିଆଲ ମିଡିଆରେ ସ୍ୱୟଂଚାଳିତ ମିଥ୍ୟା ସୂଚନା ପ୍ରସାର ଭଳି ଉପାୟ ଆପଣାଇ ଏହା କରାଯାଇଥିବା ବୁଧବାର ଏକ ନୂଆ ତଦନ୍ତରୁ ପ୍ରଘଟ ହୋଇଛି। 'ଟିମ୍ ଜର୍ଜ' ନାମକ ଏହି ଦଳ ☞ପୃଷ୍ଠା-୬

# ଜାଲରେ ପଡ଼ିଲା ୨ କୁଇଣ୍ଟାଲ ଓଜନର ସାମୁଦ୍ରିକ କଉ


ବିକ୍ରି ଲାଗି ଯାଉଥିବା ମାଛ।

**୩୮ ହଜାର ଟଙ୍କାରେ ନିଲାମ**

**ଭୋଗରାଇ, ୧୫।୨ (ଡ଼ି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଦୀଘା ଉପକୂଳ ଗଭୀର ସମୁଦ୍ରରୁ ଏକ ବିରଳ ପ୍ରଜାତିର କଉ ମାଛ ଜାଲରେ ପଡିଛି। ଟ୍ରଲର ମାଲିକ ଏହି ବିରଳ ମାଛକୁ ଦୀଘା ମୁହାଣ ମାଛ ମାର୍କେଟକୁ ବିକ୍ରି ପାଇଁ ଆଣିଥିଲେ। ଉକ୍ତ ମାଛର ଓଜନ ୨ କୁଇଣ୍ଟାଲ ହୋଇଥିବା ବେଳେ କୋଲକାତା ବସିରହାଟ ଅଞ୍ଚଳର ଏକ କମ୍ପାନୀ ମାଛକୁ ୩୮ ହଜାର ଟଙ୍କାରେ ନିଲାମ ଡାକି କିଣି ନେଇଥିଲେ। ☞ପୃଷ୍ଠା-୬

# ନିର୍ମାଣ ହେବ ୧୦୫ ଆଦର୍ଶ ବସ୍‌ଷ୍ଟାଣ୍ଡ

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଅସ୍ତରଙ୍ଗ, ସୁବର୍ଣ୍ଣରେଖା ବନ୍ଦର

**୨ ଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀ**

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

ଯାତ୍ରୀ ପରିବହନ ସେବାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟରେ ୧୦୫ଟି ଆଦର୍ଶ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୫ଟି ବ୍ଲକସ୍ତରୀୟ ଆଦର୍ଶ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ୨୦୨୩ ଡିସେମ୍ବର ସୁଦ୍ଧା ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫୦ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏହା ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ବୁଧବାର କୋଣାର୍କ ଇକୋ-ରିଟ୍ରିଟ୍‌ଠାରେ ଅନୁଷ୍ଠିତ ବରିଷ୍ଠ ଅଧିକାରୀ ସମ୍ମିଳନୀର ଦ୍ୱିତୀୟ ଦିବସରେ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯାତ୍ରୀମାନଙ୍କ ସୁବିଧା ପାଇଁ ବିଜୁ ଗାଁ ଗାଡ଼ି ଯୋଜନାକୁ ଆହୁରି ମଜଭୁତ କରିବା ସକାଶେ ଆଭ୍ୟନ୍ତର ଜଳ ପରିବହନକୁ ଏହି ଯୋଜନାରେ ସାମିଲ କରାଯାଇଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭ ପ୍ରଦାନ କରୁଥିବା ମାର୍ଗଗୁଡ଼ିକରେ ବସ୍ ଚଳାଚଳ କରିବାକୁ ପ୍ରୋତ୍ସାହିତ କରାଯାଇଛି। ଏଥିସହିତ ସହର ପରିବହନ ବ୍ୟବସ୍ଥାରେ ଦ୍ୱିତୀୟ ଶ୍ରେଣୀ ସହରଗୁଡ଼ିକୁ ସାମିଲ କରାଯାଇଛି। ଯାନବାହନଗୁଡ଼ିକର ସମୟଭିତ୍ତିକ ସ୍ଥାନଗୁଡ଼ିକୁ ☞ପୃଷ୍ଠା-୬


କୋଣାର୍କ ଇକୋ-ରିଟ୍ରିଟ୍‌ଠାରେ ବୁଧବାର ଅନୁଷ୍ଠିତ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ।

# ତହସିଲରୁ ହଟିବେ ମଧ୍ୟସ୍ଥ

- କାର୍ଯ୍ୟକାରୀ ହେବ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା
- ମାର୍ଚ୍ଚରୁ ପ୍ରତି ତହସିଲରେ ଭର୍ଚୁଆଲ କୋର୍ଟ
- ସପ୍ତାହକୁ ୨ରୁ ୩ ଦିନ ହେବ କ୍ୟାମ୍ପ୍ କୋର୍ଟ

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

ଏଣିକି ଲୋକଙ୍କୁ ଆଉ ସରକାରୀ କାର୍ଯ୍ୟାଳୟକୁ ଧାଇଁବାକୁ ପଡ଼ିବ ନାହିଁ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା ଯନ୍ତ୍ରଣାରୁ ମୁକ୍ତି ମିଳିବ। ସମୟ ସାଙ୍ଗକୁ ଖର୍ଚ୍ଚ ମଧ୍ୟ କମିବ। ସରକାରୀ ଦପ୍ତରରେ ଜନସାଧାରଣ ଭିଡ଼ ହ୍ରାସ କରିବା ପାଇଁ ୨୦୨୩ ମାର୍ଚ୍ଚ ସୁଦ୍ଧା ସମସ୍ତ ତହସିଲରେ କାର୍ଯ୍ୟକାରୀ ହେବ ଭର୍ଚୁଆଲ କୋର୍ଟ। ଏଥିସହ ସପ୍ତାହକୁ ୨ରୁ ୩ ଦିନ ନିୟମିତ କ୍ୟାମ୍ପ୍ କୋର୍ଟ ଆୟୋଜନ କରାଯିବ। ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକ ସ୍ୱଚ୍ଛତା ଏବଂ ମଧ୍ୟସ୍ଥଙ୍କୁ ହଟାଇବା ପାଇଁ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା ଆରମ୍ଭ ହେବ। ଅନ୍‌ଲାଇନ ସ୍ଲଟ୍ ବୁକିଂ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେବ। ଆବଶ୍ୟକ ସ୍ଥଳେ ଅଧିକ ପଞ୍ଜୀକରଣ କାର୍ଯ୍ୟାଳୟ, ଆର୍‌ଆଇ ସର୍କଲ ଖୋଲାଯିବ। କୋଣାର୍କ ଇକୋ-ରିଟ୍ରିଟ୍‌ଠାରେ ବରିଷ୍ଠ ଅଧିକାରୀ ସମ୍ମିଳନୀର ବୁଧବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ସମସ୍ତ ଜିଲା, ସବ୍‌ଡିଭିଜନ ଓ ତହସିଲରେ ଓସ୍ୱାସ୍ ସମ୍ପ୍ରସାରଣ ପାଇଁ ପ୍ରସ୍ତାବ ରହିଛି। ରାଜସ୍ୱ ବୋର୍ଡଠାରୁ ଆରମ୍ଭ କରି ପ୍ରତ୍ୟେକ ରାଜସ୍ୱ କାର୍ଯ୍ୟାଳୟର ସମ୍ପୃକ୍ତ ରେକର୍ଡଗୁଡ଼ିକର ଡିଜିଟାଇଜେଶନ୍ ଚାଲିଥିବା ଆଲୋଚନାରୁ ଜଣାପଡ଼ିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ☞ପୃଷ୍ଠା-୬



## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଚପଟଖଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଜୟନ୍ତ ଖମାରୀଙ୍କ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ମୁଖ୍ୟବକ୍ତା ଭାବେ ଉମେଶ ଚନ୍ଦ୍ର ଶତପଥୀ ଏବଂ ସମ୍ମାନିତ ଅତିଥି ଭାବେ ନର୍ଲା ବିଡ଼ିଓ ବାସନ୍ତୀ ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ତପିମନି ଜାନି ଓ ଥାନା ଅଧିକାରୀ ଗଙ୍ଗାଧର ମେହେର ଉପସ୍ଥିତ ରହିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ ପ୍ରଦାନ କରିଥିଲେ।

# ୫୦ ବର୍ଷ ପରେ ସ୍ୱପ୍ନ ହେବ ସାକାର

■ କନାଗାଁ ତେଲ ନଦୀ ଉପରେ ନିର୍ମାଣ ହେବ ପୋଲ
■ ବର୍ଷାଦିନେ ୧୫ କି.ମି. ବୁଲି ଯାଉଥିଲେ
■ ଆରମ୍ଭ ହୋଇଛି ବିଜୁ ସେତୁ କାମ

ଭବାନୀପାଟଣା,୧୫।୨(ସ୍ୱ.ପ୍ର.)

ଦୀର୍ଘ ୫୦ ବର୍ଷ ପରେ ସ୍ୱପ୍ନ ହେବ ପୂରଣ। ଶେଷରେ କନାଗାଁ ତେଲ ନଦୀ ଉପରେ ନିର୍ମାଣ ହେବାକୁ ଯାଉଛି ଏକ ପୋଲ। ଅଞ୍ଚଳବାସୀ ଖରା ଦିନେ ନଦୀ ପାର ହୋଇ କାମ ଚଳାଇ ଦେଉଥିବା ବେଳେ ବର୍ଷା ଦିନ ଆସିଲେ ଦେଶୀ ଡଙ୍ଗା ଯାହାଙ୍କ ପାଇଁ ସାହାରା ପାଲଟୁଥିଲା। ସେଥିରେ ଏକ ସେତୁ ନିମାଣ ଅଞ୍ଚଳବାସୀଙ୍କୁ ଆଣିଦେଇଛି ଢେର ସାରା ଆନନ୍ଦ। କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ କନାଗାଁ ଓ ଥନଟ ଗ୍ରାମକୁ ସଂଯୋଗ ତେଲ ନଦୀରେ ଆରମ୍ଭ ହୋଇଛି ବିଜୁ ସେତୁ କାମ। କନାଗାଁ ଓ ଥନଟ ଦେଇ ଯାଇଛି ଚୀର ସ୍ରୋତା ତେଲ ନଦୀ। ନଦୀ ଉପରେ କୌଣସି ପୋଲ ନ ଥିବାରୁ ଗାଁରୁ ସହରକୁ ଆସୁଥିବା ଲୋକଙ୍କ ପାଇଁ ସବୁବେଳେ କଷ୍ଟ ସାଧ ହୋଇ ପଡିଥାଏ। ଏହି ନଦୀ ଦେଇ ପ୍ରାୟ ୧୦ଟି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରୁଥିବା ବେଳେ ଗୋଲାମୁଣ୍ଡା ବ୍ଲକର ଜନସାଧାରଣ ମଧ୍ୟ ନିର୍ଭର କରିଥାନ୍ତି। ସେହିପରି କନାଗାଁ,


କନାଗାଁ ତେଲ ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

ଲୁହାଗାଁ, ସାଗୁନଭାଡି, ଗତାଗୁଡା ଭଳି ବହୁ ଗ୍ରାମର ଲୋକଙ୍କ ପାଇଁ ଏହା ହେଉଛି ସବୁଦିନିଆ ରାସ୍ତା। ଯାହାକି ବର୍ତ୍ତମାନ ଏହି ତେଲ ନଦୀ ଉପରେ ପୋଲ ନିର୍ମାଣ କାମ ଅଞ୍ଚଳବାସୀଙ୍କୁ ଆସ୍ୱସ୍ତି ଦେଇଛି। ଏହି ନଦୀକୁ ସଂଯୋଗ କରିଥାଏ ଧର୍ମଗଡ ସହର। ଯେଉଁ ସହର ଉପରେ ନିର୍ଭର କରିଥାନ୍ତି ନଦୀ ସେପାରିରେ ଥିବା ବହୁ ଗ୍ରାମର ଲୋକ। ସେ ଅଞ୍ଚଳର ଛାତ୍ରୀଛାତ୍ରଙ୍କଠାରୁ କଲେଜ ପଢିବାକୁ ମଧ୍ୟ ଧର୍ମଗଡ ସହର ଉପରେ ନିର୍ଭର କରିଥାନ୍ତି। ସେ ଅଞ୍ଚରେ ବିଶେଷ କରି ପନିପରିବା ଚାଷ ହେଉଥିବା ବେଳେ ବିଭିନ୍ନ ପ୍ରକାର ପନିପରିବା ଧର୍ମଗଡ ସହରକୁ ବିକ୍ରି ପାଇଁ ଆସିଥାଏ। ବର୍ଷା ଦିନରେ ଅଞ୍ଚଳର ହଜାର ହଜାର ଲୋକଙ୍କୁ ମାତ୍ର ୪ କି.ମି. ବାଟକୁ ପଡିଥାଏ ୧୫ କି.ମି. ଦୂରତା। ଖରା ଦିନରେ ଏଠାରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ବର୍ଷା ଦିନେ ଦେଶୀ ଡଙ୍ଗା ହିଁ ସ୍ଥାନୀୟ ଲୋକଙ୍କ ଭରସା ପାଲଟିଥାଏ। ଏହି ନଦୀ ଉପରେ ରାଜ୍ୟ ସରକାରଙ୍କ ବିଜୁ ସେତୁ ଯୋଜନାରେ ପ୍ରାୟ ୧୯ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଛି ପୋଲ କାମ। ଏହାର ନିର୍ମାଣ କାର୍ଯ୍ୟ ଆସନ୍ତା ମେ ମାସ ୨୦୨୫ରେ ସାରିବା ପାଇଁ ସମୟ ଧାର୍ଯ୍ୟ କରିଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ଅଞ୍ଚଳବାସୀ ଏହି ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘ ୫୦ ବର୍ଷ ହେବ ଦାବି କରି ଆସୁଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଗ୍ରହଣ କରି ଏଠାରେ ଏହି ବିଜୁ ସେତୁ ନିର୍ମାଣ କାମ ଆରମ୍ଭ କରିଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା କରାଯାଇଛି।

## ସଂକ୍ଷେପରେ

### ଟ୍ରକ୍-ବାଇକ୍ ଧକ୍କା: ବାଇକ୍ ଆରୋହୀ ମୃତ

ନୂଆପଡ଼ା ଅଫିସ,୧୫।୨: ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଘୋଟସରଠା ୩୫୩ ନଂ. ଜାତୀୟ ରାଜପଥରେ ବାଇକ୍ ଓ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡେନ ଥାନା କର୍ଲାକୋଟ ପଞ୍ଚାୟତ କିରେକେଲା ଗ୍ରାମର ଟଙ୍କ ମାଝି (୨୬)। ସୂଚନାଯୋଗ୍ୟ ଯେ, କିରେକେଲା ଗ୍ରାମର ଟଙ୍କ ବାଇକ୍ (ନଂ.ଓଡି୨୬ଡି-୫୬୯୬) ଉଦ୍ୟାନବନ୍ଧ ହିରୋ ଶୋରୁମରେ ସରଭିସିଂ ପାଇଁ ଆସିଥିଲେ। ଗାଡି କାମ ସାରି କୋମନା ପଟେ ଘରକୁ ଫେରୁଥିବା ସମୟରେ ଘୋଟସରଠାରେ ଖଡିଆଳ ପଟୁ ଆସୁଥିବା ଟ୍ରକ (ନଂ.ଏନଏଲ୦୧ଏଡି-୨୦୫୬) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କୋମନା ଥାନା ପୋଲିସ ମୃତଦେହ ସହ ଟ୍ରକ ଜବତ କରି ତରବୋଡ ଫାଣ୍ଡିରେ ଅଟକ ରଖି ତଦନ୍ତ ଜାରି ରହିଛି।

### ପ୍ରଧାନ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କେସିଙ୍ଗା,୧୫।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କଶୁପଡ଼ା କ୍ଲଷ୍ଟରର ବିନେକେଲା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିକ୍ଷକ ରମେଶ କୁମାର ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ଶିକ୍ଷକ ବନମାଳୀ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ଦୋରା, ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ସିଆରସିସି ସଞ୍ଜୀବ ଭୋଇ ଓ ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରି ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁଭସ୍ମିତା ଦାସ, ସୁଦେଷ୍ଣା ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ବିସି ସଭା ପରିଚାଳନା ଏବଂ ମିନିକେତନ ଭାଟି ଧନ୍ୟବାଦ ଦେଇଥିଲେ।

### ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

କେସିଙ୍ଗା,୧୫।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହରରେ ବୁଧବାର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ଡେପୁଟି ଜିଏସଟି କମିଶନର ସମୀର କୁମାର ମାଝିଙ୍କ ନେତୃତ୍ୱରେ ୭ଜଣିଆ ଟିମ ଅପରାହ୍ନ ୨ଟାରୁ କେସିଙ୍ଗା ଦୁର୍ଗା ମଣ୍ଡପ ଛକରେ ଥିବା ଏକ ଷ୍ଟୋରରେ ଚଢ଼ାଉ କରିଛି। ଚଢ଼ାଉରେ ଜିଏସଟି ଅଫିସର୍ ପରେଶ୍ୱର୍ ସାହୁ, ଜିଏସଟି ଅଫିସର୍ ନୀଳାଦ୍ରି ଦାଡ଼ିଆ, ହରେକୃଷ୍ଣ ସାହୁ, ଭବାନୀଶଙ୍କର ପଟେଲ, ସୁଧାଂଶୁ ଶେଖର ବେହେରା, ନିମେଷ କୁମାର ସାହୁ ପ୍ରମୁଖ ସାମିଲ ହୋଇଛନ୍ତି। ଖବର ଖେଲା ହେବା ବେଳେ ରାତି ୮ଟା ୪୦ ମିନିଟ୍ ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।

### ବୋରଗୁଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା,୧୫।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋରଗୁଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟରାମ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶୈଳବାଳା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ରୋଗୀ କଲ୍ୟାଣ ସମିତି ବୈଠକ

ନର୍ଲା,୧୫।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅକ୍ଷୟ ଗୋଛାୟତ, ବିଡିଓ ବସନ୍ତି ସେଠୀ, ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ସୁବିଧାଅସୁବିଧା ବିଷୟରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମେଡିକାଲ ଷ୍ଟାଫ ରହିବା ପାଇଁ କ୍ୱାର୍ଟରର ବ୍ୟବସ୍ଥା, ଶବ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବା, ଏକ୍ସରେ ମେଶିନ ଚଳାଇବା ପାଇଁ ଟେକ୍ନିସିଏନ ନିଯୁକ୍ତି ଏବଂ ବ୍ଲଡ଼ବ୍ୟାଙ୍କ ସ୍ଥାପନ ଭଳି ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ବୈଠକରେ ବିପିଏମ ସମୀର ପଧାନଙ୍କ ସମେତ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ

ଲାଞ୍ଜିଗଡ,୧୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱର୍ଣ୍ଣଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ସଭାପିତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ମୁଖ୍ୟବକ୍ତା ଭାବେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାରକାନ୍ତ ବିଶ୍ୱାଳ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡି, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ମଣି ମାଝି, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ର ପେସନିଆ, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ବେଦାନ୍ତ ସିଏସଆର ଶ୍ରୀମୁଖ ଅଗସ୍ତି, ସୁବାଷ ଚନ୍ଦ୍ର ଅଗ୍ରୱାଲ


ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବାର୍ଷିକ କ୍ରୀଡା ଓ ଅନ୍ୟାନ୍ୟ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ଼.ମାନସ ରଞ୍ଜନ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାରୋହରେ କାଶିବିଶ୍ୱନାଥ ରଣସିଂହ, ବିକ୍ରମ ସ୍ୱାଇଁ, ଅକ୍ଷୟ ପୁରୋହିତ, ଦିଲୀପ କୁମାର ମହନ୍ତ, ହାରାଧନ ଦେବନାଥ, ଭବାନୀ ଶଙ୍କର ଦାସ, ପ୍ରିୟଦର୍ଶନୀ ପାତ୍ର, ହରେକୃଷ୍ଣ ବିଶୋଇ, ମମତା ମାଝି, ବିଭୁପ୍ରସାଦ ସାମନ୍ତରା, ଆଲୋକ କୁମାର ସାହୁ, ଭବେଷ ପାଟଜୋଶୀ, ଦେବେନ୍ଦ୍ର କୁମାର ଧାଙ୍ଗଡାମାଝି, ସୁନିତା ବେହେରା, ସୀମାଞ୍ଚଳ କାତ୍ରାକାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଡ଼.ମାନସ ରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ।

## ତ୍ରିଲୋଚନପୁର ପଞ୍ଚାୟତରେ ମେଗା ସ୍ୱାସ୍ଥ୍ୟ ଶିବିର

ଲାଞ୍ଜିଗଡ଼,୧୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ ସିଏସଆର୍ ଏବଂ ବେଦାନ୍ତ ହସ୍ପିଟାଲ ପକ୍ଷରୁ ତ୍ରିଲୋଚନପୁର ପଞ୍ଚାୟତ କାର୍ଯ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବେଦାନ୍ତ ଲିମିଟେଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝି, ସମିତିସଭ୍ୟା ସୁଦଶା ପଟ୍ଟନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ କୁମାର ସାହୁ, ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ଉପମୁଖ୍ୟ ଦିଲୀପ ପ୍ରଜାପତି, ଶ୍ରୀମୁଖ ଅଗସ୍ତି, ବସୁଦେବ ମାଝି ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ବେଦାନ୍ତ ହସ୍ପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତି, ମୋବାଇଲ ହେଲଥ୍ ୟୁନିଟ ମେଡିକାଲ ଅଫିସର ଡା. ପ୍ରଶାନ୍ତ ପରମାଣିକ, ସହକାରୀ କମ୍ୟୁନିଟି ମ୍ୟାନେଜର ଅଶୋକ ଖୋରା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଚାରୁବାଳା ସାହୁ, ଶିଶୁ ରୋଗ ବିଶେଷଜ୍ଞ ଡା. ଜୟଶ୍ରୀ କେତନ ମହାପାତ୍ର, ଡା. ସାହୁ ଏବଂ ଡା. ପରମାଣିକ ପ୍ରମୁଖ ଅଞ୍ଚଳର କୁଟିଆ ଓ ଝରଣିଆ କନ୍ଧ ଜନଜାତିର ୨ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ପ୍ରବୋଧ


@ ଶମ୍ଭୁରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜଣେ ଗିରଫ, ୬ ରୁପା ମୁକୁଟ ଉଦ୍ଧାର

### ରାମସ୍ୱାମୀ ମନ୍ଦିରରୁ ଚୋରି ଘଟଣା

ଖଡ଼ିଆଳ,୧୫।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସହରର ରାମସ୍ୱାମୀ ଓ ଅନ୍ନପୂର୍ଣ୍ଣା ମନ୍ଦିରରୁ ଚୋରି ଘଟଣାରେ ସ୍ଥାନୀୟ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସହରର ଲାଲସାହେବ ପଡ଼ାର କୂରେ ଭୋଇ। ତାଙ୍କଠାରୁ ଚୋରି ୬ଟି ରୁପା ମୁକୁଟ ଜବତ କରିଛି। ଏଥିସହ ଚୋରିରେ ବ୍ୟବହାର ଗୋଟିଏ ବାଇକ୍ ଜବତ କରିଛି। ଚୋରି ସାମଗ୍ରୀ ମଧ୍ୟରେ ରୁପା ବଂଶୀ ଓ ସୁନା ନଥକୁ ଅଜଣା ବ୍ୟକ୍ତିଙ୍କ ପାଖରେ ବିକ୍ରୟ କରିଥିବାରୁ ଜବତ ହୋଇନାହିଁ। ସୂଚନା ଯେ, ଗତ ୪ ତାରିଖରେ ରାମସ୍ୱାମୀ ଓ ଅନ୍ନପୂର୍ଣ୍ଣା ମନ୍ଦିରରୁ ୬ଟି ରୂପା ମୁକୁଟ ଓ ଗୋଟିଏ ବଂଶୀ, ସୁନା ନଥ ଚୋରି ହୋଇଥିଲା। ଏ ନେଇ ମନ୍ଦିର କମିଟି ସଦସ୍ୟ ସୁଧୀର କୁମାର ପଟ୍ଟନାୟକ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୧୧ ଦିନ ପରେ କୂରେଙ୍କୁ ଗିରଫ କରିଛି। ଏସଆଇ ରାଜେଶ ଅଗସ୍ତି, ତାରାକାନ୍ତ ବିଶ୍ୱାଳ ଥିବାବେଳେ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ତଦନ୍ତ ଚାଲିଥିଲା। ଅଭିଯୁକ୍ତ ପୂର୍ବରୁ ବହୁ ଚୋରି ମାମଲାରେ ସମ୍ପୃକ୍ତ ଥିବା ବେଳେ ଜେଲରୁ କିଛିଦିନ ପୂର୍ବରୁ ଫେରିଥିଲେ ବୋଲି ଖଡିଆଳ ଏସ୍‌ଡିପିଓ ଅଭିଷେକ ସ୍ୱରୂପ ବେହେରା ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ ଓ ଜବତ ରୁପା ମୁକୁଟ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଅନ୍ତର୍ଲା

ଦେଓଗାଁ,୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ଖେଳ ପଡିଆରେ ବିଏଏଫସି ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ୩ୟ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଘୁଟିପାଲି ଓ ଚାଣ୍ଡିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଚାଣ୍ଡିମୁଣ୍ଡା ବିଜୟୀ ହୋଇଥିଲା। ୨ୟ ମ୍ୟାଚ ରାମଚନ୍ଦ୍ରପୁର ଓ ଅନ୍ତର୍ଲା ମଧ୍ୟରେ ହୋଇଥିଲା। ଏଥିରେ ଅନ୍ତର୍ଲା ବିଜୟୀ ହୋଇଥିଲା । ଅନ୍ତର୍ଲା ଓ ଚାଣ୍ଡିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ୩ୟ ମ୍ୟାଚରେ ଅନ୍ତର୍ଲା ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଅନିଲ ନନ୍ଦ, ସୁନିଲ ନାଗ ଓ ସୂର୍ଯ୍ୟ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ମନୋଜ ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ଆମ୍ ଆଦମୀ ପାର୍ଟିର ରାଜ୍ୟ ପ୍ରବକ୍ତା ତଥା ଜିଲା ଆବାହକ ଆଶିଷ କୁମାର ପାଣ୍ଡେ ଓ ଶିକ୍ଷାବିତ ପ୍ରଦୀପ କୁମାର ଛତ୍ରିଆ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଶେଷଦେବ ନାଗ, ଦୁତିଆ କୁଦେଇ, ରାଜୁ ପୁଟେଲ, ସୁଜିତ କୁଦେଇ, ପ୍ରୀତିଶ ନନ୍ଦ, ଓଁକାର ନାଗ, ଲିଟୁ କଲେତ ଓ ବୁଲୁ ହରପାଲ ପ୍ରମୁଖ ସହଯୋଗ କରୁଛନ୍ତି।

## ତିଖାଲି ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ରାଜ୍ୟର ଶ୍ରେଷ୍ଠ ପ୍ରକଳ୍ପ ମାନ୍ୟତା

ଖଡ଼ିଆଳ,୧୫।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ, କୋମନା ଓ ବୋଡ଼େନ ବ୍ଲକ ମଧ୍ୟ ଭାଗରେ ଥିବା ତିଖାଲି ଡ୍ୟାମର ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ରାଜ୍ୟର ଶ୍ରେଷ୍ଠ ପ୍ରକଳ୍ପର ମାନ୍ୟତା ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଭୁବନେଶ୍ୱର ଲୋକସେବା ଭବନଠାରେ ବୁଧବାର ସନ୍ଧ୍ୟାରେ ଖଡ଼ିଆଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ ମୁଖ୍ୟ ମନ୍ତ୍ରୀଙ୍କଠାରୁ ସମ୍ମାନ ଗ୍ରହଣ କରିଛନ୍ତି। ପ୍ରକଳ୍ପ ନିର୍ମାଣ କାମ ଶେଷ ହୋଇଥିବା ବେଳେ ଚାଷୀଙ୍କ ଜମିକୁ ଜଳ ଯୋଗାଣରେ ସଫଳ ହୋଇଛି। ୨୦୦୧ରେ ତିଖାଲି ଡ୍ୟାମ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହି ପ୍ରକଳ୍ପ ୨୦୨୦ ମାର୍ଚ୍ଚରେ ଶେଷ ହୋଇଥିଲା। ଉଭୟ ବଲାଙ୍ଗୀର ଏବଂ ନୂଆପଡା ଜିଲାର ମୋଟ ୨୯,୯୦୦ ହେକ୍ଟର ଜମିକୁ ଜଳ ସେଚିତ କରିବା ଲକ୍ଷ୍ୟ ସଫଳ ହୋଇଛି। ସେହିପରି ଅତି ଉଚ୍ଚ ଜମିକୁ ଜଳ ସେଚନ କରିବା ପାଇଁ ୨୯୯୦ ହେକ୍ଟର କାମ ଆରମ୍ଭ ପାଇଁ ଓସିସି ପାଇଥିବା ବେଳେ ୟୁଜିପିଏଲ କାମ ଏବଂ ଲାଇନିଙ୍ଗ କାମ କରିବାକୁ ନିଷ୍ପତି ନେଇଛି। ସେହିପରି ଅତିରିକ୍ତ ୧୫୦୦ ହେକ୍ଟର ଟିଟିଲାଗଡ଼ ଏବଂ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅନୁରୋଧ କ୍ରମେ ଦୁଇ ହଜାର ହେକ୍ଟର ଭୋଜପୁର ଅଞ୍ଚଳରେ ଥିବା ଜମି ଜଳ ସେଚନ ପାଇଁ ପ୍ରସ୍ତାବ ପ୍ରସ୍ତୁତି ହୋଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଖଡ଼ିଆଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ ସମ୍ମାନ ଗ୍ରହଣ କରିଛନ୍ତି।

## ବିଭିନ୍ନ ସ୍ଥାନରେ ବିଜେଡିର ଗଣଧାରଣା, ବିକ୍ଷୋଭ



କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡା ପଞ୍ଚାୟତରେ ବିଜେଡି କର୍ମୀମାନେ ପିଇଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ସିନାପାଲି ବ୍ଲକରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଲାଞ୍ଜିଗଡ଼/କର୍ଲାମୁଣ୍ଡା/ସିନାପାଲି/ଖଡ଼ିଆଳ,୧୫।୨(ଡି.ଏନ.ଏ.)

କେନ୍ଦ୍ର ସରକାର ହିତାଧିକାରୀଙ୍କ ମୁଣ୍ଡ ପିଛା ୫ କେଜି ମାଗଣା ଚାଉଳ କାଟି ଦେବା ଘଟଣାକୁ ନେଇ ବିଜେଡି ପକ୍ଷରୁ ରାଜ୍ୟରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହିକ୍ରମରେ ବୁଧବାର କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍ଥାନରେ ବିଜେଡି ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛି। ଚମ୍ପାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ଓ ପ୍ରତିବାଦରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଚମ୍ପାଦେଇପୁର ପଞ୍ଚାୟତ ସଭାପତି ବିଶିକେଶନ ଆର୍ଯ୍ୟଙ୍କ ନେତୃତ୍ୱରେ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଲାଞ୍ଜିଗଡ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଯୁବନେତା ହିମାଦ୍ରୀ ପେସନିଆ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ସୁମନ୍ତ ଦଳବେହେରାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଜେପୁର ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଲାଞ୍ଜିଗଡ ରୋଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ଟଙ୍କଧର ମାଝି, ଡିଲେଶ ନାଗ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ଗୁଲ ମାଳପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ବିଜେଡି ଯୁବ ସଭାପତି ସଙ୍ଗୀତ ଭୋଇଙ୍କ ନେତୃତ୍ୱରେ ପଞ୍ଚାୟତ ସଭାପତି ସୁରେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସଂଯୁକ୍ତା ସାହୁ, ମହେନ୍ଦ୍ର ସାହୁ, ଦଇତାରୀ ସାହୁ, ଅନନ୍ତ ବାଗ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ରିଞ୍ଜା ପଞ୍ଚାୟତରେ ବିଜେଡି ସଭାପତି ଗିରିଧାରୀ ମାଝିଙ୍କ ନେତୃତ୍ୱରେ ଏବଂ ରାଜପୁର ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବିଜେଡି କର୍ମୀ ସ୍ୱାଗତ ଭୋଇ ଓ କର୍ମୀମାନେ ଦାବିପତ୍ର ପ୍ରଦାନ କରିଥିଲେ। ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗରୁଡଧଜ ବେହେରା, ପୁଷ୍ପାଞ୍ଜଳି ଗୁଆଲ, ଯାଜ୍ଞସେନୀ କଟା, ମନ୍ଦାକିନୀ ବଘେଲ, ଇନାୟତ ଖାନ, କୈଳାଶ ଜଗତ, ବାସବ ନାଏକ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ଥିଲେ। ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କର୍ମୀଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା।

ଖଡିଆଳ ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକର ୬୮ଟି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ ଓ ଗଣଧାରଣା କରାଯାଇଛି। ମଣ୍ଡୋସିଲ ପଞ୍ଚାୟତ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଥିଲେ ଜିଲା ବିଜେଡି ଯୁଗ୍ମ ସମ୍ପାଦକ ଦୟା ଥପା। ପଞ୍ଚାୟତ ସଭାପତି ବାସୁଦେବ ରଣା, ବିଜେଡି କର୍ମୀ ଗଣେଷ ପାନ ଓ ଝସକେତନ ରଣା ପର୍ଯ୍ୟବେକ୍ଷକ ଥପା ସମସ୍ତ ହିତାଧିକାରୀଙ୍କୁ ବୁଝାଇଥିଲେ।

# ଜିଲାପାଳଙ୍କ ଅଫିସକୁ ଧସେଇ ପଶିଲେ

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଭାଜପାର ପ୍ରତିବାଦ

**ବରଗଡ଼ ଅଫିସ୍, ୧୫।୨**

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ହତ୍ୟା, ବଳାତ୍କାର ଭଳି ଅପରାଧ ବଢ଼ିଚାଲିଛି। ଦିନ ଦ୍ୱିପ୍ରହରରେ ପୋଲିସ କର୍ମଚାରୀ ଗୁଳି କରି କ୍ୟାବିନେଟ୍ ମନ୍ତ୍ରୀଙ୍କୁ ହତ୍ୟା କରୁଥିଲେ ସୁଦ୍ଧା ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ଖିଅ ପାଉନାହିଁ। ଏଭଳି ଅଭିଯୋଗ କରି ବୁଧବାର ବରଗଡ଼ ଜିଲା ଭାଜପା ଆନ୍ଦୋଳନକୁ ଓହ୍ଲାଇଥିଲା।

ଭାଜପା ନେତା ଓ କର୍ମୀମାନେ ବରଗଡ଼ ଗୋଶାଳା ସମ୍ମୁଖରୁ ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ସେମାନେ ପହଞ୍ଚିବା ପୂର୍ବରୁ ପୋଲିସ ଜିଲାପାଳଙ୍କ ଅଫିସ ଫାଟକ ବନ୍ଦ କରି ଦେଇଥିଲା। ମାତ୍ର ଭାଜପା କର୍ମୀମାନେ ଫାଟକକୁ ଠେଲାପେଲା କରି ଖୋଲିଦେଇଥିଲେ ଏବଂ ଜିଲାପାଳଙ୍କ ଅଫିସକୁ ଧସେଇ ପଶିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କିମ୍ବା ଜଣେ ସିଟିଂ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବାକୁ ଭାଜପା ନେତା ଓ କର୍ମୀମାନେ ଦାବି କରିଥିଲେ। ସେହିପରି ବରଗଡ଼ ଜିଲାରେ ଚାଲିଥିବା ଅବାଧ ନିଶା କାରବାର, ଚୋରି, ସଟ୍ଟା, ଜୁଆକୁ ନେଇ ମଧ୍ୟ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ରୋକିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ସୌରୀଚରଣ ବାରିକ, ସୁରେଶ୍ୱର ଶତପଥି, ମହମ୍ମଦ ରଫିକ, ସନତ ଗଡ଼ତିଆ, ସୁଶାନ୍ତ ମିଶ୍ର, ପ୍ରୀତମ ସିଂ, ମୁକ୍ତା ସାହୁ, ରବି ନାରାୟଣ ଦାଶ, ମିଳନ ସେଠ, କୁଶ କୁମ୍ଭାର, ଅକ୍ରୁର ମଲ୍ଲିକ, ଅଶୋକ ପଣ୍ଡା, ଅମିତ ପଣ୍ଡା, କ୍ଷୀରେଶ୍ୱରୀ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



ଭାଜପା ନେତା, କର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବୌଦ୍ଧ, ୧୫।୨(ସ୍ୱ.ପ୍ର.)**

ସାରା ରାଜ୍ୟରେ ଓ ବୌଦ୍ଧ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ନବୀନ ସରକାରଙ୍କ ୨୩ ବର୍ଷ ଶାସନରେ ରାଜ୍ୟ ଓ ବୌଦ୍ଧ ଜିଲାର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଓଡ଼ିଶା କିପରି ଅନ୍ୟ ରାଜ୍ୟ ତୁଳନାରେ ପଛରେ ପଡ଼ିରହିଛି ତାହା ମହାନ୍ତି ପ୍ରକାଶ କରିଥିଲେ। ପୂର୍ବତନ ବିରୋଧୀ ଦଳର ନେତା ସଚ୍ଚିଦାନନ୍ଦ ଦଲାଲ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ମିଶ୍ର, ସରୋଜ କୁମାର ପ୍ରଧାନ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଶ୍ୟାମସୁନ୍ଦର ପୁରୋହିତ, ତାପସ ପଟ୍ଟନାୟକ, ମନୋରଞ୍ଜନ ଦାସ, ପ୍ରଭୁଦତ୍ତ ଦଲାଲ, ତ୍ରିପୁରାରୀ ବେହେରା, ବ୍ୟୋମକେଶ ମହାପାତ୍ର, ମୀନାରାଣୀ ମିଶ୍ର, ନମିତାରାଣୀ ଦାସ, ନିବେଦିତା ମହାକୁଡ, ଶାନ୍ତିଲତା, ରାଜୀବ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ଭାଜପା ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ନେତାମାନେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### କଫ୍ ସିରପ୍ ଜବତ, ୨ ଗିରଫ

**ପଦ୍ମପୁର, ୧୫।୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅଧୀନ କାଳିପଡା ଶିବ ମନ୍ଦିର ଓ କଲେଜ ରୋଡ ବ୍ରିଜ ପାଖରେ ପୋଲିସ ବୁଧବାର ଚଢ଼ାଉ କରି ୨ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛୁରିଆପାଲି ଗ୍ରାମର ତଲେଶ୍ୱର ବନିଆଁ ଏବଂ କାଳୀପଡାର ସରୋଜ ବାଗ। ତଲେଶ୍ୱରଙ୍କଠାରୁ ୨୩ଟି କଫ ସିରପ୍, ୨୦ ଲିଟର ମିଶ୍ରିତ କଫ ସିରପ୍, ୨୦ଟି ନାଇଟ୍ରୋସେନ ବଟିକା, ଏକ ମୋବାଇଲ ଜବତ କରାଯାଇଛି। ସେହିପରି ସରୋଜଙ୍କଠାରୁ ୨୩ଟି କଫ ସିରପ୍, ୨୦ ଲିଟରେ କଫ ସିରପ୍ ମିଶ୍ରଣ, ୨୦ଟି ନାଇଟ୍ରୋସେନ ବଟିକା, ନମ୍ବର ବିହୀନ ବାଇକ ଜବତ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

### କାଦୋବାହାଲ କଲେଜରେ ଚକ୍ଷୁ ପରୀକ୍ଷା ଶିବିର

**ଜାମସିଗ୍ରା, ୧୫।୨(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ କଲେଜରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡକ୍ରସ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଅନୁଷ୍ଠିତ ଶିବିରକୁ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ସୁଶାନ୍ତ କୁମାର ପୂଜାରୀ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୦୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭୦ଜଣଙ୍କ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ପଠାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧାପିକା ଅଧାପକ ଓ ଛାତ୍ରାଛାତ୍ର ସହଯୋଗ କରିଥିଲେ।

### ଭେଡେନ ବ୍ଲକ ସରପଞ୍ଚ ସଂଘ ଗଠିତ

**ଭେଡେନ, ୧୫।୨ (ଡି.ଏନ.ଏ.):** ବରଗଡ ଜିଲା ଭେଡେନ ବ୍ଲକର ଦେଭୁଲବା ସ୍ଥିତ ଗିରିଗୋବର୍ଦ୍ଧନ ପୀଠରେ ବ୍ଲକର ସମସ୍ତ ସରପଞ୍ଚମାନଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁବେଡେଗା ସରପଞ୍ଚ ଜନ୍ମେଜୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ସରପଞ୍ଚ ସଂଘ ଗଠନ ପାଇଁ ଆଲୋଚନା ହୋଇଥିଲା। ଏହାସହ ସର୍ବସମ୍ମତିକ୍ରମେ ସଂଘର ସଭାପତି ଭାବେ ପ୍ରତାପ ହୋତା, ଉପ ସଭାନେତ୍ରୀ ସୀମା ମେହେର, ସମ୍ପାଦକ ସ୍ୱାଗତିକା ସୁନା, ସହ ସମ୍ପାଦକ ଉଦ୍ଧବ ବାରିକ ଏବଂ ଅକ୍ଷୟ ନାଏକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଥିଲା। ବୈଠକରେ ବ୍ଲକର ସମସ୍ତ ସରପଞ୍ଚଙ୍କ ସମେତ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧକ୍ଷ ଡୋଲାମଣି କ୍ଷେତି, ଯୁବ ସଭାପତି ସୁରେନ୍ଦ୍ର କର୍ମା, ଆତ୍ମା କମିଟି ସଭାପତି ଅରବିନ୍ଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ୫୧ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍, ୧୫।୨:** ବରଗଡ଼ ସ୍ୱୟଂସିଦ୍ଧା ଭବନରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିଷ୍ଠା ପରିବାର ଏବଂ ଆଶାକିରଣ ମର୍ନିଂ ୱାକ୍ ଗ୍ରୁପ୍ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମର୍ନିଂ ୱାକ୍ ଗ୍ରୁପର ସଞ୍ଜୀବ ଡାଲମିଆ, ସଞ୍ଜୟ ଅଗ୍ରୱାଲ, ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଉପସଭାପତି ଆଶିଷ କର, ସମ୍ପାଦକ ଲୋକନାଥ ସାହୁ, ମହିଳା ଶାଖାର ସଦସ୍ୟା ରୀନା ମହାରଣା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆନ୍ଦୋଳନ




ସୁବର୍ଣ୍ଣପୁର ଜିଲାପାଳଙ୍କ ଅଫିସ୍ ଆଗରେ ଭାଜପା ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସୋନପୁର, ୧୫।୨(ନି.ପ୍ର.)**

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବା ମୁଖ୍ୟ ବିରୋଧୀ ଦଳ ଭାଜପା ଅଭିଯୋଗ କରିଛି। ପ୍ରତିବାଦରେ ଦଳ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଆନ୍ଦୋଳନ କରାଯାଇଥିଲା। ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ଏଭଳି ପରିସ୍ଥିତି। ପୋଲିସ ଏଏସଆଇ ଗୋପାଳ ଦାସ ସ୍ୱଷ୍ଟ ଦିବାଲୋକରେ ସୁରକ୍ଷା ବଳୟରେ ଥିବା କ୍ୟାବିନେଟ୍ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହା ରାଜ୍ୟର ପ୍ରଥମ ଘଟଣା। ରାଜ୍ୟରେ ବଳାତ୍କାର, ହତ୍ୟା ଭଳି ଘଟଣା ବୃଦ୍ଧି ପାଇଛି। ମନ୍ତ୍ରୀ ଦାସଙ୍କ ହତ୍ୟାକାଣ୍ଡର ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଛି। ତେଣୁ ଘଟଣାର ସିବିଆଇ ତଦନ୍ତ ପାଇଁ ଭାଜପା ଦାବି କରିଛି। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଇଂ ରଘୁନାଥ ଜଗଦଲା, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ଉଷା କୁମାରୀ, ପ୍ରାକ୍ତନ ଜିଲା ସଭାପତି ବିଜୟ ମହାକୁର, ନଳିନୀ ପଣ୍ଡା, ସୁଦେଷ୍ଣା ନେଗୀ, ଶରତ ଶତପଥୀ, ପ୍ରଶାନ୍ତ ଡନସେନା, ବଳରାମ ସୁନା, ଧର୍ମେନ୍ଦ୍ର ସାହୁ, ସନ୍ତୋଷ ଅଗ୍ରୱାଲ, ସମ୍ବିତ କୁମାର ନେପାକ, ଜ୍ୟୋତି ତ୍ରିପାଠୀ, ପ୍ରଫୁଲ୍ଲ ସାହୁ, କାଉନସିଲର ସୁକାନ୍ତ ସାହୁ ଓ ଗଙ୍ଗାଧର ତରିଆ ପ୍ରମୁଖ ସାମିଲ ହୋଇଥିଲେ।

## ଭାଗବତ ପାରାୟଣ ଉଦ୍‌ଯାପିତ

**ଅମ୍ବାଭୋନା, ୧୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲୁହୁପାଲି ଗ୍ରାମରେ ବୁଧବାର ଭାଗବତ ପାରାୟଣ ଉଦ୍‌ଯାପିତ ହୋଇଛି। ଗ୍ରାମର ହରେକୃଷ୍ଣ ନନ୍ଦ ଏବଂ ସ୍ତ୍ରୀ କଳ୍ପନା କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ସୀତାରାମ ରଥ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଛତିଶଗଡ଼ ରାଜ୍ୟ ଶଙ୍କରା ଗ୍ରାମର ପ୍ରବଚକ ଗୁହାଳୁ ପାତ୍ର ପ୍ରବଚନ ଶୁଣାଇଥିଲେ। ଲୁହୁପାଲି ଗ୍ରାମର ସୀତାରାମ ପାତ୍ର, ଇନ୍ଦ୍ରଜିତ ପ୍ରଧାନ, ପ୍ରମୋଦ ପାତ୍ର, କିଶୋର ସେଠ, ସୁରେଶ ପ୍ରଧାନ, ନେତ୍ରଲାଲ ଡନସନା, ସୁରେନ୍ଦ୍ର ପଶାୟତ ପ୍ରମଖ ସହଯୋଗ କରିଥିଲେ। ଗତ ୮ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସପ୍ତାହବ୍ୟାପୀ ଚାଲିଥିଲା। ବହୁସଂଖ୍ୟକ ଶ୍ରଦ୍ଧାଳୁ ଏଥିରେ ଯୋଗଦାନ କରିଥିଲେ।

# ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

**ଯୁବତୀଙ୍କ ଘରେ ପଶି ବିବାହ ନ କଲେ ମାରିଦେବା ଧମକ ମାମଲା**

**ବୌଦ୍ଧ, ୧୫।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ସିଜେଏମ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ବୁଧବାର ଏକ ମାମଲାର ବିଚାର କରି ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଗତ ୨୬।୬।୧୭ ରେ ବୌଦ୍ଧ କଣ୍ଟାମାଳ ଥାନା ବରପଦର ଗ୍ରାମର ହର ନାଗ ବିଲକୁ କାମ କରିବାକୁ ଯାଇଥିବାବେଳେ ତାଙ୍କ ଘରେ ସ୍ତ୍ରୀ ଓ ଝିଅ ଥିଲେ। ସକାଳ ୯ଟାରେ ବଲାଙ୍ଗୀର ଜିଲା ସଇଁତଲା ଥାନା ରୁଣ୍ଡିମହୁଲ ଗ୍ରାମର ପଞ୍ଚାନନ ସୁନା (୪୦) ତାଙ୍କ ଘରକୁ ଆସି ତାଙ୍କ ଝିଅକୁ ବାହା ହେବେ ନ ହେଲେ ଜୀବନରେ ମାରିଦେବେ ବୋଲି ଝିଅର ମୁଣ୍ଡରେ ପିସ୍ତଲ ରଖିଥିଲେ। ତାଙ୍କର ସ୍ତ୍ରୀ, ଝିଅ ଓ ଅନ୍ୟମାନେ ପାଟିତୁଣ୍ଡ କରିଥିଲେ। ଖବରପାଇ ହର ଘରକୁ ଆସି ପଞ୍ଚାନନଙ୍କୁ ଝିଅକୁ କାହିଁକି ଧମକଚମକ ଦେଉଛ ବୋଲି କହିବାରୁ ପଞ୍ଚାନନ ତାଙ୍କୁ ମଧ୍ୟ ଅଶ୍ଳିଳ ଭାଷାରେ ଗାଳି କରିବା ସହ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ହର କଣ୍ଟାମାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ପକ୍ଷରୁ ଏକ ମାମଲା (ନଂ. ୬୦/୨୦୧୭) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପରେ ଉକ୍ତ ମାମଲା ବୌଦ୍ଧ ସିଜେଏମ୍‌ଙ୍କ ଅଦାଲତରେ ଏସଟି କେସ ନଂ. ୩୭/୧୭ ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସିଜେଏମ୍ ରାୟ ଏହି ଦଣ୍ଡାଦେଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ପରିଚାଳନା କରିଥିଲେ।

# କେନ୍ଦ୍ର ସରକାର ୫ କେଜି ଚାଉଳ କାଟିବା ନେଇ ବିଜେଡିର ଧାରଣା

**ବାଉଁଶୁଣୀ ୧୫।୨(ଡି.ଏନ୍.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତଠାରେ ବିଜେଡି (ବିଜୁ ଜନତା ଦଳ)ର ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ ଯୋଗୁ ୫ କିଲୋ ଚାଉଳ କାଟ ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ କଣ୍ଟାମାଳ ବ୍ଲକ ଏବଂ ବୌଦ୍ଧ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳ ତରଫରୁ ପ୍ରତିବାଦ ସଭା ଅନଷ୍ଠିତ ହୋଇଯାଇଛି। ସେହିଭଳି ବାଉଁଶୁଣୀ ଗ୍ରାମପଞ୍ଚାୟତଠାରେ ବୌଦ୍ଧ ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ସରୋଜ ତ୍ରିପାଠୀଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ବ୍ଲକର ତାଳସରଡ଼ା, ବହିରା, ଗୋଛାପଡ଼ା, ଦହ୍ୟା ଆଦି ବିଭିନ୍ନ ଗ୍ରାମ ପଞ୍ଚାୟତରେ ବିଜେଡି କର୍ମୀମାନେ ପ୍ରତିବାଦ କରିଥିଲେ। ଏଥିରେ ସୁଦାମ ମେହେର, ସଞ୍ଜୟ ଦେହୁରୀ, ଶୁଭ୍ରାଂଶୁ କର୍ଣ୍ଣ ,ଅଭୟ ମହାକୁରଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

# ବିଜେଡିର ଧାରଣା, ଦାବିପତ୍ର ପ୍ରଦାନ

**ଚାଉଳ ଯୋଗାଣ ବନ୍ଦ ପ୍ରସଙ୍ଗ**

**ପଦ୍ମପୁର ୧୫।୨ ( ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତିର ପ୍ରତିବାଦରେ ବୁଧବାର ପଦ୍ମପୁର ବିଜେଡି ନେତୃତ୍ୱରେ କନସିଂହା, ଝାରବନ୍ଧ, ଲଖମରା ଗ୍ରାମପଞ୍ଚାୟତ ଅଫିସ୍ ସାମ୍ନାରେ ଧାରଣା ଦିଆଯାଇଥିଲା। କନସିଂହା ବିଜେଡିସଭାପତି ନାରାୟଣ ବେହେରା, ସରପଞ୍ଚ ଟଙ୍କମଣି ସ୍ୱାଇଁ, ସମିତି ସଭ୍ୟ ସୁଦାମ ମହାନନ୍ଦ, ଅଶ୍ୱିନୀ ଶତପଥି, ମାନଭଞ୍ଜନ ହୋତା, ମୋହନଲାଲ, ରାହାସ ସାହୁ, ନୀଳାମ୍ବର ଡନସନା, ଯାଦବ ସାହୁ, ଦୀନବନ୍ଧୁ ଭୋଇ, ଭୋଜରାଜ ମହାନନ୍ଦ, ସୂର୍ଯ୍ୟକାନ୍ତ ସୁନା, ଝାରବନ୍ଧ ଗ୍ରାମପଞ୍ଚାୟତରେ ବିଦ୍ୟୁତ୍ ରଞ୍ଜନ ପ୍ରଧାନ, ଭଜନ ବେହେରା, ସମିତି ସଭ୍ୟ ଧନୁର୍ଜ୍ୟ ସିଦାର, କେଶରଞ୍ଜନ ବେହେରା, ପରମାନନ୍ଦ ସେଟ ଓ ଲଖମରାରେ ଅମରେଶ ଭୋଇ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଏହାସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଏସ୍‌ଡିସିସି ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ




ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ ।

**ବରଗଡ଼ ଅଫିସ୍, ୧୫।୨**

ବରଗଡ଼ସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ (ଏସ୍‌ଡ଼ିସିସି) ବ୍ୟାଙ୍କର ପୂର୍ବତନ କର୍ମଚାରୀମାନଙ୍କୁ ନେଇ ଗଠିତ ବୈଷ୍ଣୋଦେବୀ କୋଅପରେଟିଭ ପେନଶନର୍ସ ଆସୋସିଏଶନର ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଏହା ହୋଇଥିଲା। ସଭାରେ ପୂର୍ବତନ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, ଦାବି ଉପରେ ଆଲୋଚନା ହୋଇଥିଲା। ପରେ ବର୍ଦ୍ଧିତ ଉଚ୍ଚ ବେତନ ପେନଶନ ପାଇଁ ଫର୍ମ ସଂଗ୍ରହ କରାଯାଇଥିଲା। ସମ୍ପାଦକ ସୁଶାନ୍ତ କୁମାର ପାଣିଗ୍ରାହୀ ପୂର୍ବ ସାଧାରଣ ସଭାର ବିବରଣୀ ପାଠ କରିଥିଲେ।

ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ବରଗଡ଼ରେ ଦୀର୍ଘ ୩୫/୪୦ ବର୍ଷ ଚାକିରି କରି ଅବସର ନେଇଥିବା ପ୍ରାୟ ୩୮ଜଣଙ୍କ ଗ୍ରାଚ୍ୟୁଇଟି ଓ ଅବସରକାଳୀନ ଛୁଟି ପ୍ରାପ୍ୟ ଅଦ୍ୟାବଧି ଦେଇ ନ ଥିବା ଯୋଗୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ପୂର୍ବତନ କର୍ମଚାରୀମାନେ ଅତି ନିମ୍ନ ପେନଶନ ପାଉଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ରେଗୁଲାର କର୍ମଚାରୀଙ୍କ ଭଳି ଏକ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଥିଲା। ଶେଷରେ ୨୦୨୩-୨୪ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ କୃଷ୍ଣଚନ୍ଦ୍ର ଦାଶ ସଭାପତି, ପ୍ରମୋଦ କୁମାର ଷଡ଼ଙ୍ଗୀ ଉପସଭାପତି, ସୁଶାନ୍ତ କୁମାର ପାଣିଗ୍ରାହୀ ସମ୍ପାଦକ, ରବିନ୍ଦ୍ର କୁମାର ଭୋଇ ସହ ସମ୍ପାଦକ, ଲୋକନାଥ ପାଣି କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ବୈଠକରେ ଏସ୍‌ଡ଼ିସିସି ବ୍ୟାଙ୍କ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲାର ବିଭିନ୍ନ ଶାଖାର ଅବସରପ୍ରାପ୍ତ ବୈଷ୍ଣୋଦେବୀ କୋ ଅପରେଟିଭ୍ ପେନଶନର୍ସ ଆସୋସିଏଶନର ସଭ୍ୟମାନେ ଯୋଗଦାନ କରିଥିଲେ। ପ୍ରଦୀପ ମେହେରା ସଭା ସଂଯୋଜନା କରିଥିବା ବେଳେ ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବରାତ୍ରି ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ସରଣ୍ଡା, ୧୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ସ୍ଥିତ ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ବାବାଙ୍କ ମହାଶିବରାତ୍ରି ପାଇଁ ବୁଧବାର ରାତି ୭ଟା ୫୦ମିନିଟ୍‌ରେ ବିଧିବଦ୍ଧ ଭାବେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ପୁରୋହିତ ରାକେଶ ମିଶ୍ରଙ୍କ ମନ୍ତ୍ରପାଠ, କର୍ତ୍ତା ଯୁଧିଷ୍ଠିର ମହାପାତ୍ର ଓ ପୂଜକ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯିବା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସଚିଦା ମିଶ୍ର, ସମ୍ପାଦକ ବିନୋଦ ମେହେର, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ମହାଶିବରାତ୍ରି ମେଳା ପରିଚାଳନା କମିଟି ସଭ୍ୟ ତଥା ସହ କୋଷାଧ୍ୟକ୍ଷ ଦାରାସିଂ ମହାପାତ୍ର, ଉପସଭାପତି ରାଧେଶ୍ୟାମ ମହାପାତ୍ର, ସହ ସମ୍ପାଦକ କୁବେର ପ୍ରଧାନ, ମଧୁସୂଦନ ମହାପାତ୍ର, ମନୋଜ ମହାପାତ୍ର, ପବିତ୍ର ନାୟକ, ତରଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି ପାଳନ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଶନିବାର ଭୋର୍ ୩ଟାରେ ମନ୍ଦିର ଫାଟକ ଖୋଲାଯାଇ ବାବା ବିଶ୍ୱେଶ୍ୱରଙ୍କୁ ପ୍ରଥମେ ଗଙ୍ଗାଜଳରେ ସ୍ନାନ କରାଯିବ। ଏହାସହ ଯଥାରୀତି ପୂଜାର୍ଚ୍ଚନା ପରେ ମୁଖ୍ୟ ଅଖଣ୍ଡଦୀପ ପ୍ରଜ୍ଜ୍ୱଳନ କରାଯିବ। ଏହି ଦୀପ ମନ୍ଦିର ଶିଖରକୁ ରବିବାର ପାହାନ୍ତିଆ ସମୟରେ ଉଠାଯିବ। ଶିବରାତ୍ରି ପ୍ରାରମ୍ଭିକ ପୂଜାର୍ଚ୍ଚନା ପରେ ସମସ୍ତ ଭକ୍ତଙ୍କୁ ଭଗବାନ ଶିବଙ୍କ ଦର୍ଶନ ପାଇଁ ଛଡ଼ାଯିବ। ପୂର୍ବାହ୍ନ ୧୧ଟାରେ ବିଶ୍ୱେଶ୍ୱର ବାବାଙ୍କ ଶୈବପୀଠରୁ ବାବା ଚନ୍ଦ୍ରଶେଖର ଲରମ୍ଭାର ଘଣ୍ଟବାଦ୍ୟ ସହ ସରଣ୍ଡା ଗ୍ରାମ୍ୟ ପରିକ୍ରମା ପାଇଁ ବାହାରିବେ। ସନ୍ଧ୍ୟାରେ ଟାମ୍ପରସରା ଓ ସୋଡ଼ାପାଲି ଗ୍ରାମର ମହିଳା କୀର୍ତ୍ତନ ମଣ୍ଡଳୀ ଭଜନ ପରିବେଷଣ କରିବାକୁଥିବା ବେଳେ ରାତିରେ ଜଟଲା ଗ୍ରାମର ଚନ୍ଦ୍ର ମହଲ ନାଟ୍ୟ କଳାପରିଷଦ ନାଟକ ମଞ୍ଚସ୍ଥ କରିବେ। ଅପରାହ୍ନ ୫ଟାରୁ ଚାରି ପ୍ରହର ପୂଜା ପାଠ ଆରମ୍ଭ ହୋଇ ପ୍ରତି ପ୍ରହରରେ ୧୦୮ ଆଳତି ପ୍ରଦାନ କରାଯିବ। ୪ ପ୍ରହର ପୂଜାର୍ଚ୍ଚନା ପରେ ରବିବାର ପାହାନ୍ତିଆ ୩ଟା ୨୫ମିନିଟ ସମୟରେ ମହାଦୀପ ମନ୍ଦିର ଉପରକୁ ଉଠାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ହଜାର ହଜାର ଉଜାଗର ଭକ୍ତ ସମାଗମକୁ ଲକ୍ଷ୍ୟ ରଖି ବ୍ୟାପକ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ଜଣାପଡିଛି।



ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା ଚାଲିଛି।



ସ୍ଥାପନ କରାଯାଇଥିବା ଶୁଭସ୍ତମ୍ଭ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଫେବୃୟାରୀ, ୨୦୨୩



# ଭାଜପାର ବିକ୍ଷୋଭ ସମାବେଶ

## ଆପରାଧିକ କାର୍ଯ୍ୟରେ ସରକାରଙ୍କ ସମ୍ପୃକ୍ତି: ଭାଜପା

ସମ୍ବଲପୁର୧୫ା୨(ବ୍ୟୁରୋ)


ବିକ୍ଷୋଭରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

ରାଜ୍ୟରେ ଘଟୁଥିବା ପ୍ରତ୍ୟେକ ଆପରାଧିକ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ରହୁଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଇତିଶ୍ରୀ, ବେବିନା, ପରି, ମମିତା ହେଉ କି ମାହାଙ୍ଗା ଡବଲ ମର୍ଡର ଭଳି ଅନେକ ଘଟଣା ସରକାରଙ୍କୁ ବଦ୍‌ନାମ କରିଛି। କିଛିଦିନ ପୂର୍ବରୁ ରାଜ୍ୟ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ନବ କିଶୋର ଦାଶଙ୍କୁ ପୋଲିସ କର୍ମଚାରୀ ଗୁଳି କରି ହତ୍ୟା କରିବା ଅତି ଦୁର୍ଭାଗ୍ୟଜନକ ଘଟଣା ବୋଲି ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଆଇନଶୃଙ୍ଖଳାକୁ ନେଇ ହୋଇଥିବା ସମାବେଶରେ ଦଳୀୟ ନେତାମାନେ ଅଭିଯୋଗ କରିଥିଲେ। ସେମାନେ ଆହୁରି କହିଥିଲେ, ସହର ହେଉ କି ଗ୍ରାମାଞ୍ଚଳ ସବୁଠି ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇଛି। ପୋଲିସ ମଧ୍ୟ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କିଛିଦିନ ପୂର୍ବରୁ ଧନୁପାଲି ଥାନାରେ ଜଣେ ସରପଞ୍ଚ ଓ ତାଙ୍କ ସ୍ତ୍ରୀଙ୍କୁ ଥାନା ସମ୍ମୁଖରେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପୋଲିସ ମୁଖିଆଙ୍କୁ ଅଭିଯୋଗ କଲା ପରେ ମଧ୍ୟ ସୁଫଳ ମିଳିଲା ନାହିଁ।

### ବିକ୍ଷୋଭ ବାହାନାରେ ହିଂସ୍ର ହେଉଛି ଭାଜପା: ବିଜେଡି

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯିବା ବାହାନାରେ ନେତାମାନେ ଯେଉଁଭଳି ହିଂସ୍ର ଆଚରଣ କଲେ ତାହା ନିନ୍ଦନୀୟ। ସଭ୍ୟ ସମାଜ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଗ୍ରହଣୀୟ ନୁହେଁ। ବିଶେଷ କରି ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ବ୍ୟବହାର ଅତ୍ୟନ୍ତ ଅଶୋଭନୀୟ ଥିଲା। ସେ ନିଜ ସାମ୍ବିଧାନିକ ପଦମର୍ଯ୍ୟାଦା ଭୁଲି ଯେଉଁଭଳି ଭାବେ ଜଣେ ମହିଳା ପୋଲିସ ଅଫିସରଙ୍କୁ ଧକ୍କା ମାରିଲେ ତାହାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରୁଛି ବୋଲି ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି।

### କଥା ରଖିଲ ନାହିଁ: ଏସ୍‌ଡିପିଓ

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ପୋଲିସ ଓ ଭାଜପା କର୍ମକର୍ତ୍ତା ଧସ୍ତାଧସ୍ତି ହୋଇଥିଲେ। ଏହି ସମୟରେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳରେ ଉପସ୍ଥିତ ଥିବା ଭାଜପା ନେତା ସମୀର ରଞ୍ଜନ ବାବୁଙ୍କ ସହ ଆଲୋଚନା କରି କଣ କଥା ହୋଇଥିଲା କଥା ରଖିଲ ନାହିଁ, ଏମାନଙ୍କୁ ନ ଆଣିବା ପାଇଁ କହି ପୁଣି ଆଣି ଆସିଲ। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ତୁମେ ବୁଝ, ଭଲ ହେଲା ନାହିଁ ବୋଲି କହିଥିଲେ। ଅନ୍ୟପଟେ ଭାଜପା ନେତା ବାବୁ କହିଥିଲେ, କଥା ଅନୁସାରେ ଜୟଦାଦା ଷ୍ଟେଜରେ ରହି ଅଭିଭାଷଣ ଦେଲେ। ତଳକୁ ଓହ୍ଲାଇଲେ ନାହିଁ। ଧସ୍ତାଧସ୍ତି ହେବା ସ୍ୱାଭାବିକ ଘଟଣା। ହେଲେ ଏମାନଙ୍କୁ କିଏ ଆଣିଛି ମୁଁ ଜାଣି ନାହିଁ ବୋଲି କହିଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଭାଜପା ପକ୍ଷରୁ ଆୟୋଜିତ ଆନ୍ଦୋଳନ ରୂପରେଖ ସମ୍ପର୍କରେ ପୋଲିସ ସହ ଆଲୋଚନା ହୋଇଛି। ନିର୍ଦ୍ଧାରିତ ହୋଇଥିବା ଭଳି ଆନ୍ଦୋଳନ ହେବା କଥା, ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଥିଲା, ଯାହାକୁ ନେଇ ପୋଲିସ ଅଡୁଆରେ ପଡିଯାଇଥିଲା।

### ପୋଲିସ ଛାଉଣିରେ ଜିଲାପାଳଙ୍କ ଅଫିସ

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ସମାବେଶ ହେବାକୁ ଥିବାରୁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ଓ ଜିଲାର ବିଭିନ୍ନ ଥାନା ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଥିଲା। ମହିଳା ଥାନା ଅଧିକାରୀ ଓ ପୋଲିସ ମଧ୍ୟ ନିୟୋଜିତ ହୋଇଥିଲେ। ରଶିରେ ବ୍ୟାରିକେଟ କରି ସମସ୍ତେ ପ୍ରସ୍ତୁତ ହୋଇ ରହିଥିଲେ। ଧସ୍ତାଧସ୍ତି ସମୟରେ ସମସ୍ତ ପୋଲିସ ଏକାସାଥିରେ ଆନ୍ଦୋଳନକାରୀଙ୍କୁ ପଛକୁ ଠେଲି ନେଉଥିବା ଦେଖିବାକୁ ମିଳିଥିଲା।

## ଦୁର୍ଘଟଣାରେ ଅବକାରୀ କନଷ୍ଟେବଲଙ୍କ ମୃତ୍ୟୁ

ରେଢାଖୋଲ,୧୫ା୨(ଡି.ଏନ.ଏ.)

୫୫ନଂ ଜାତୀୟ ରାଜପଥର ସମ୍ବଲପୁର ଜିଲା ଚାରମାଳ ଥାନା ଅନତି ଦୂରରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଅବକାରୀ କନଷ୍ଟେବଲଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରେଢାଖୋଲ ଥାନା ସାନ ନୂଆପଡା ଗ୍ରାମର ଦିଲୀପ ସ୍ୱାଇଁ। ସୂଚନାକ୍ରମେ ଦିଲୀପ ସମ୍ବଲପୁର ଅବକାରୀ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବାହ୍ନ ୧୦ଟାରେ ସେ ବାଇକ୍ ଯୋଗେ ତାଙ୍କ ଗ୍ରାମରୁ ସମ୍ବଲପୁର ଯାଉଥିବା ବେଳେ ଚାରମାଳ ଥାନା ନିକଟରେ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପ୍ରଚାରିତ ହେବା ପରେ ରେଢାଖୋଲ ସହର ସମେତ ତାଙ୍କ ଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଦିଲୀପଙ୍କ ମା’, ସ୍ତ୍ରୀ, ୪ବର୍ଷ ଓ ୬ମାସର ୨ଟି ପୁତ୍ରସନ୍ତାନ ଅଛନ୍ତି। କିଛିବର୍ଷ ପୂର୍ବେ ତାଙ୍କ ବାପା ବୀରବର ସ୍ୱାଇଁଙ୍କ ମଧ୍ୟ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଚାରମାଳ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ରାଶନ ସାମଗ୍ରୀ କାଟିବା ନେଇ ଧାରଣା

ବ୍ରଜରାଜନଗର,୧୫ା୨(ଡି.ଏନ.ଏ.): ସ୍ଥାନୀୟ ରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର କେନ୍ଦ୍ର ସରକାର ଚାଉଳ କାଟିବାକୁ ନେଇ ଧାରଣା ଦିଆଯାଇଛି। ପଞ୍ଚାୟତର ବିଜେଡି ସଭାପତି ଗଣେଶ ରାମ ବାଗଙ୍କ ନେତୃତ୍ୱରେ ମହିଳାମାନେ ଧାରଣାରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାର ରାଶନ କାର୍ଡରୁ କାଟିଥିବା ୫କିଲୋ ଚାଉଳକୁ ବିରୋଧ କରି ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ଧାରଣାରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ମହିଳା ମୋର୍ଚ୍ଚା ସଭାପତି ତପସ୍ୱିନୀ ମେହେର, ୱାର୍ଡ ମେମ୍ବରମାନେ ସାମିଲ ଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପଡିଆବାହାଲ.୧୫ା୨(ଡି.ଏନ.ଏ.): ଝୁମୁରା ବ୍ଲକ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ବାଏଫ ପକ୍ଷରୁ ମଙ୍ଗଳବାର ଛାମୁଣ୍ଡା ଗ୍ରାମ ପଞ୍ଚାୟତର ନୂଆଁ ଅଡ଼ାପରା ଅଙ୍ଗନୱାଡି କେନ୍ଦ୍ରଠାରେ କୃଷକ ଦମ୍ପତିଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା। ବାଏଫର ପ୍ରକଳ୍ପ ଅଧିକାରୀ ପବନ ବଟକଙ୍କ ପରିଚାଳନା କରିଥିବାବେଳେ କାର୍ଯ୍ୟକର୍ତ୍ତା ବଳରାମ ନାଏକ ଓ ପ୍ରଭାତୀ ନାଏକ ସହଯୋଗ କରିଥିଲେ। ଡା. ରାଜାରାମ ଷଡଙ୍ଗୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ।

### ଫେରାର ବେଳେ ଧରାପଡ଼ିଲେ ଅଭିଯୁକ୍ତ

ବ୍ରଜରାଜନଗର,୧୫ା୨(ଡି.ଏନ.ଏ.): ଝାରସୁଗୁଡା ସଦର ଥାନାରୁ ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତ ସମ୍ବଲପୁରରୁ ଧରାପଡ଼ିଛନ୍ତି। ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନାନୁସାରେ ସଦର ଥାନା ଅନ୍ତର୍ଗତ ସାରସମାଲ ସତନାମୀପଡ଼ା ବାସିନ୍ଦା ଉମେଶ ସତନାମୀଙ୍କୁ ପୋଲିସ ଏକ ଚୋରି ଅଭିଯୋଗରେ ଅଟକ ରଖିଥିଲା। ବୁଧବାର ସକାଳେ ତାଙ୍କ ସ୍ତ୍ରୀ ଓ ମା’ଙ୍କୁ ଡାକି ମୁହାଁମୁହିଁ ଜେରା କରାଯାଉଥିଲା। ଏହି ସମୟରେ ସୁଯୋଗ ଦେଖି ଉମେଶ ଥାନା ଭିତରୁ ଫେରାର ହୋଇଯାଇଥିଲେ। ପୋଲିସ ତନାଘନା କରି ଏକ ବସ୍‌ରେ ସମ୍ବଲପୁର ଫେରାର ହେଉଥିବାବେଳେ ଅଇଁଠାପାଲି ଅଞ୍ଚଳରୁ ତାଙ୍କୁ କାବୁ କରିଥିଲା।

### ଗୋଷ୍ଠୀ ବିକାଶ ତାଲିମ ଶିବିର

ବ୍ରଜରାଜନଗର,୧୫ା୨(ଡି.ଏନ.ଏ.): ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ କଲ୍ୱ କଲୋନୀସ୍ଥିତ ଉତ୍କଳ ଜ୍ୟୋତି ସମ୍ମିଳନୀ କକ୍ଷରେ ଚାଲିଥିବା ତିନିଦିନିଆ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଝାରସୁଗୁଡ଼ା ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ ସଂଯୋଜନା କରିଥିଲେ। ଶିବିରରେ ବ୍ୟକ୍ତିତ୍ୱ ବିକାଶ, ଜୀବନ କୌଶଳ, ନେତୃତ୍ୱ କୌଶଳ, ପ୍ରାଥମିକ ଚିକିତ୍ସା, ଯୁବ ଅନୁଷ୍ଠାନ ଗଠନ ଓ ପରିଚାଳନା, ଗୋଷ୍ଠୀ ବିକାଶ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଡ. ମୀନା ସୋନି, ଆନନ୍ଦିନୀ ପାଢ଼ୀ, ଫାଦର ପ୍ରକାଶ କିରୋ, ଲିନିଅସ ଫ୍ରାନ୍ସିସ ଏସ୍ ଲାକ୍ରା, ଜୀବନ ସିଂ, ସୁମନ୍ତ କୁମାର ଦ୍ୱିବେଦୀ ଓ ମାଇକେଲ କୁଲୁ ପ୍ରମୁଖ ତାଲିମଦାତା ଯୋଗଦାନ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଓ ଡ. ମୀନା ସୋନି ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଲକ୍ଷେଘର ପାଣ ସମାଜର ଦ୍ୱିବାର୍ଷିକ ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୧୫ା୨(ଡି.ଏନ.ଏ.)

କୁଚିଣ୍ଡା ଟାଉନ ହଲଠାରେ ଲକ୍ଷେଘର ପାଣ ସମାଜର ବ୍ଲକ ସ୍ତରୀୟ ଦ୍ୱିବାର୍ଷିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ସଭାପତି ସୋମ୍ବାରୁ ବୁଡାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକର ବିଡିଓ ଚନ୍ଦନ ନିଖଣ୍ଡିଆ ମୁଖ୍ୟବକ୍ତା, ଗଣେଶରାମ କରାଲି, ଶୁଶିଳ କୁସୁମ, ଟଙ୍କଧର ପାତ୍ର, ନରେଶ ତଣ୍ଡିଆ, ସମିତି ସଭ୍ୟା ରଶ୍ମି କୁସୁମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଗଠନ ମାଧ୍ୟମରେ ସମାଜର ବିକାଶ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଅତିଥିଗଣ ଉଲ୍ଲେଖନୀୟ ଅବଦାନ ପାଇଁ ହେମଲତା ମହାନନ୍ଦ, କବିତା ହାତୀ, ରମେଶର ହଂସ, କେଶବ ନାଏକ, କୃଷ୍ଣଚନ୍ଦ୍ର ମହାନନ୍ଦ, ଦୀନବନ୍ଧୁ କଣ୍ଡା, ରତ୍ନାକର କୁସୁମ, ବକ୍ସି କୁସୁମ, ଶଶୀଭୂଷଣ ସୁରୁଜୁଲିଆ, ଜନତା ମନୋହରୀ, ମହେନ୍ଦ୍ର ଗନ୍ଧୀଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ସଭା ପରିଚାଳନା କରି କରିଥିଲେ। ଶେଷରେ ମନବୋଧ କଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚତୁର୍ଥ ଦିନରେ ପେଣ୍ଟର କ୍ଲବ ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

### ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ

ବେଲପାହାଡ,୧୫ା୨(ଡି.ଏନ.ଏ.)

ବେଲପାହାଡ ଟିଆର୍‌ଏଲ୍ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ବୁଧବାର ଚତୁର୍ଥ ଦିନ ଖେଳରେ ଟିଆର୍‌ଏଲ୍ କ୍ରୋସାକୀ ଦଳକୁ ହରାଇ ପେଣ୍ଟର କ୍ଲବ ବେଲପାହାଡ ବିଜୟୀ ହୋଇଛି। ଟିଆର୍‌ଏଲ୍ ଦଳ ଟସ୍ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପେଣ୍ଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ଟିଆର୍‌ଏଲ୍ କ୍ରୋଶାକୀ ଦଳ ୧୬.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୨ ରନ କରି ୧୧୨ ରନରେ ପରାଜିତ ହୋଇଥିଲା। ବିଜୟୀ ଦଳର ପ୍ରଦୀପ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ବିଭୂତି ପାତ୍ର ଓ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିଲେ। ଅତିଥି ଭାବରେ ପ୍ରଭଞ୍ଜନ ବଳ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କାର ଦେଇଥିଲେ।

## ବାଳିକା ହାଇସ୍କୁଲର ପ୍ରଥମ ବାର୍ଷିକୋତ୍ସବ

କୁଚିଣ୍ଡା,୧୫ା୨(ଡି.ଏନ.ଏ.)

ବାମରା ବ୍ଲକ ବାମରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଫୁଲମନୀ ମାଝିଙ୍କ ପୌରୋହିତ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ବିନୟ କୁମାର ସୋଏ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରସାଦ ଚୌଧୁରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଗୋବିନ୍ଦପୁର ସରପଞ୍ଚ ବିମଲ ଲାକ୍ରା, ବାମରା ଉନିୟନ ଅଫ ଜର୍ନାଲିଷ୍ଟ ସମ୍ପାଦକ ମନୋଜ କୁମାର ରାଜ ଯୋଗଦେଇଥିଲେ। ଖବରଦାତା ମନୋଜ ରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ଶିକ୍ଷାର ପ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ଚୌଧୁରୀ ବାର୍ଷିକ ବିବରଣୀ ଓ ଶିକ୍ଷୟିତ୍ରୀ ସ୍ନେହଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

## ଗଛରେ ଝୁଲୁଥିବା ମୃତଦେହ ଜବତ

ପଡିଆବାହାଲ, ୧୫ା୨(ଡି.ଏନ.ଏ.)

ଝୁମୁରା ଥାନା ଅନ୍ତର୍ଗତ ଗରଗଡ଼ ବାହାଲ ଜଙ୍ଗଲର ଏକ ମହୁଲ ଗଛରୁ ବୁଧବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା କସ୍ତୁରୀବାହାଲ ଗାଁର ସୁଦର୍ଶନ ରଣା (୫୩)। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଥାନା ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଏକ ରସିରେ ଝୁଲୁଥିବା ମୃତଦେହ ଜବତ କରିଥିଲେ। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ନିଶା ନିବାରଣ ବାର୍ତ୍ତା ନେଇ ପଦଯାତ୍ରା

ବେଲପାହାଡ,୧୫ା୨(ଡି.ଏନ.ଏ.)



ପଦଯାତ୍ରାରେ ଅଭିରାମ।

ନିଶା ପରିହାର ଓ ନିୟମିତ ବ୍ୟାୟାମ ସୁସ୍ଥ ଜୀବନଯାପନର ମୂଳ ମନ୍ତ୍ର। ଏହିପରି ଏକ ମହତ ବାର୍ତ୍ତା ନେଇ ପଦଯାତ୍ରା କରି ଭାରତ ଭ୍ରମଣରେ ବାହାରିଛନ୍ତି ଝାରସୁଗୁଡା ଜିଲା ଦୁର୍ଲୁଗା ଗାଁର ୬୫ବର୍ଷ ବୟସ୍କ ଅଭିରାମ ଶତପଥୀ। ବିଦ୍ୟୁତ୍ ବିଭାଗର କର୍ମଚାରୀ ଥିବା ଅଭିରାମ ୨୦୧୮ରେ ଅବସର ଗ୍ରହଣ କରିଥିଲେ। ପୂର୍ବରୁ ସେ ଶ୍ୱାସରୋଗୀ ଥିଲେ। ଚଲାବୁଲା କରିବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। ଜଣେ ବନ୍ଧୁଙ୍କ ପରାମର୍ଶ ପାଇ ସେ ନିୟମିତ ଚାଲିବା ଆରମ୍ଭ କରିଥିଲେ। ପରେ କିଛିଦିନ ମଧ୍ୟରେ ତାଙ୍କର ଶ୍ୱାସ ରୋଗ ଭଲ ହୋଇଯାଇଥିଲା। ତେବେ ସେହି ଦିନଠାରୁ ପ୍ରତ୍ୟେକ ଦିନ ପାଖାପାଖି ୩୦କିମି ପାଦରେ ଚାଲିବା ଅବ୍ୟାହତ ରଖିଛନ୍ତି। ସମାଜକୁ ବାର୍ତ୍ତା ଦେବା ଲକ୍ଷ୍ୟରେ ସେ ଭାରତ ଭ୍ରମଣରେ ବାହାରିଛନ୍ତି। ୨୦୨୧ରେ ସେ ଝାରସୁଗୁଡାରୁ ବାହାରି ୨ମାସ ୨୦ଦିନରେ ୨୫୪୪କି.ମି. ଅତିକ୍ରମ କରି ଫେରିଥିଲେ। ୨୦୨୩ ଜାନୁୟାରୀ ମାସରେ ସେ ୨ୟ ଥର ପାଇଁ ବାହାରି ୨୭ଦିନ ମଧ୍ୟରେ ୭୮୫କିମି ରାସ୍ତା ଅତିକ୍ରମ କରିସାରିଛନ୍ତି। ମାଦକ ଦ୍ରବ୍ୟ ବର୍ଜନ ଓ ନିୟମିତ ବ୍ୟାୟାମ ଦ୍ୱାରା ସୁସ୍ଥ ଜୀବନ ଯାପନ କରିବା ପାଇଁ ସେ ଲୋକଙ୍କୁ ସଚେତନ କରୁଛନ୍ତି।

## ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ

ଜମନକିରା,୧୫ା୨(ଡି.ଏନ.ଏ.)

ଜମନକିରା ବ୍ଲକ ମହଦା ପଞ୍ଚାୟତର ଶିକ୍ଷାନୁଷ୍ଠାନ ସମୂହକୁ ନେଇ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୀପକ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ସାହିତ୍ୟ ଓ ରାମକୃଷ୍ଣଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବୀଣା ନାଏକ, ସୁମନ୍ତ ନାଏକ, ଜୟ ନାରାୟଣ ମୁଣ୍ଡା, ଅମିୟ ପଟେଲ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ନେତୃତ୍ୱରେ ସାମାଜିକ ବନିକରଣ ପାଇଁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ।

## ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ

ପଡିଆବାହାଲ.୧୫ା୨(ଡି.ଏନ.ଏ.)

ଝୁମୁରା ବ୍ଲକ.ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ କମିଶନର ପଠାନ କୁମାର ପଣ୍ଡା ମୁଖ୍ୟଅତିଥି, ଡିଡବ୍ଲ୍ୟୁଓ ଭାଗିରଥି ପଟେଲ ମୁଖ୍ୟବକ୍ତା ଓ ମୋ ସ୍କୁଲ ଅଭିଯାନର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଲୁଲେନ୍ଦୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସିନିୟର ଗ୍ରୁପର ଲଭ୍‌ଲି ବାଗ, କାହ୍ନ ବେସନ ଓ ରିତିକ ନାୟକ ଚାମ୍ପିୟନ ହୋଇଥିଲେ। ପରେ ବିପିନ ଖଣ୍ଡା ଓ ଅମିନ ଖଣ୍ଡାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆଇନଶୃଙ୍ଖଳା ନେଇ ପୋଲିସ-ଭାଜପା କର୍ମୀ ମୁହାଁମୁହିଁ

ବ୍ରଜରାଜନଗର,୧୫ା୨(ଡି.ଏନ.ଏ.)



ବିକ୍ଷୋଭରେ ସାମିଲ ହୋଇଥିବା ନେତା ଓ କର୍ମୀ।

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ବୁଧବାର ଝାରସୁଗୁଡା ସହର ବେହେରାମାଲ କିଷାନ ଛକଠାରେ ଭାଜପା ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସଭାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ରାଜ୍ୟରେ ହତ୍ୟା, ନାରୀ ନିର୍ଯାତନା ଭଳି ଅପରାଧ ବୃଦ୍ଧି ପାଉଥିବା କହିଥିଲେ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ପୋଲିସ ଦ୍ୱାରା ହତ୍ୟା କରାଯାଇଥିବା ବିରୋଧରେ କର୍ମକର୍ତ୍ତା ସରକାରଙ୍କୁ ଦାୟୀ କରି ବକ୍ତବ୍ୟ ରଖିଥିଲେ। ସଭା ଶେଷ ହେବା ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳାପୁରୁଷ ଏକ ରାଲିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବା ସମୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ନେତାମାନଙ୍କୁ ଗିରଫ କରି ପରେ ପିଆର୍ ବଣ୍ଡରେ ଛାଡିଥିଲା। ସମାବେଶରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରେମ ସେନ ରାଏ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ଜିଲା ଉପସଭାପତି ପିତାମ୍ବର ମିଶ୍ରଙ୍କ ସମେତ ସମସ୍ତ ୧୨ ଗୋଟି ମଣ୍ଡଳର ସଭାପତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।




# ବଢ଼ିପାରେ ବିଦ୍ୟୁତ୍ ଶୁଳ୍କ

**ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଙ୍କ ଶୁଣାଣି ସରିଲା**

- ୨୪ରୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ଶୁଣାଣି
- ମାର୍ଚ୍ଚ ଶେଷ ସପ୍ତାହରେ ରାୟ ଶୁଣାଇବେ ଓଇଆରସି

ଭୁବନେଶ୍ୱର,୧୫ା୨(ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁଳ୍କ ବୃଦ୍ଧି ନେଇ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଓଏଚ୍‌ପିସି, ଓପିଟିସିଏଲ୍, ଏସ୍‌ଏଲ୍‌ଡିସି, ଗ୍ରୀଡ୍‌କୋର ଶୁଣାଣି ବୁଧବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ଶେଷ ହୋଇଛି। ଆସନ୍ତା ୨୪ରୁ ୨୮ ତାରିଖ ମଧ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀଗୁଡ଼ିକର ଶୁଣାଣି ହେବ। ମାର୍ଚ୍ଚ ତୃତୀୟ ସପ୍ତାହରେ କମିଶନ ରାୟ ଶୁଣାଇବେ। ଚଳିତ ବର୍ଷ ବିଦ୍ୟୁତ୍ ଶୁଳ୍କ ବଢ଼ିବା ନେଇ ସୂଚନା ମିଳୁଛି। ଆସନ୍ତା ବର୍ଷ ନିର୍ବାଚନ ଥିବାରୁ ଶୁଳ୍କ ବୃଦ୍ଧି ନେଇ ଓଇଆରସି କି ନିଷ୍ପତ୍ତି ନେଇଛନ୍ତି ତାହା ଉପରେ ନଜର ରହିଛି।

ଓଡ଼ିଶା ଜଳବିଦ୍ୟୁତ୍ ନିଗମ (ଓଏଚ୍‌ପିସି)ର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆନୁଆଲ ରେଭିନ୍ୟୁ ରିକ୍ୱାରମେଣ୍ଟ (ଏଆରଆର) ୫୦୧.୩୧ କୋଟି ଏବଂ ପ୍ରତି ୟୁନିଟ୍‌କୁ ୮୯.୪୮ ପଇସାରେ ବିକ୍ରି କରିବାକୁ ଓଇଆରସି ଅନୁମତି ଦେଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ୫୬୦୨.୬୦ ନିୟୁତ ୟୁନିଟ ଶକ୍ତି ବିକ୍ରି କରିବ। ଏଆରଆର ବାବଦରେ ୫୬୮.୧୨୭ କୋଟି ଏବଂ ୟୁନିଟ ପିଛା ୧୦୧.୪୦ ପଇସାରେ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ସେହିପରି ଓପିଜିସି ଆସନ୍ତା ଆର୍ଥିକ ବର୍ଷ ପାଇଁ ବାର୍ଷିକ ନିର୍ଦ୍ଧାରିତ ମୂଲ୍ୟ ୨୯୨.୫୮ କୋଟି ଏବଂ ପ୍ରତି ୟୁନିଟକୁ ୧୭୮.୮୫ ପଇସା ମୂଲ୍ୟରେ ଗ୍ରୀଡ୍‌କୋକୁ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ଅନୁରୂପ ଭାବେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓପିଟିସିଏଲ୍ ୩୪,୨୩୬ ନିୟୁତ ୟୁନିଟ ଉତ୍ପାଦନ ବାବଦରେ ୧,୧୦୨ କୋଟି ଖର୍ଚ୍ଚ କରିବାକୁ ଥିବାବେଳେ ପ୍ରତି ୟୁନିଟକୁ ୩୨.୧୯ ପଇସା ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ବୁଧବାର ଗ୍ରୀଡ୍‌କୋର ଶୁଣାଣି ପରେ ରାୟ ସଂରକ୍ଷିତ ରଖାଯାଇଛି।

# ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନକଲେ ଜେଲ ଡିଜି

**ନବ ଦାସ ହତ୍ୟା ମାମଲା**

**ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ହେଲା**

କଟକ ଅଫିସ/ଚୌଦ୍ୱାର, ୧୫ା୨(ଡି.ଏନ୍.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି ଜେଲ ଡିଜି ମନୋଜ ଛାବ୍ରା। ସେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚୌଦ୍ୱାର ସର୍କଲ ଜେଲ୍‌ରେ ପହଞ୍ଚିବା ପରେ ଗୋପାଳ ରହୁଥିବା ୩ ନମ୍ବର ସେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ପକାଇଥିଲେ। ବେଶ୍ କିଛି ସମୟ ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରାଙ୍କ ସହ ଗୋପାଳଙ୍କ ସୁରକ୍ଷା ବ୍ୟବସ୍ଥା ସମେତ ଅନ୍ୟ ଦିଗ ଉପରେ ସେ ଆଲୋଚନା କରିଥିଲେ।

ଅଭିଯୁକ୍ତ ଗୋପାଳ ଝାରସୁଗୁଡ଼ା ସବ୍‌ଜେଲରେ ନିଜକୁ ଅସୁରକ୍ଷିତ ମଣିଥିଲେ। ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ସେ ଇଚ୍ଛାପ୍ରକାଶ କରି ଜେଲ ବିଭାଗ ମାଧ୍ୟମରେ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସିରେ ଆବେଦନ କରିଥିଲେ। ଅଦାଲତ ଏହି ଆବେଦନକୁ ଗ୍ରହଣ କରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମଞ୍ଜୁର କରିଥିଲେ। କୋର୍ଟ ଆଦେଶକୁ ଭିତ୍ତି କରି ଗୋପାଳଙ୍କୁ କଡ଼ା ସୁରକ୍ଷାରେ ଝାରସୁଗୁଡ଼ାରୁ ଅଣାଯାଇ ମଙ୍ଗଳବାର ରାତି ୮ଟା ୨୫ମିନିଟରେ ଚୌଦ୍ୱାର ଜେଲରେ ପହଞ୍ଚା ଯାଇଥିଲା। ସିସିଟିଭି କ୍ୟାମେରା ନଜରରେ ଗୋପାଳଙ୍କ ୨୪ ଘଣ୍ଟିଆ ରହିବା ବ୍ୟବସ୍ଥା ହୋଇଛି। ସେ ମଙ୍ଗଳବାର ରାତିରେ ରୁଟି ଡାଲମା ଖାଇଥିବାବେଳେ ଅନ୍ୟ ଅନ୍ତେବାସୀଙ୍କ ପରି ବୁଧବାର ସକାଳୁ ସୁଜି ହାଲୁଆ ଓ ମଧ୍ୟାହ୍ନରେ ଭାତ ଖାଇଥିବା ଜେଲ ସୂତ୍ରରୁ ପ୍ରକାଶ। ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଜେଲରେ ଆତ୍ମହତ୍ୟା କରିବା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଜେଲ ବିଭାଗ ପୂରା ସଜାଗ ରହିଛି। ରାଜ୍ୟର ଜଣେ ପ୍ରଭାବଶାଳୀ ରାଜନେତା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ଗୋପାଳ ନିଜ ସୁରକ୍ଷା ନେଇ ସଂଶୟ ପ୍ରକାଶ କରିବା ପରେ ପୋଲିସ, କ୍ରାଇମବ୍ରାଞ୍ଚ ଓ ଜେଲ ବିଭାଗ ସତର୍କତାମୂଳକ ପଦକ୍ଷେପ ଆପଣେଇଛନ୍ତି। ବୁଧବାର ଜେଲ ଡିଜି ଛାବ୍ରା ଜେଲ ପରିଦର୍ଶନ କରିବା ସମୟରେ ଟିକିନିଖି ତଥ୍ୟ ଅପ୍‌ଡେଟ୍ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଜେଲ ପରିସରରେ ବୁଧବାର ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡ଼ିଛି। ପୂର୍ବରୁ କଟକସ୍ଥିତ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଗୋପାଳଙ୍କ ମାନସିକ ରୋଗ ସମ୍ପର୍କିତ ପରୀକ୍ଷାର ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ତେବେ ଗୋପାଳ ମାନସିକ ରୋଗୀ କି ନୁହେଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୯ ତାରିଖରେ ନବ ଦାସ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଝାରସୁଗୁଡ଼ାର ଗାନ୍ଧୀଛକରେ ଗୁଳିମାଡ଼ର ଶିକାର ହୋଇଥିଲେ। ସେଠାକାର ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ ଗୋପାଳ ଦାସ ମନ୍ତ୍ରୀଙ୍କୁ ଗୁଳି କରିଥିବା ନେଇ ପୋଲିସ ପକ୍ଷରୁ ଘୋଷଣା କରାଯାଇଥିଲା। ଏ ନେଇ ବ୍ରଜରାଜନଗର ଥାନାରେ ଏକ ମାମଲା ରୁଜୁ ହେବା ସହ ଗୋପାଳଙ୍କୁ ଗିରଫ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ ଭାର ଉକ୍ତଦିନ କ୍ରାଇମବ୍ରାଞ୍ଚ ହାତକୁ ନେଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ୍ ଗୁଳିକାଣ୍ଡ ସ୍ଥଳଠାରୁ ଆରମ୍ଭ କରି ଗୋପାଳଙ୍କ ଗାଁ, ଗାନ୍ଧୀଛକସ୍ଥିତ ସରକାରୀ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ, ଝାରସୁଗୁଡ଼ା ଏୟାରପୋର୍ଟ ଥାନା ଆଦି ଅଞ୍ଚଳରେ ତଦନ୍ତ କରିଥିଲା। ଗୁଜରାଟ ଓ ଦିଲ୍ଲୀରୁ ଫୋରେନ୍‌ସିକ ବିଶେଷଜ୍ଞମାନଙ୍କୁ ଅଣାଇ ଉଚ୍ଚସ୍ତରୀୟ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ତଦନ୍ତ କରାଯାଇଥିଲା। ଶେଷରେ ଗୁଜରାଟର ଗାନ୍ଧୀନଗରଠାରେ ଫୋରେନ୍‌ସିକ ଲାବରେଟୋରିରେ ଗୋପାଳଙ୍କ ପଲିଗ୍ରାଫ ଓ ନାର୍କୋ ଟେଷ୍ଟ କରାଯାଇଥିଲା।

## କୋଇଲା ଚୋରି ଘଟଣା: ୩ ସିଆଇଏସ୍‌ଏଫ୍ ଯବାନ ଗିରଫ

ପାରାଦୀପ,୧୫ା୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ଜାନୁୟାରୀ ୨୪ରେ ହୋଇଥିବା କୋଇଲା ଚୋରି ଘଟଣାରେ ବୁଧବାର ଲକ୍ ଥାନା ପୋଲିସ ଆଉ ୩ ଜଣ ସିଆଇଏସ୍‌ଏଫ୍ ଯବାନଙ୍କୁ ଗିରଫ କରିଛି। ସେମାନେ ହେଲେ ହାବିଲଦାର ଧ୍ରୁବଚରଣ ବେହେରା, କନଷ୍ଟେବଲ ପର୍ଶୁରାମ ବାରିକ ଓ ସଞ୍ଜୟ କୁମାର ସେଠୀ। ଏବେ ସୁଦ୍ଧା ଏହି ୩ ଜଣଙ୍କୁ ମିଶାଇ ପୋଲିସ ୧୨ ଜଣଙ୍କୁ ଗିରଫ କରି ସାରିଲାଣି। ଏହି ଘଟଣାରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ବୋଲି ଆଇଆଇସି ଭାବଗ୍ରାହୀ ରାଉତ କହିଛନ୍ତି।

ଜାନୁୟାରୀ ୨୪ ରାତିରେ ବନ୍ଦର ନିଷିଦ୍ଧାଞ୍ଚଳରୁ ଏକ ଟ୍ରକ୍ (ଓଡି ୨୧ ଜେ ୩୭୪୭)ରେ ୩୧ ଟନ ଜାଳେଣି କୋଇଲା ବୋଝେଇ କରି ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ଖବର ପାଇ ପୋଲିସ ଦୋଛକି ନିକଟରେ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଜାନୁୟାରୀ ୩୦ରେ ପୋଲିସ ନଂ.୩୩/୨୩ରେ ମାମଲା ରୁଜୁ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପର୍ଯ୍ୟାୟକ୍ରମେ ଆଉ ୪ ଜଣ ଗିରଫ ହୋଇଥିଲେ। ଏହି ଘଟଣାରେ ବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍‌ର ସମ୍ପୃକ୍ତି ଥିବା ପୋଲିସ ସୁରାକ ପାଇଥିଲା। ବନ୍ଦର ଭିତରୁ ଟ୍ରକ୍ ସହ ଏକ ଲୋଡର (ଓଡି ୦୨ ବିଜେ ୮୨୫୮)କୁ କୋଇଲା ଚୋରିରେ ସିଆଇଏସ୍‌ଏଫ୍‌ର ଗିରଫ ଯବାନମାନେ ସହାୟତା କରିଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ଖନନ କାର୍ଯ୍ୟ ଆରମ୍ଭ

**ଗୋପରେ ତୈଳ ମିଳିବା ପ୍ରସଙ୍ଗ**

ଗୋପ,୧୫ା୨(ଡି.ଏନ୍.ଏ.)


ଖନନ କାର୍ଯ୍ୟ ନେଇ ଅନୁଷ୍ଠିତ ପୂଜାରେ ମନ୍ତ୍ରୀ ଓ ଅନ୍ୟମାନେ ଯୋଗଦେଇଛନ୍ତି।

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଚାଲିଥିବା ତୈଳ ସନ୍ଧାନ କାର୍ଯ୍ୟ ପ୍ରସଙ୍ଗରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଅତ୍ୟାଧୁନିକ ରିଗ ମେଶିନ ସାହାଯ୍ୟରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖନନ କାର୍ଯ୍ୟକୁ ଉଦ୍‌ଘାଟନ କରି କହିଥିଲେ, ଗୋଟିଏ ଛୋଟ ଅଞ୍ଚଳ ହୋଇଥିବା ବେଳେ ପ୍ରାକୃତିକ ଗ୍ୟାସ ସହିତ ତୈଳ ବାହାରିବାକୁ ଥିବାରୁ ଏବେ ଏହି ବ୍ଲକ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଯଦିଓ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ବାହାରେ ତା'ହେଲେ ଏହି ଅଞ୍ଚଳର ଅଭିବୃଦ୍ଧି ଘଟିବା ସହିତ ନିଯୁକ୍ତି, ବିକାଶ କ୍ଷେତ୍ରରେ ମଧ୍ୟ ଆଗକୁ ଯାଇପାରିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦୁ ନାୟକ, ଅଏଲ ଇଣ୍ଡିଆ କମ୍ପାନୀର ନିର୍ଦ୍ଦେଶକ ପଙ୍କଜ କୁମାର ଗୋସ୍ୱାମୀ, ଅଶୋଧିତ ତୈଳ ନିର୍ଦ୍ଦେଶକ ମାନସ କୁମାର ଶର୍ମା, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅନଫର ଅଲି, ମହାନଦୀ ବେସିକ ପ୍ରୋଜେକ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଞ୍ଜନ କୁମାର ପୋଖନ, ଅଏଲ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ, ଗୋପ ତହସିଲଦାର ଏସ୍.କେ.ସାଗିର ପ୍ରମୁଖ ଯୋଗଦେଇଥିଲେ। ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର କାର୍ଯ୍ୟ ଚାଲିଛି। ଯଦି ଅଧିକ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ତୈଳ ବାହାରେ ତେବେ ନିଶ୍ଚିତ ରାଜ୍ୟ ସହିତ ଦେଶର ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଆଣିପାରିବ ବୋଲି ଅତିଥିମାନେ କହିଥିଲେ। ମନ୍ତ୍ରୀ ଦାଶ ଖନନ କରୁଥିବା ରିଗ ମେଶିନ ନିକଟରେ ପହଞ୍ଚିବା ପରେ ଉପସ୍ଥିତ ବ୍ରାହ୍ମଣଙ୍କ ମନ୍ତ୍ର ପାଠ ପରେ ମନ୍ତ୍ରୀ ନଡ଼ିଆ ବାଡେଇ ଏହି ଖନନ କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଖନନ କାର୍ଯ୍ୟ ୧୦ ମିଟର ଯାଏଁ ହୋଇଥିବା କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ସାହୁ କହିଛନ୍ତି।




# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବାରିପଦା ଅଫିସ,୧୫ା୨

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁସ୍ମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୩ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୭ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ କୁସୁମୀ ଅଞ୍ଚଳ ଢ଼ିପାସାହି ଗ୍ରାମର ଘନ ନାଏକ(୪୧)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ ୨୩ରେ ନାବାଳିକା ଜଣକ ଘରେ ଏକୁଟିଆ ଥିବା ବେଳେ ଘନ ତାଙ୍କୁ ଅପହରଣ କରି ନେଇ ୩ ଦିନ ଘରେ ରଖି ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ବାଦାମପାହାଡ଼ ଥାନାରେ ଏପ୍ରିଲ ୨୫ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩୮/୨୨) ରୁଜୁ କରି ଅଭିଯୁକ୍ତ ଘନଙ୍କୁ କୋର୍ଟ ଚାଲାଣ କରିଥିଲା। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# କ୍ୱାର୍ଟର୍ସରେ ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା

ଢେଙ୍କାନାଳ ଅଫିସ, ୧୫ା୨


ସୁନୀତା ନାୟକ

**ଦାମ୍ପତ୍ୟ କଳହର କରୁଣ ପରିଣତି**

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନସ୍ଥିତ ସରକାରୀ ପୋଲିସ କ୍ୱାର୍ଟର୍ସରୁ ବୁଧବାର ସକାଳେ ଜଣେ ମହିଳା କନଷ୍ଟେବଲଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ମୃତା ହେଲେ ସୁନୀତା ନାୟକ (୩୭)। ସେ ଟାଉନ ଥାନା ଭିଏଚ୍‌ଏଫ୍ ସେକ୍ସନରେ କାର୍ଯ୍ୟରତ ଥିଲେ। ଦାମ୍ପତ୍ୟ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଟାଉନ ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ନଂ. ୧୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୁନୀତା ଏବଂ ତାଙ୍କ ସ୍ୱାମୀ ଗଣେଶ୍ୱର ନାୟକ ଉଭୟେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ତେଣୁ ଦମ୍ପତି ରାତ୍ରିଭୋଜନ ମଧ୍ୟ କରି ନ ଥିଲେ। ଭୋର ୪ଟାରେ ସୁନୀତା ଗାଧୁଆ ଘରକୁ ଯିବାକୁ ଆସିଥିଲେ। ସକାଳୁ ତାଙ୍କ ମୃତଦେହ ବେଡ୍‌ରୁମ ନିକଟବର୍ତ୍ତୀ ଏକ ପ୍ରକୋଷ୍ଠରୁ ଓଢ଼ଣିରେ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା। ତେବେ କନଷ୍ଟେବଲ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ପଛର କାରଣ କ'ଣ, ଏଭଳି କ'ଣ ହେଲା ଯେ ସୁନୀତା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲେ ତାହା ଅସ୍ପଷ୍ଟ ରହିଛି। ହେଲେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟ କଳହ ଲାଗୁଥିଲା ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଟାଉନଥାନା ପୋଲିସ ଖୁବ୍ କମ୍ ସମୟ ମଧ୍ୟରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ଲାଗି ଯେଉଁଭଳି ତତ୍ପରତା ଦେଖାଇଲା, ତାହା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ଏ ସମ୍ପର୍କରେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କୁହନ୍ତି, ସୁନୀତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଏ ନେଇ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯାଉଛି। ସୂଚନାଯୋଗ୍ୟ, ୨୦୧୧ରେ ସୁନୀତା ଏବଂ ଗଣେଶ୍ୱରଙ୍କ ବିବାହ ହୋଇଥିଲା। ଉଭୟଙ୍କ ଏକ ୯ବର୍ଷର ପୁଅ ଏବଂ ୫ ବର୍ଷର କନ୍ୟା ସନ୍ତାନ ଅଛନ୍ତି।












# ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବି



ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ନେତୃବୃନ୍ଦ ସୂଚନା ଦେଉଛନ୍ତି।

- ଓଡ଼ିଶାରୁ ୫୦ ଲକ୍ଷ ସ୍ୱାକ୍ଷର ସଂଗ୍ରହ ଲକ୍ଷ୍ୟ
- ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର କ୍ଷେତ୍ରୀୟ ପ୍ରଶିକ୍ଷଣ ଶିବିର

**ସୋନପୁର,୧୫।୨(ନି.ପ୍ର.)**

ଭାରତରେ ଜନସଂଖ୍ୟା ବୃଦ୍ଧି ପାଇ ୧୪୦ କୋଟିରେ ପହଞ୍ଚିଲାଣି। ୨୦୪୦ ମସିହା ବେଳକୁ ଦେଶର ଜନସଂଖ୍ୟା ୨୪୦ କୋଟିକୁ ଛୁଇଁଥିବ। ଦେଶର ଆୟତନ ସୀମିତ ଥିବା ବେଳେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏକ ନିର୍ଦ୍ଦିଷ୍ଟ ଧର୍ମର ଲୋକେ ଜନସଂଖ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି। ଏହା ଆମ ଦେଶ ପାଇଁ ଚିନ୍ତାଜନକ ବିଷୟ। ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନାହାନ୍ତି। ତେଣୁ ଦେଶରେ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ପାଇଁ ଜୋରଦାର ଆନ୍ଦୋଳନ ଓ ଜନଜାଗରଣ କରାଯିବ ବୋଲି ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ କହିଛନ୍ତି। ସୋନପୁରର ଏକ ହୋଟେଲରେ ବୁଧବାର ଫାଉଣ୍ଡେଶନର କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଜନସଂଖ୍ୟା ଯେଉଁଭଳି ଭାବରେ ବୃଦ୍ଧି ପାଉଛି ତାହା ଆଗାମୀ ଦିନରେ ଦେଶର ସାମାଜିକ, ଆର୍ଥିକ, ରାଜନୈତିକ, ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ। ଖାଦ୍ୟାଭାବ ସୃଷ୍ଟି ସହିତ ବେକାରୀ ସମସ୍ୟା ବୃଦ୍ଧି ପାଇବ। ତେଣୁ ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ ଜନଆନ୍ଦୋଳନ ଭାବରେ ପରିଣତ କରିବାକୁ ପଡିବ। ଦେଶର ହିତ ଓ ସମସ୍ତ ନାଗରିକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ସମାଜରୁ କୁପ୍ରଥାକୁ ଦୂର କରିବା, ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ, ସମାନ ଅଧିକାର ଓ ଦୁଇ ସନ୍ତାନ ଆଇନ ବାଧ୍ୟତାମୂଳକ କରିବା ସଂଗଠନର ଲକ୍ଷ୍ୟ। ପୂର୍ବରୁ ସଂଗଠନ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂସଦରେ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ପାଇଁ ସାରା ଦେଶରେ ୫୦ କୋଟି ସ୍ୱାକ୍ଷର ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଓଡିଶାରୁ ୫୦ଲକ୍ଷ ଓ ସୁବର୍ଣ୍ଣପୁର ଜିଲାରୁ ୧ଲକ୍ଷ ସ୍ୱାକ୍ଷର ସଂଗ୍ରହ କରାଯିବାକୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଏହି ସ୍ୱାକ୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯିବ ବୋଲି ଯୋଜନା ରହିଥିବା ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଏହି ଶିବିରରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଓ ଟିଟିଲାଗଡ ସାଙ୍ଗଠନିକ ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରିଥିଲେ। ଶିବିରରେ ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମିହିର ପାଣି, ରାଜ୍ୟ ସଂଯୋଜକ ବଳଦେବ ପ୍ରସାଦ ବେଦ୍‌ବାକ୍, ରାଜ୍ୟ ଉପସଭାପତି ଗୋପାଲ ଜୀ ପାଣିଗ୍ରାହୀ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର, ଉପସଭାନେତ୍ରୀ ସାଗରିକା ଗୁରୁ ପ୍ରମୁଖ ଯୋଗଦାନ କରି ଦୃଢ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସୁବର୍ଣ୍ଣପୁର ଜିଲା ଶାଖା ସଭାପତି କେଦାର ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ସଞ୍ଜୀବ ବେଦ୍‌ବାକ, ନିରଞ୍ଜନ ପଣ୍ଡା, ଦେବେନ୍ଦ୍ର ନାଥ ପାଣ୍ଡେ, କାହ୍ନା ଶତପଥୀ, ଆଲୋକ ନାଏକ, ସୁରେଶ ମିଶ୍ର, ଧର୍ମ ନିରଞ୍ଜନ ପଣ୍ଡା ଓ ବ୍ୟାସଦେବ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ବୁଧବାର ଅମ୍ବାଭୋନା ବ୍ଲକ ବାରପାହାଡ଼ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ଚାଷୀ ନେତୃବୃନ୍ଦ ।

## ଚାଷୀ ସମାବେଶରେ ଲଢ଼େଇ ଆହ୍ୱାନ

**ବରଗଡ଼ ଅଫିସ୍/ଅମ୍ବାଭୋନା,୧୫।୨**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ଼ କୃଷକ ସଙ୍ଗଠନ ଲଖନପୁର ପକ୍ଷରୁ ବୁଧବାର ଉତ୍ତମ ଗ୍ରାମର ଶିବ ମନ୍ଦିର ପରିସରରେ କୃଷକ ଚେତନା ଓ ସଂଘର୍ଷ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଫସଲବୀମା, ଇନପୁଟ ସବସିଡ଼ି, ବିଦ୍ୟୁତ ବିଲ୍ ଛାଡ୍, କୃଷିଋଣ ଛାଡ଼, ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଆଦି ଉପରେ ଆଲୋଚନା ହୋଇଥିଲା। ବାରପାହାଡ଼ କୃଷକ ସଙ୍ଗଠନ ସଭାପତି କିଶନ ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ଚାଷୀନେତା ରମେଶ ମହାପାତ୍ର ଯୋଗଦେଇ ଚାଷୀ ସମସ୍ୟାର ସମାଧାନ ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଲିଙ୍ଗରାଜ ପ୍ରଧାନ, ପଞ୍ଚାନନ ସାହୁ, ରୋହିତ ପ୍ରଧାନ, ତୁଳରାମ ବେହେରା ପ୍ରମୁଖ ଚାଷୀ ସମସ୍ୟ ନେଇ ମତ ରଖିଥିଲେ । ସମାବେଶରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

No.C-2465

**BHUBANESWAR MUNICIPAL CORPORATION**
**e-Procurement Notice**
e-Mail: ee1@bmc.gov.in
XXIX-PW-Div-I-2332/22,2333/22/2335/22
No. 7193 Dt: 14.02.2023

| | | | |
|---|---|---|---|
| 1. | Bid Reference No. | : | BMC-DIV-1-26/2022-23 Dt.14.02.2023 |
| 2. | Tender Call Notice No. | : | dtd.14.02.2023 |
| 3. | Name of Work | : | 3 Nos. (Three) |
| 4. | Bid Value | : | Rs.2,37,55,852/- to Rs.2,53,36,398/- |
| 5. | Period of Completion | : | 120 (One hundred Twenty) days |

**Critical Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders on-line for bidding | From Dt.17.02.2023 from 11.00 AM to Dt.10.03.2023 upto 5.00 PM |
| (ii) | Last date & time of seeking clarifications (if any) | Dt.04.03.2023 upto 5.00 PM |
| (iii) | Pre Bid Meeting | At 11.30 A.M. of Date-28.02.2023 |
| (iv) | Uploading of Pre Bid Meeting Proceedings | At 12.00 hrs of Date 01.03.2023 |
| (v) | Last date & time of bidding on-line | Dt.10.03.2023 up to 5.00 PM |
| (vi) | Date & time of opening of the Technical Bids received online | Dt.13.03.2023 (11.00 AM onwards) |
| (vii) | Date & time of opening of Price Bid/Financial Bid/DTCN Part-II | To be intimated later to the bidder(s) found qualified after checking and evaluation of Technical Bids received online. |

6. Tender details can be seen for the e-Procurement portal https://www.tendersodisha.gov.in & BMC website https://www.bmc.gov.in.

Sd./- City Engineer
Bhubaneswar Municipal Corporation
OIPR-13002/11/0231/2223

# ଇମ୍ପେରିୟଲ୍ କଲେଜରେ ୟୁଥ୍ ପାର୍ଲିଆମେଣ୍ଟ

**ବରଗଡ଼ ଅଫିସ୍,୧୫।୨**

ବରଗଡ଼ ବିଦ୍ୟାବିହାର ସ୍ଥିତ ଇମ୍ପେରିୟଲ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ୟୁଥ୍ ପାର୍ଲିଆମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ଯାଜ୍ଞସେନୀ ଜେନା ଓ ଅଧ୍ୟାପକ ଅଭିଷେକ ଦୁଆନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୟୁଥ୍ ପାର୍ଲିଆମେଣ୍ଟର ବାଚସ୍ପତି ଦାୟିତ୍ୱ ଶିଖା ମେହେର ତୁଲାଇଥିବା ବେଳେ ଅମ୍ଳାନ ମେହେର ସେକ୍ରେଟାରୀ ଜେନେରାଲ ଦାୟିତ୍ୱ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ସାମାଜିକ, ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ପାର୍ଲିଆମେଣ୍ଟ ଭଳି ଶୂନ୍ୟକାଳ, ପ୍ରଶ୍ନ ସେସନ୍, କଲ ଆଟେନସନ୍ ମୋସନ ଆଗତ ହୋଇଥିଲା। ଲୋକସଭାର କାର୍ଯ୍ୟଶୈଳୀକୁ ଅନୁସରଣ କରି ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଅଧ୍ୟାପିକା ବସୁନ୍ଧରା ଦୀପ, ଶୁଭଶ୍ରୀ ଷଡ଼ଙ୍ଗୀ, ଝରଣା ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଖୁବ୍ ଶୀଘ୍ର କଲେଜରେ ପୂର୍ଣ୍ଣ କଳେବର ୟୁଥ୍ ପାର୍ଲିଆମେଣ୍ଟ ହେବ ବୋଲି କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥି ସୂଚନା ଦେଇଛନ୍ତି।



ଇମ୍ପେରିୟଲ କଲେଜରେ ୟୁଥ୍ ପାର୍ଲାମେଣ୍ଟ ।

# ପଞ୍ଚାୟତ ଅଫିସ ଆଗରେ ଗର୍ଜିଲା ବିଜେଡି



ଗୋବିନ୍ଦପୁର ପଞ୍ଚାୟତରେ ବିଜେଡ଼ି ବ୍ଲକ ସଭାପତି ଉଦ୍‌ବୋଧନ ଦେଉଛନ୍ତି ।

## କେନ୍ଦ୍ର ସରକାରଙ୍କ ଚାଷୀ ମାରଣନୀତିର ପ୍ରତିବାଦ

**ବରଗଡ଼ ଅଫିସ୍,୧୫।୨**

କେନ୍ଦ୍ରର ଭାଜପା ସରକାର ଚାଷୀ ତଥା ସାଧାରଣ ଜନତାଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରିଚାଲିଛନ୍ତି। କେନ୍ଦ୍ରୀୟ ବଜେଟ୍‌ରେ ପୂର୍ବାପେକ୍ଷା ବ୍ୟୟ ବରାଦ କମାଇ ଦେଇଥିବାବେଳେ ରାଜ୍ୟରୁ ଚାଉଳ ଉଠାଣକୁ ମଧ୍ୟ ୮୦ଭାଗ ହ୍ରାସ କରି ଦେଇଛନ୍ତି। ଅନ୍ୟପଟେ ରନ୍ଧନ ଗ୍ୟାସ, ତୈଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି କରିଛନ୍ତି। କେନ୍ଦ୍ରର ଏଭଳି ବୈମାତୃକ ମନୋଭାବ ପ୍ରତିବାଦରେ ବୁଧବାର ବରଗଡ଼ ଜିଲାର ବିଭିନ୍ନ ପଞ୍ଚାୟତ ଅଫିସ ଆଗରେ ବିଜେଡ଼ି ଆନ୍ଦୋଳନକୁ ଓହ୍ଲାଇଥିଲା ।

ଏହି କ୍ରମରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ଏବଂ ବରପାଲି ବ୍ଲକର ୩୪ ପଞ୍ଚାୟତରେ ବିଜେଡ଼ି ଆନ୍ଦୋଳନ କରିଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଆନ୍ଦୋଳନରେ ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା, ଜଗବନ୍ଧୁ କଲତା, ପଦ୍ମଲୋଚନ ପ୍ରଧାନ, ବେଲାଳସେନ ମେହେର, ଧର୍ମପଦ ଭୋଇ, କୁନୁ ଆଚାର୍ଯ୍ୟ, ବିରେନ ରଥ ପ୍ରମୁଖ ସାମିଲ ହୋଇଥିଲେ। ପଞ୍ଚାୟତ ଅଫିସ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡ଼ି ନେତୃବୃନ୍ଦ କେନ୍ଦ୍ରର ଭାଜପା ସରକାରକୁ ସମାଲୋଚନା କରିଥିଲେ।

Standard Bidding Document
**Government of Odisha**
**Forest, Environment & Climate Change Department,**
**Divisional Forest Officer, Athmallik (K.L) Division.**
NO.02 Dated. 15.02.2023

**SHORT TENDER NOTICE FOR HIRING OF PRIVATE VEHICLES**

No. MM-462:- Sealed tenders are invited from interested Individuals / Service Providers / Registered Travel Agencies for providing diesel run 01(one) Scorpio (Preferably S-10 or S-11 model or higher) and 9 (nine) Nos. of A.C. Diesel driven Bolero, which shall confirm to the Terms and conditions in Annexure-I for official use in the jurisdiction of the Divisional Forest Officer, Athmallik (K.L) Division on hiring basis for a period of 1 Year (1 No. Scorpio & 2 nos. Bolero) and 8 (eight) months (7 nos. Bolero) on monthly hire basis. The last date of submission of Tender is on Dt.27.02.2023 up to 12 PM. The tender papers are to be opened on Dt.27.02.2023 at 4.00 PM. in the office of the Divisional Forest Officer, Athmallik (KL) Division in presence of applicants.

The application form for tender containing General Bid information & terms and condition etc. for hiring of vehicles will also be available in the office of the undersigned on all working days.

Sd./- Divisional Forest Officer
Athmallik (KL) Division
OIPR-08155/11/0002/2223

## ତହସିଲ ଅଫିସରେ ଲୋକେ ତାଲା ପକାଇଲେ

**ଅମ୍ବାଭୋନା,୧୫।୨(ଡି.ଏନ.ଏ):** ବରଗଡ଼ ଜିଲା ଅମ୍ବାଭୋନା ତହସିଲ ଅଫିସରେ ବିଭିନ୍ନ କାଗଜାତ୍ ପ୍ରସ୍ତୁତିରେ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ବୁଧବାର ତହସିଲ ଅଫିସରେ ତାଲା ପକାଇ ଦେଇଥିଲେ। ଫଳରେ ପ୍ରାୟ ଦେଢ଼ଘଣ୍ଟା ଧରି ତହସିଲ ଅଫିସ ଅଚଳ ହୋଇପଡ଼ିଥିଲା। ତହସିଲ ଅଫିସରେ କାର୍ଯ୍ୟରତ ମୁଖ୍ୟ କିରାଣୀ ମନୋରଞ୍ଜନ ପ୍ରଧାନ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ତାଲା ଖୋଲିଥିଲେ ଏବଂ ପୁଣି ତହସିଲ ଅଫିସ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଆଡ଼ଭୋକେଟ୍ ବିଦ୍ୟାଧର ବାରିକଙ୍କ ନେତୃତ୍ୱରେ ଲୋକେ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ରାବଣ ବରଣ

**ଭେଡେନ, ୧୫।୨ (ଡି.ଏନ.ଏ.):** ବରଗଡ ଜିଲା ଭେଡେନ ବ୍ଲକ ରୁଷୁଡା ପଞ୍ଚାୟତ ଜାମଟିକ୍ରାର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ମାର୍ଚ୍ଚ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ହେବାକୁ ଥିବା ନବରାତ୍ର ରାମଲୀଳା ନାଟକ ମଞ୍ଚସ୍ଥ ହେବ। ଏଥିପାଇଁ ଚିଚିଣ୍ଡା ଗ୍ରାମର ବରିଷ୍ଠ ମଞ୍ଚ କଳାକାର ଝସକେତନ ପଧାନଙ୍କୁ ରାବଣ ଭୂମିକାରେ ଅଭିନୟ କରିବା ପାଇଁ ବରଣ କରାଯାଇଛି। ମନ୍ଦିର କମିଟି ଆବାହକ ଜନ୍ମେଜୟ ରଥ, ଶର୍ମଣ ମହାପାତ୍ରଙ୍କ ନେତୃତ୍ୱରେ ଗୌରାଙ୍ଗ ପଧାନ, ସୁରେନ୍ଦ୍ର କର୍ମୀ, ନରେଶ ମହାକୁର, ରାମ ମେହେର, କୁଳମଣି ପଧାନ ପ୍ରମୁଖ ଚିଚିଣ୍ଡା ଗ୍ରାମକୁ ଯାଇ କଳାକାର ପଧାନଙ୍କୁ ବରଣ କରିଥିଲେ।

**Government of Odisha** No.O-1836:
**Office of the Superintending Engineer, Rural Works Division, Nabarangpur**
e-mail-eerwngp@rediffmail.com, Phone No.222023
Letter No.669 **e-Procurement Notice** Date:14.02.2023

Name of the Work: Building & Road Works
Total No. of Works: 04 (Four) Nos.
Approx. Estimated Cost: Rs.1.27 lakhs to Rs.48.08 lakhs.
Class of Contractor: "B", "C" & "D" Class of Contractor
Period of Completion: 15 (Fifteen) days, 6 (Six) Calendar Months.

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online- 10/2022-23 | 04 (Four) Nos. | 20.02.2023 at 10.00 AM | 26.02.2023 upto 03.00 PM | 27.02.2023 at 11.00 A.M. |

For details can be seen from the Government website www.tendersorissa.gov.in.

Sd./- Superintending Engineer, Rural Works Division, Nabarangpur
OIPR-25092/11/0012/2223

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E-mail Id:serwcbaripada@gmail.com, Ph.No.06792-261343/261344,Gangraj, Baripada
Office Order No.547/Dt.14.02.2023
**1st Corrigendum to National Competitive Bidding**
**e_Procurement Notice No.330/Road Work Dt.02.02.2023**

**No.O-1840:** Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender online for bidding | | | | Last date & time of seeking tender clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer, Rural Works Circle, Baripada | Road Online N.C.B. No.262 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 08.02.2023 at 11.00 AM | 21.02.2023 At 11.00 AM | 24.02.2023 upto 5.00 PM | 09.03.2023 upto 5.00 PM | 23.02.2023 upto 5.00 PM | 06.03.2023 upto 5.00 PM | 27.02.2023 upto 11.00 AM | 10.03.2023 upto 11.00 AM | Will be intimated later | Will be intimated later |

All other terms and conditions remain unchanged.

Sd./- Er.B.B. Dalabehera
Chief Construction Engineer, R.W.Circle, Baripada
OIPR-25181/11/0069/2223

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E-mail Id:serwcbaripada@gmail.com, Ph.No.06792-261343/261344,Gangraj, Baripada
**"e" Procurement Notice for Road Work**
No.O-1847: **Identification No.Online Tender-Road N.C.B. No.269 for 2022-23**
**Letter No.584/Date:15.02.2023**

1.Name of the Work: Improvement to existing RD Road in the District of Mayurbhanj for the year 2022-23. 2.Total No. of Work: 03 No. (Three). 3. Estimated Cost: Rs.354.39 Lakhs to 1240.68 Lakhs (approximately). 4.Eligible Class of Contractor: As per annexure. 5. Period of Completion: As per annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.269 | Dt.21.02.2023 at 11.00 A.M. | Dt.09.03.2023 upto 5.00 P.M. | Dt.06.03.2023 upto 5.00 P.M. | Dt.10.03.2023 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e_tender wesbite only.

OIPR-25130/11/0006/2223 Sd./- Chief Construction Engineer, R.W.Circle, Baripada

**GOVERNMENT OF ODISHA**
**STEEL & MINES DEPARTMENT**
**DIRECTORATE OF MINES & GEOLOGY, ODISHA**
**HOD BUILDING, UNIT-V, BHUBANESWAR-751001**

**TENDER CALL NOTICE**

No.G-36:- The Director of Mines & Geology, Odisha, HOD Building, Unit-V, Bhubaneswar-751001 invites **separate Sealed Tenders** on behalf of the Governor of Odisha, in two bid system (Technical Bid and Price Bid) from financially capable National and International agencies, fulfilling the eligibility criteria for taking up required quantity of G-3 level Drilling and allied Exploration work in Bandhabhuin Graphite Block, Dhenkanal district of Odisha over an area of 100 Ha (1.00 Sq km) during the year 2022-23, in conformity with the General Terms and Conditions as laid down in tender document.

The detail Tender Schedule, Term & Conditions, cost of the Tender Document, EMD etc. shall be available in the departmental Website **http://www.orissaminerals.gov.in**. There will be no manual sale of tender document. Interested bidders are requested to download the tender schedule from the website. The **last date of receipt of tenders** in the Directorate of Geology, Odisha, Bhubaneswar is **20.03.2023 up to 5.30 PM** which shall be opened on **21.03.2023 at 11.00 AM.**

A **Pre-bid Conference shall be held on 27th February 2023 at 11.00 AM** in the Conference Hall of the Directorate of Mines & Geology, Odisha located in HOD Building. All the prospective bidders / tenderers are requested to kindly attend the pre-bid Conference. All the prospective bidders / tenderers are requested to kindly submit their queries (with envelop bearing Tender No. and date on top and **marked "Queries for Pre-bid Conference" or by e-mail with subject "Queries for Pre-bid Conference of Bandhabhuin Graphite Prospect"** so as to reach the Directorate of Mines & Geology, Odisha latest by **23rd February 2023 / 4.30 P.M.** The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Commencement of Process | **16.02.2023/ 10.00 A.M.** |
| 2. | Date/ time of pre-bid conference | **27.02.2023/ 11.00 A.M.** |
| 3. | Last date/time for submission of tender | **20.03.2023/ 5.30 P.M.** |
| 4. | Date/time for opening of tender | **21.03.2023/ 11.00 A.M.** |

**E-mail address for raising the Queries:** dirmines_odisha@rediffmail.com / geology.ig@orissaminerals.gov.in

The Director shall answer the queries during the Pre-bid Conference.

Director of Mines & Geology, Odisha reserves the right to accept/reject all or a part of the Tenders without assigning any reason thereof.

**Sd./- DIRECTOR OF MINES & GEOLOGY, ODISHA**
OIPR-30028/11/0005/2223

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-4848 **TENDER ALERT**

**1)Tender Call Notice No.30/22-23:** Replacement of old MS pipe lines with new HDPE pipe lines along with supply of accessories for water supply at Hirakud colony Joda under EHT O&M Division, Joda.
**2)Tender Call Notice No. 31/22-23:** Construction of drainage system from transformer plinth area to oil smp pit, repairing of floors at control room, battery room & painting of wire mesh fencing of switchyard & gates at Grid S/S Dhenkikote under EHT O&M Division, Joda.
**3) Tender Call Notice No.55/22-23:** Painting of EHT towers of 132 kV Burla-Sambalpur S/C Line , 132kV Burla-Katapali ckt-I, 132kV Sambalpur-Shyam DRI S/C line, 132kV Sambalpur-Katapali S/C line and 132kV Burla-Lapanga DC line under EHT O&M Division, Burla under EHT O&M Circle , Burla.
**4)Tender Call Notice No.08/2022-23:** PCC work from 132kV switchyard fencing to existing concrete road of 220/132/33kV Grid S/S Duburi under EHT O&M Division, Jajpur Road.
**5)Tender Call Notice No.15/KHU/22-23:** Replacement of existing disc type insulator strings by long rod insulator at all tension points and road crossings of 220kV Nayagarh-Mendhasal CKT-2 and 220kV Bhanjanagr- Mendhasal CKT-1 DC line from Loc.No-231 to 299 under Jurisdiction of EHT O&M Sub-Division, Nayagarh under EHT O&M Division, Khurda.
**6)Tender Call Notice No.16/KHU/22-23:** Sinking of borewell (8Inch dia.), Provision of pumpset & accessories including laying of pipe at 220/33kV Grid S/S, Nayagarh under EHT O&M Division, Khurda.
**7) Tender Call Notice No.07/22-23:** Repairing and overhauling of 10KL oil filter machine (Make-Flower Westrup) at 400/220/132/33kV Grid Sub-Station, Mendhasal.
**8) Tender Call Notice No. 20/22-23:** Supply of 304 Grade Stainless steel Nut and Bolt with washers of different sizes required for Grid Sub-Stations under EHT O&M Division, Cuttack.
**9)Tender Call Notice No. 21/22-23:** Arresting of Oil Leakage of Transformers of different Grid Sub-Station under EHT O&M division, Cuttack.
**10)Tender Call Notice No.LPNG/06/22-23:** Procurement and supply of clamp and connectors for 400/220132/33kV GSS, Lapanga under EHT O&M Division, Lapanga.
**11)Tender Call Notice No.BRL-58/2022-23: (i)** Procurement of 120W LED Flood light and 90W LED Street light for Katapali Grid Sub-Station **(ii)** Procurement of 120W LED Flood light & 36W 2'x2' LED ceiling light for Rairakhol Grid Sub-Station under EHT O&M Division, Burla under EHT O&M Circle, Burla.
**12) Tender Call Notice No.12/2022-23:** Construction of 02 number to buffer wall (Fire wall) in between 40MVA power transformer No.I &132kV KIOSK and 132KV KISOK & 40MVA power transformer No.II at 132/33kV Grid S/S, Aska under EHT O&M Division, Bhanjanagar.
**13) Tender Call Notice No.04/22-23:** Procurement of 140 numbers of electrical insulating mat (size: Length-2Mtr., Width-1Mtr., Thickness-3mm) for all Grid Sub-Stations under EHT O&M Division, Jharsuguda.

For more details please visit OPTCL's website **www.optcl.co.in** OIPR-04011/11/0178/2223 FIPR-75/2022-23

# ଟାଟା ପ୍ରକଳ୍ପ ପାଚେରି କାମକୁ ବିରୋଧ, ୧୫ କୋର୍ଟଚାଲାଣ

## ପୋଲିସର ମାତ୍ରାଧିକ ମାଡ଼ ଅଭିଯୋଗ

ଛତ୍ରପୁର,୧୫।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ କାଳିପଲ୍ଲୀ ନିକଟରେ ଟାଟା ଏସ୍‌ଇଜେଡ୍‌ରେ ସ୍ମାର୍ଟକେମ୍ ଟେକ୍ନୋଲୋଜିପକ୍ଷରୁ ଆମୋନିୟମ ନାଇଟ୍ରେଟ କମ୍ପାନୀ ପ୍ରତିଷ୍ଠା ଲାଗି ମଙ୍ଗଳବାରଠାରୁ ପାଚେରି କାମ ଆରମ୍ଭ ହୋଇଛି। ଏହି ସାର ପ୍ରକଳ୍ପକୁ ଆରମ୍ଭରୁ କାଳିପଲ୍ଲୀ ଗ୍ରାମବାସୀ ବିରୋଧ କରି ଆସୁଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇ କାମ ଚାଲିଛି। ବୁଧବାର କାଳିପଲ୍ଲୀ ଗ୍ରାମବାସୀ କାମ ବନ୍ଦ କରିବାକୁ ଆସିଥିବା ବେଳେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ୨୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ପୋଲିସ ଚମାଖଣ୍ଡି ଥାନାକୁ ଉଠାଇ ନେଇଥିଲା। ପରେ ସେମାନଙ୍କୁ ଛତ୍ରପୁର ଥାନାକୁ ଅଣାଯାଇଥିଲା। ସନ୍ଧ୍ୟାରେ ଅଟକଙ୍କ ମଧ୍ୟରୁ ୮ ମହିଳା ଓ ୭ ପୁରୁଷ ମୋଟ ୧୫ ଜଣଙ୍କୁ ପୋଲିସ ଗିରଫ କରି ଛତ୍ରପୁର କୋର୍ଟ ଚାଲାଣ କରିଛି। ଚମାଖଣ୍ଡି ଥାନା ପକ୍ଷରୁ ନଂ.୪୮/୨୩ରେ ମାମଲା ରୁଜୁ



ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଉଛି।

କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଥାନାକୁ ନେଇଥିବା ଲୋକମାନଙ୍କୁ ଛାଡିବା ଦାବି ନେଇ ଗାଁର ଅନ୍ୟମାନେ କମ୍ପାନୀ ନିର୍ମାଣ ସ୍ଥଳରେ ଧାରଣାରେ ବସିଛନ୍ତି। ଏକ ପ୍ରତିନିଧିଦଳ ଛତ୍ରପୁର ଆସି ଗଞ୍ଜାମ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ବିନା ସର୍ଭେରେ ଡିନୋଟିଫିକେସନ ନେଇ ପାଚେରି ନିର୍ମାଣ କାର୍ଯ୍ୟ ବେଆଇନ ବୋଲି କାଳିପଲ୍ଲୀ ଗ୍ରାମ କମିଟି କହିଛି।

ଗ୍ରାମ ନିକଟରେ ସାର କମ୍ପାନୀ ନିର୍ମାଣକୁ ଗତ ଜୁନ ମାସରୁ କାଳିପଲ୍ଲୀ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ଏହାମଧ୍ୟରେ ପୋଲିସ ପ୍ରଶାସନ ସହାୟତାରେ ଟାଟା ପ୍ରକଳ୍ପ ପାଚେରି କାମ ଆରମ୍ଭ କରିବା ନେଇ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ବିନା ସର୍ଭେରେ ପ୍ରକଳ୍ପ ପାଇଁ ପାଚେରି ନିର୍ମାଣ ଓ ବିଷାକ୍ତ ସାର କାରଖାନା ପ୍ରତିଷ୍ଠାକୁ ବିରୋଧ ଜାରି ରହିବ ବୋଲି ଗାଁ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ସବୁ ନିୟମ ଅନୁସାରେ ଚାଲିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଟାଟା ପ୍ରକଳ୍ପ ପାଚେରି ନିର୍ମାଣ ସ୍ଥଳରେ ଗଞ୍ଜାମ ପୋଲିସ ଜିଲ୍ଲାର ୨ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସପି, ୧୮ ଜଣ ଇନ୍ସପେକ୍ଟର, ୫୦ରୁ ଊର୍ଦ୍ଧ୍ୱ ଏସ୍‌ଆଇ, ଏସଆଇଙ୍କ ସମେତ ୨୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ ୪ଜଣ ମାଜିଷ୍ଟ୍ରେଟ ମଧ୍ୟ ଉପସ୍ଥିତ ଥିଲେ।

# ରାସ୍ତାକୁ ଓହ୍ଲାଇଲେ ସାମ୍ବାଦିକ




ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟର ସାମ୍ବାଦିକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ଉଦାସୀନତା ନେଇ ରାଜଧାନୀରେ ସାମ୍ବାଦିକମାନେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ବୁଧବାର ଉତ୍କଳ ସାମ୍ବାଦିକ ସଂଘର ୭୯ତମ ପ୍ରତିଷ୍ଠା ଦିବସ ଅବସରରେ ସାରା ରାଜ୍ୟରୁ ଆସିଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଯାଇ ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିଜ ଦାବି ରଖିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ଭତ୍ତା ପ୍ରଦାନ, ସମସ୍ତ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡେମି ଗଠନ ନେଇ ବିଭିନ୍ନ ସମୟରେ ହୋଇ ଆସୁଥିବା ଦାବିଗୁଡ଼ିକ ହାସଲ ଦିଗରେ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଖାରବେଳନଗରସ୍ଥିତ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ ଦାବିଗୁଡ଼ିକୁ ସମର୍ଥନ କରିବା ସହ ସ୍ୱାସ୍ଥ୍ୟବୀମା ରାଶି ୨ରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସାମ୍ବାଦିକମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ ଆଦି ଦାବି ଯୁକ୍ତିଯୁକ୍ତ ବୋଲି ଦର୍ଶାଇଥିଲେ। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ସାମାଜିକ ପରିବର୍ତ୍ତନ ପାଇଁ ସାମ୍ବାଦିକଙ୍କ ମଧ୍ୟରେ ଆହ୍ୱାନ ସୃଷ୍ଟି ହେବାର ସମୟ ଆସିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଯୋଗ ଦେଇଥିଲେ।

### ଉତ୍କଳ ସାମ୍ବାଦିକ ସଂଘର ୭୯ତମ ପ୍ରତିଷ୍ଠା ଉତ୍ସବ

**'ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ଭତ୍ତା ପ୍ରଦାନ, ସମସ୍ତ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡେମି ଗଠନ କରାଯାଉ'**

ସଂଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ କୁମାର ପଟ୍ଟନାୟକ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଶ୍ରୀକାନ୍ତ ଖଟେଇ, ସହ ଅଧ୍ୟକ୍ଷ ରବିନାରାୟଣ ଖିଲାର, ଉପସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ ଏବଂ ଅନ୍ୟ ବରିଷ୍ଠ ସଦସ୍ୟ ସଂଘର ଆଭିମୁଖ୍ୟ ଓ ସଂଗଠନର ଦୃଢ଼ତା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ସଂଘ ସଭାପତି ଓ ସଦସ୍ୟଙ୍କ ସମେତ ଭୁବନେଶ୍ୱର ସାମ୍ବାଦିକ ସଂଘ ସଭାପତି ପ୍ରତାପ ପ୍ରଧାନ, ଗଗନ ସ୍ୱାଇଁ, ନବୀନ କୁମାର ଦାସ, ରାଜୀବ ଗୌରବ, ଲିଙ୍ଗରାଜ ସାହୁ, ମାମାଲି ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ୪୪ କେ.ଜି. ଗଞ୍ଜେଇ ଜବତ



ଢେଙ୍କାନାଳ ଅଫିସ, ୧୫।୨

ଢେଙ୍କାନାଳ ସଦର ଥାନା ତାମଣ୍ଡା ଗ୍ରାମସ୍ଥିତ ଏକ ଫାର୍ମ ହାଉସରୁ ବୁଧବାର ଭୋର ସମୟରେ ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରି ୪୪ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କାଣ୍ଡବିନ୍ଧା ଗ୍ରାମର ଅଶୋକ ରାଉତ (୩୯)ଙ୍କୁ ଗିରଫ କରାଯାଇଛି। ଫାର୍ମ ହାଉସ୍‌ରେ ଗଞ୍ଜେଇ ମହଜୁଦ୍ ଥିବା ଗୋଇନ୍ଦା ସୂଚନା ପାଇ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ, ଜିଲାପାଳ ସରୋଜ ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ସଦଳବଳ ଚଢ଼ାଉ କରିଥିଲେ। ଗୋଟିଏ ବ୍ୟାଗ୍‌ରୁ ୨୪ କେଜି ଅନ୍ୟ ଗୋଟିଏ ବ୍ୟାଗରୁ ୨୦ କେଜି ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢ଼ାଉରେ ଉପ ଆରକ୍ଷୀ ଅଧିକ୍ଷକ ସୀତାରାଣୀ ପଟ୍ଟନାୟକ, ଇନ୍ସପେକ୍ଟର ସତିକା ବେସନ, ଏସ୍‌ଆଇ ଦୀପ୍ ଡି. ବିଶ୍ୱାଳ, ଲକ୍ଷ୍ମୀ ସାଧବ ପ୍ରଧାନ, ଏଏସ୍‌ଆଇ ଛଗକାନ୍ତ ନାୟକ, ସମୀର ମଲ୍ଲିକ, ଜ୍ୟୋତିରଞ୍ଜନ ସେନାପତି ପ୍ରମୁଖ ସାମିଲ ହୋଇଥିଲେ।

# ୨୪.୫ କେଜି ଗଞ୍ଜେଇ ଜବତ, ୩ ବେପାରୀ ଗିରଫ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଖୋର୍ଦ୍ଧାରୁ କଟକ ଗଞ୍ଜେଇ ଚୋରାଚାଲାଣ ହେଉଥିବାବେଳେ ଅଧାବାଟରୁ ଭଣ୍ଡୁର କରିଦେଇଛି ଭରତପୁର ଥାନା ପୋଲିସ। ଗଞ୍ଜେଇ ଭର୍ତ୍ତି କାରକୁ ଜବତ କରିବା ସହ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସଂପୃକ୍ତ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର ଦିଲୀପ ଲେଙ୍କା, ବିଶ୍ୱଭୂଷଣ ନାୟକ ଓ କନ୍ଧମାଳର ପ୍ରକାଶ ଗାଣ୍ଡା। ସେମାନଙ୍କଠାରୁ ସାଢେ ୨୪ କେଜି ଗଞ୍ଜେଇ, ୫୦୦ ଟଙ୍କା, ୨ ଆଧାର କାର୍ଡ , ୩ ଲାଇସେନ୍ସ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଅନୁଗୋଳ ଅଫିସ, ୧୫।୨

ଅନୁଗୋଳ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରୁଥିବା ସ୍ପେଶାଲ କୋର୍ଟ ଜଜ୍ ପ୍ରେମ ରାଜ ବହିଦାର ତାଙ୍କ ରାୟରେ ଅଭିଯୁକ୍ତ ଗଜେନ୍ଦ୍ର ବେହେରାଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ବଞ୍ଚାଇବା ପାଇଁ ଗଣ୍ଡଗୋଳ କରିଥିବା ଅଭିଯୋଗରେ ଗଜେନ୍ଦ୍ରଙ୍କ ଭାଇ ଭଜମନ ବେହେରାଙ୍କୁ ୧ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୧୯ ଜାନୁୟାରୀ ୧ରେ କିଶୋରନଗର ଥାନା ଅଞ୍ଚଳର ଗଜେନ୍ଦ୍ର ବେହେରା ଜଣେ ନାବାଳିକାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଗାଁ କମିଟିକୁ ଅବଗତ କରିଥିଲେ। ତେବେ ଗାଁ ବୈଠକ ଚାଲିଥିବା ସମୟରେ ଅଭିଯୁକ୍ତ ଗଜେନ୍ଦ୍ର ଓ ତାଙ୍କ ଭାଇ ଭଜମନ ଗାଳିଗୁଲଜ ସହ ମାରପିଟ କରିଥିଲେ। ଅଭିଯୋଗ ପାଇ କିଶୋରନଗର ପୋଲିସ ନଂ. ୪/୧୯ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ୍ ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
OFFICE OF THE GENERAL MANAGER (MECH.), ERECTION AND MAINTENANCE
Central Workshop, Rasulgarh, Bhubaneswar - 751010 (Odisha)
Tel.: 0674-2580896, E-mail: gmerectionocc@gmail.com (GSTIN - 21AAACO2571K2ZM)
No. CAD-4837 "e" - Tender Notice No. 48/OCCL/2022-23 (Online)
Type of Work : Erection, Commissioning, Testing of 06 (Six) sets of Barrage Bay vertical fixed wheel gates of size 8000mm × 2800mm with 2nd Stage Embedded Parts & 14 T hoists and 02 (two) sets of Under sluice vertical fixed wheel gates of size 8000mm × 3300mm with 2nd Stage Embedded Parts & 14 T hoists, hoist supporting structures, Trestles, stoplogs, monorail supporting structure & walkway for operation of Monorail, Painting & 2nd stage concerting of Saptamatruka Barrage (Right Arm) as per approved drawings pertaining to Saptamatruka Barrage project and direction of the Engineer-in-Charge.
Total No. of work : 01 (One)
Period of Completion : 150 (One hundred fifty) days

| Tendering Officer | Bid Identification No. | Cost of Tender document (Including GST) through Online transfer system | Availability of Tender (Online) | Submission of Bid (Online) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Wrokshop, Rasulgarh, Bhubaneswar | OCCL-G.M./ E&M/10/2022-23 | Rs.11,800/- (Non-refundable) | 15.02.2023, 10.00 A.M. to 01.03.2023, 5.00 P.M. | 15.02.2023, 10.00 A.M. to 01.03.2023, 5.00 P.M. |

Date of Opening of the Technical Bid : 02.03.2023 at 11.30 A.M.
Further details can be seen from the Govt. website (www.tendersodisha.gov.in).
Amendment/Corrigendum/Cancellation, if any shall be posted Online only.
Sd./- General Manager (Mech.), Erection and Maintenance, OCC Ltd., Bhubaneswar
OIPR-34163/11/0024/2223

## ନିର୍ମାଣ ହେବ ୧୦୫...

ପ୍ରଥମ ପୃଷ୍ଠାରୁ...

ଯାଞ୍ଚ କରିବାକୁ ଆସନ୍ତା ଅକ୍ଟୋବର ସୁଦ୍ଧା ଜିପିଏସ୍/ ଜିପିଆର୍‌ଏସ୍ ପଦ୍ଧତି କାର୍ଯ୍ୟକାରୀ କରାଯିବ। ସଡ଼କ ସୁରକ୍ଷା ପାଇଁ ପ୍ରତ୍ୟେକ ମଙ୍ଗଳବାରକୁ ଶୂନ ସହନଶୀଳତା ଦିବସ ଭାବେ ରାଜ୍ୟରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ପଡ଼ିରହିଥିବା ଅସ୍ତରଙ୍ଗ ଓ ସୁବର୍ଣ୍ଣରେଖା ବନ୍ଦର ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ସୁବର୍ଣ୍ଣରେଖା ବନ୍ଦରର ମାଲ ପରିବହନ କ୍ଷମତା ୨୫ରୁ ୫୫ ଏମ୍‌ଏମ୍‌ଟିପିଏ ହୋଇଥିବା ବେଳେ ଅସ୍ତରଙ୍ଗ ବନ୍ଦରର କ୍ଷମତା ୧୭ରୁ ୭୧ ଏମ୍‌ଏମ୍‌ଟିପିଏ ଏବଂ ମହାନଦୀରେ ନିର୍ମାଣ ହେଉଥିବା ନଦୀଭିତ୍ତିକ ବନ୍ଦର କ୍ଷମତା ୪୫ ଏମ୍‌ଏମ୍‌ଟିପିଏ ରହିବ। ବିମାନ ଉଡ଼ାଣ ତାଲିମକୁ ତ୍ୱରାନ୍ୱିତ କରିବାକୁ ଢେଙ୍କାନାଳର ବିରାସାଳସ୍ଥିତ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀରୁ ପ୍ରତିବର୍ଷ ୫୦୦ ପାଇଲଟ ପ୍ରସ୍ତୁତ କରାଯିବ। ଏହାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲୁ ରହିଛି ବୋଲି ସଚିବ କହିଛନ୍ତି।

ନୂତନ ଓଡ଼ିଶା-ସଶକ୍ତ ଓଡ଼ିଶାର ସଫଳ ରୂପାୟନ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶାର ସମସ୍ତ ଗ୍ରାମପଞ୍ଚାୟତକୁ ଯାତ୍ରୀବାହୀ ବସ୍‌ସେବା ପ୍ରଚଳନ କରିବାକୁ ଯୋଜନା ଥିବାବେଳେ ସମସ୍ତ ଜିଲାକୁ ରେଳ ସଂଯୋଗ ଏବଂ ସେବା ଯୋଗାଣରେ ସ୍ୱଚ୍ଛତା ଓ ସୁବିଧା ରକ୍ଷା ପାଇଁ ନାଗରିକ ସୁବିଧାଯୋଗ୍ୟ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଉଛି। ଉପକୂଳ ଓଡ଼ିଶାରେ ବନ୍ଦର ଭିତ୍ତିଭୂମିର ବିକାଶ କରି ଓଡ଼ିଶାକୁ ଏକ ଶକ୍ତିଶାଳୀ ସମୁଦ୍ରତଟ ରାଜ୍ୟରେ ରୂପାନ୍ତର କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।। ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁକୁ ହ୍ରାସକରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ପରାମର୍ଶ କରି କାର୍ଯ୍ୟାବଳୀ ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସଚିବ ରାଜ୍ୟର ବିଭିନ୍ନ ପରିବହନ କ୍ଷେତ୍ର ଯଥା- ସଡ଼କ, ରେଳ, ଆଭ୍ୟନ୍ତର ଜଳ ପରିବହନ ଓ ବେସାମରିକ ବିମାନ ଚଳାଚଳଗୁଡ଼ିକର ଉନ୍ନତି ପାଇଁ ଏକ ଯୋଜନା ଉପସ୍ଥାପନ କରିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ବାଣିଜ୍ୟ ଓ ପରିବହନ ବିଭାଗର ବଜେଟ ୮୭୦ କୋଟି ଟଙ୍କା ଥିଲା। ୨୦୨୨-୨୩ରେ ୬୧% ବୃଦ୍ଧି ହୋଇ ୧୪୩୨ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅଭିବୃଦ୍ଧି ବଜେଟ ଦ୍ୱାରା ବିଭାଗ ଭିତ୍ତିଭୂମିକୁ ସ୍ଥିତିସ୍ଥାପକ ଓ ଉନ୍ନତମାନର କରିବାକୁ ଲକ୍ଷ୍ୟ ରଖିଛି। ଯଦ୍ଦ୍ୱାରା ଜନସାଧାରଣ ସୁଚାରୁରୂପେ ଏବଂ ନିର୍ବିଘ୍ନରେ ଚଳାଚଳ କରିପାରିବେ। ସୁନ୍ଦରଗଡ଼ ଜିଲାପାଳ ଗାଭାଲି ପି ହର୍ଶଦ ଏବଂ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସେମାନଙ୍କ ଜିଲାର ଆକାଂକ୍ଷୀ ବିଷୟ ବୈଠକରେ ଉପସ୍ଥାପନ କରିଥିଲେ।

## ୩୦ ନିର୍ବାଚନକୁ...

ଆପଣାଇଥିବା ଉପାୟ ଓ କୌଶଳଗୁଡ଼ିକ ବୃହତ୍ ଟେକ୍ ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପ୍ଲାଟ୍‌ଫର୍ମଗୁଡ଼ିକ ମିଥ୍ୟା ପ୍ରଚାର ବା ସୁରକ୍ଷା ଉଲ୍ଲଂଘନ ଏଡ଼ାଇବାପାଇଁ ଉଦ୍ୟମ ଜାରିରଖିଥିବାବେଳେ ଅନେକ ବର୍ଷଧରି କୁଚକ୍ରୀଗୋଷ୍ଠୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏଥିଲାଗି ସାରା ବିଶ୍ୱର ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଅଧିକ ସତର୍କ ହେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଇସ୍ରାଏଲୀ ସ୍ପେଶାଲ ଫୋର୍ସରେ କାର୍ଯ୍ୟରତ ତାଲ୍ ହନାନ୍ ନାମକ ଜଣେ ୫୦ ବର୍ଷୀୟ ଅପରେଟିଭ୍ ଏହି ୟୁନିଟ୍‌କୁ ଚଳାଉଛନ୍ତି। ଏଥିରେ ସେ ନିଜକୁ 'ଜର୍ଜ' (ଛଦ୍ମନାମ) ଭାବେ ପରିଚୟ ଦେଉଛନ୍ତି। ଦୀର୍ଘ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନେକ ଦେଶର ନିର୍ବାଚନ ବେଳେ ସେ କାର୍ଯ୍ୟ କରିଆସିଥିବା ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ ହନାନ୍ ଓ ତାଙ୍କ ୟୁନିଟ୍ ନିଜ ପାଇଁ ଗୁପ୍ତନାମ 'ଟିମ୍ ଜର୍ଜ' ବ୍ୟବହାର କରିଥାଆନ୍ତି। ତେବେ ହନାନ୍ କୌଣସି ଭୁଲ୍ କାର୍ଯ୍ୟରେ ନିୟୋଜିତ ଥିବା ବିଷୟକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଆଫ୍ରିକାର ଏକ ନିର୍ବାଚନରେ ତାଙ୍କ ସଂସ୍ଥା ଜଡ଼ିତ ଅଛି। ଗ୍ରୀସ୍ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ମଧ୍ୟ ତାଙ୍କ ଟିମ୍ ନିୟୋଜିତ। ଟିମ୍ ସଦସ୍ୟମାନେ ୩୩ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେଥିରୁ ୨୭ଟିରେ ସଫଳତା ମିଳିଛି। ଏହାର ଦୁଇ-ତୃତୀୟାଂଶ ନିର୍ବାଚନୀ ପ୍ରଚାର କେବଳ ଆଫ୍ରିକାରେ କରାଯାଇଥିବା ଜର୍ଜ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରର ଖବରଦାତାମାନଙ୍କ ଏକ ଗୋଷ୍ଠୀ ନିଜକୁ କ୍ଲାଏଣ୍ଟ ପରିଚୟ ଦେଇ ତାଙ୍କ ସହ ଯୋଗସୂତ୍ର ସ୍ଥାପନ କରିବା ପରେ ଏହା ଉପରୁ ପରଦା ହଟାଇଛି। ଗୋଇନ୍ଦା ସଂସ୍ଥା, ରାଜନୈତିକ କ୍ୟାମ୍ପେନ୍ ଓ ଘରୋଇ କମ୍ପାନୀଗୁଡ଼ିକରେ ଉପଲବ୍ଧ ଡେଟା ଜରିଆରେ ଜନମତ ପ୍ରଭାବିତ କରିବା ପାଇଁ ଚାଲିଥିବା ଅଭିଯାନକୁ 'ବ୍ଲାକ୍ ଅପରେଶନ୍ସ' ଭାବେ ଅଭିହିତ କରାଯାଇଛି। ଆଫ୍ରିକା, ଦକ୍ଷିଣ ଓ କେନ୍ଦ୍ରୀୟ ଆମେରିକା, ଆମେରିକା ଏବଂ ୟୁରୋପରେ ଏହାକୁ ବ୍ୟବହାର କରାଯାଇଥିବା ଜର୍ଜ କହିଛନ୍ତି। ତାଙ୍କ ଟିମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ସେବା ହେଉଛି ସଫ୍ଟୱେର ପ୍ୟାକେଜ୍, ଆଡ୍‌ଭାନ୍ସଡ୍ ମିଡିଆ ସୋଲ୍ୟୁଶନ୍ସ। ଟୁଇଟର୍, ଲିଙ୍କେଡ୍‌ଇନ୍, ଟେଲିଗ୍ରାମ୍, ଜିମେଲ୍, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ଏହି ଟିମ୍‌ର ଅନେକ ହଜାର ଫେକ୍ ସୋସିଆଲ ମିଡିଆ ପ୍ରୋଫାଇଲ ରହିଛି। ଫ୍ରାନ୍ସର ଲେ ମୋଣ୍ଡେ, ଜର୍ମାନୀର ଡେର୍ ସ୍ପିଏଜେଲ୍ ଏବଂ ସ୍ପେନ୍‌ର ଏଲ୍ ପେସ୍ ସମେତ ୩୦ଟି ମିଡିଆ ହାଉସ୍‌ର ସାମ୍ବାଦିକମାନେ ଏହି ପ୍ରଘଟ କରିଛନ୍ତି। ଫ୍ରାନ୍ସର 'ଫରବିଡେନ୍ ଷ୍ଟୋରିଜ୍' ନାମକ ଏକ ଅଣଲାଭକାରୀ ସଂସ୍ଥା ନିର୍ଦ୍ଦେଶକ୍ରମେ ସେମାନେ ଅନୁସନ୍ଧାନ ଚଳାଇଥିଲେ।

ପ୍ରକାଶ ଯେ, ଏହା ପୂର୍ବରୁ ବ୍ରିଟେନ୍‌ର କନ୍‌ସଲ୍ଟିଂ ଫାର୍ମ କେମ୍ବ୍ରିଜ୍ ଆନାଲିଟିକା ଏକ ସଫ୍ଟୱେର ବିକଶିତ କରିଥିଲା। ଉକ୍ତ ସଫ୍ଟୱେରକୁ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ବେଳେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସପକ୍ଷରେ ଜନମତ ସୃଷ୍ଟି ପାଇଁ ଲଗାଯାଇଥିଲା। ପାଶ୍ଚାତ୍ୟର ନିର୍ବାଚନଗୁଡ଼ିକରେ ହସ୍ତକ୍ଷେପ କରିବା ଲାଗି ରୁଷିଆର ୱାଗ୍‌ନର ଗ୍ରୁପ୍ ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ଏକ କୁଖ୍ୟାତ ଟ୍ରୋଲ୍ ଫାର୍ମ ପ୍ରତିଷ୍ଠା କରିଥିବା ନେଇ ମଙ୍ଗଳବାର ସ୍ୱୀକାର କରିଥିଲେ। ୨୦୨୧ରେ ଫରବିଡେନ୍ ଷ୍ଟୋରିଜ୍ ନେତୃତ୍ୱରେ ଏକ ଚାଞ୍ଚଲ୍ୟକର ପ୍ରଘଟ ହୋଇଥିଲା। ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ଟେକ୍ନୋଲୋଜିଜ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ ବିଶ୍ୱର ୫୦,୦୦୦ ବ୍ୟକ୍ତିଙ୍କ ବିରୋଧରେ ଗୁପ୍ତଚରଗିରି ପାଇଁ ବ୍ୟବହାର କରାଯାଇଥିବା ଜଣାପଡ଼ିଥିଲା।

## ଜାଲରେ ପଡ଼ିଲା...

ବଙ୍ଗଳାରେ ଏହି ମାଛକୁ ଦରିଆଭେକଟି ବା ଭଲା କଉ, ଇଂଲିଶରେ ରିକୋଟ ମାଛ ବୋଲି କହିଥାନ୍ତି। ବିଶାଳକାୟ ଏହି ମାଛକୁ ଦେଖିବା ପାଇଁ ଲୋକଙ୍କ ଭିଡ ହୋଇଥିଲା। ସୂଚନା ଅନୁଯାୟୀ ଦୀଘା ମୁହାଣରେ ବିଭିନ୍ନ ବିରଳ ପ୍ରଜାତିର ମାଛ ଗଭୀର ସମୁଦ୍ରରେ ଧରାଯାଇ ମାର୍କେଟକୁ ବିକ୍ରି ପାଇଁ ଆସୁଥିବା ବେଳେ ୨୮।୭।୨୦୨୧ରେ ଏହିଭଳି ସାମୁଦ୍ରିକ କଉ ମାଛ ପାରାଦୀପରୁ ଧରାଯାଇ ଦୀଘା ଆନ୍ତର୍ଜାତିକ ମାଛ ମାର୍କେଟରେ ୩୫ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ମତ୍ସଜୀବୀମାନେ ସୂଚନା ଦେଇଥିଲେ।

## ତହସିଲରୁ ହଟିବେ...

ସତ୍ୟବ୍ରତ ସାହୁଙ୍କ ସମେତ କଟକ, ଖୋର୍ଦ୍ଧା ଓ ବୌଦ୍ଧ ଜିଲାପାଳ ଆଲୋଚନାରେ ଭାଗନେଇ ରାଜସ୍ୱ ବିଭାଗର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ୨୦୨୨ରେ ପ୍ରାୟ ୨ ଲକ୍ଷ ଜମିପଟ୍ଟା ସଂଶୋଧନ କରାଯାଇ ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ରାଜସ୍ୱ ରଥ ଦ୍ୱାରା ହିତାଧିକାରୀଙ୍କ ନିକଟକୁ ପଠାଯାଇଛି। ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମରେ ଭାରତର ୭୫ ଜିଲା ମଧ୍ୟରୁ ଓଡ଼ିଶାର ୨୦ ଜିଲା ୬ଟି ମାନଦଣ୍ଡରେ ୯୯ ପ୍ରତିଶତରୁ ଅଧିକ ଲକ୍ଷ୍ୟ ହାସଲ କରିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ କେନ୍ଦ୍ର ସରକାର ପ୍ଲାଟିନମ୍ ପୁରସ୍କାର ପ୍ରଦାନ କରିବେ। ନିକଟରେ ୮୦ଟି ତହସିଲରେ ଭର୍ଚୁଆଲ୍ କୋର୍ଟ ଆରମ୍ଭ ହୋଇଛି। ଭର୍ଚୁଆଲ୍ ପ୍ଲାଟ୍‌ଫର୍ମ ଜରିଆରେ ଶୁଣାଣି ପରେ ପ୍ରାୟ ୩,୦୦୦ ମାମଲାର ଫଇସଲା କରାଯାଇଛି। ତ୍ୱରିତ ଓ ନିର୍ଭୁଲ ଜମି ରେକର୍ଡ ସେବା ପାଇଁ ହାଇଟେକ୍ ସର୍ଭେକୁ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଉଛି। ଦେବଗଡ଼ ଜିଲାରେ ହାଇଟେକ୍ ସର୍ଭେ ଶେଷ ହୋଇଥିବାବେଳେ ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ଚାଲୁ ରହିଛି। ଦକ୍ଷ ମାନବସମ୍ବଳ ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ବିଭାଗ ମାଧ୍ୟମରେ ଅଧିକ ଲାଇସେନ୍ସପ୍ରାପ୍ତ ସର୍ଭେୟର ସୃଷ୍ଟି କରିବାକୁ ବିଭାଗ ପ୍ରଚେଷ୍ଟା କରୁଛି। ଆତ୍ମଘୋଷଣା ଆଧାରରେ ବିବିଧ ଓ ଜାତିଗତ ପ୍ରମାଣପତ୍ର ନିଃଶୁଳ୍କ ପ୍ରଦାନ କରିବାକୁ ବିଭାଗ ପଦକ୍ଷେପ ନେଇଛି। ବସୁନ୍ଧରା ଯୋଜନା ମାଧ୍ୟମରେ ପ୍ରାୟ ୬,୫୦,୦୦୦ ପରିବାରଙ୍କୁ ବାସୋପଯୋଗୀ ଜମି ମଞ୍ଜୁର କରାଯାଇଥିବା ବେଳେ ୪,୫୦,୦୦୦ ପରିବାରକୁ ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

OFFICE OF THE SUPERINTENDING ENGINEER
MINOR IRRIGATION DIVISION, GANJAM-II, BERHAMPUR
E-mail: mi2_exe.engr@yahoo.co.in
Ph.No. 0680-2290475
GOVERNMENT OF ODISHA
e-PROCUREMENT NOTICE
CORRIGENDUM _ GMID-II/05/2022-23.
LtrNo 535 Date 13.02.2023
No.A-1160: Due to Administrative Issue the works from Sl no 02 to 09 (8 No of work) vide bid id No GMID-II/05/2022-23 letter no 486 dated 07.02.2023 is here by cancelled
All other terms and conditions remain unchanged.
Sd./-Superintending Engineer
M.I.Division, Ganjam-II, Berhampur
OIPR-32043/11/0009/2223

OFFICE OF THE BALASORE MUNICIPALITY, BALASORE
No. 1216 Date: 13.02.2023
E-Procurement Notice
BID Identification No. BM_10_2022_23
No. C-2451: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.
1. Name of the work : Civil Const. works as mentioned in DTCN
2. No. of Works : 48 Nos.
3. Estimated Cost : As per Work List
4. Period of Completion : As per DTCN
5. Date and time of Bidding : 16.02.2023 to 27.02.2023
6. Last date and time for receipt : 27.02.2023 upto 5.00 P.M.
7. Bids received online shall be opened on : 28.02.2023 from 11.00 A.M. onwards
8. Name and address of the Officer Inviting Bid : Executive Officer, Balasore Municipality
Further details can be seen from the e-procurement portal i.e. https://tendersodisha.gov.in/nicgep/app.
Sd./- Executive Officer, Balasore Municipality
OIPR-13154/11/0043/2223

GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WORKS : BHUBANESWAR
CORRIGENDUM
Notice inviting Expression of Interest for engagement of individuals as "State Quality Monitor". ID No: EOI-18/SQC Dt.09.01.2023.
No.O-1831: Reference to subject "Expression of Interest for engagement of individuals as SQM" vide ID No. EOI-18/SQC dt. 09.01.2023. Last date of submission of application extended from 15th February 2023 to 15th March 2023. All other terms and condition shall remain unchanged. Further the eligible officers who are retiring from the service on dt. 31.03.2023 they can also apply for engagement as SQM in this organization.
Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: sqc.odisha@yahoo.in, Mobile-9437255400. Details of the EOI is also available in the website: www.rd.odisha.gov.in.
Sd./- Chief Engineer, PMGSY
OIPR-25123/11/0026/2223

OFFICE OF THE
PURI MUNICIPALITY, PURI
No. 1323 Dt.13.02.2023
NOTICE INVITING TENDER
No. C-2460: Sealed tender in conformity with the Detailed Tender Call Notice are invited from intending firms/agencies for procurement and management of DRY Waste (Cloth) under Swachha Bharat Mission (Urban) in Puri Municipality, Puri. The bid documents must reach Office of the Executive Officer, Puri Municipality, Puri through Registered Post/ Speed Post upto 05.00 P.M. of Dt.27.02.2023. The tender documents can be downloaded from the website www.purimunicipality.nic.in. The tender document cost, copy of PAN & GST shall be submitted along with the bid document. The tenders will be opened at 11.00 A.M. on Dt.28.02.2023 in presence of bidders or their authorized representatives, who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.
Sd./- Executive Officer
Puri Municipality, Puri
OIPR-13159/11/0054/2223

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା, ଜିଲ୍ଲା: ସୁବର୍ଣ୍ଣପୁର
NOTIFIED AREA COUNCIL, TARBHA
Dist.: Subarnapur, Odisha - 767016, nactarbha@gmail.com
No. 327 Date: 10.02.2023
QUOTATION CALL NOTICE
No. C-2454: Sealed quotations are invited by Executive Officer, NAC Tarbha from the Govt. Empanelled Consultancy/Firms having valid Registration, GSTIN, PAN and Empanelled Certificate for Survey, Investigation and Preparation of DPR including Design for Rejuvenation for Construction of Weekly Market, Kine House, Old Age Home, Food Court, Mini Stadium etc. in Tarbha NAC. The DPR should be submitted in quadruplicate with all drawing, desing for approval. The Consultant/Firm will have to prepare the DTCN etc. for invitation of tender. The rate should be quoted exclusive of all taxes but, inclusive of supervision of works as and when required on payment of charges for visit which should be quoted separately. The bidders have to submit EMD of Rs.10000/- (Ten Thousand) only in shpae of DD/Bankers Cheque drawn in favour of Executive Officer, NAC Tarbha with quotation paper. The quotation should reach to this office on or before Dt.27.02.2023 within 04.00 P.M. through Speed Post/Regd. Post/Courier/Box Drop. The quotations shall be opened on Dt.28.02.2023 at 11.30 A.M. in presence of the bidders or their authorized representative. The quotation reached after the stipulated period shall not be entertained. The authority shall not be held responsible for any Postal/Courier delay. The authority reserves the right to reject/cancel any or all the quotation without assigning any reason thereof. Any conditional quotation shall not be accepted by the authority.
Sd./- Executive Officer, N.A.C., Tarbha
OIPR-13199/11/0023/2223

# ମଇଦାନ

ମଇଦାନ ଅର୍ଥାତ୍ ପଡ଼ିଆ–ଏହା ଅନେକ ସ୍ମୃତିର ମୂକସାକ୍ଷୀ। ବିଭିନ୍ନ ଖେଳକୁଦରେ ଅଂଶଗ୍ରହଣ କରି ମଇଦାନରେ ଖେଳାଳିମାନେ ସାଉଁଟିଥାଆନ୍ତି ଅନେକ ଅଭୁଲା ସ୍ମୃତି। କେବଳ ଖେଳାଳି ନୁହନ୍ତି, ପ୍ରଶିକ୍ଷକ ବା କୋଚ୍‌ମାନେ ମଧ୍ୟ ନିଜର ପୁରୁଣା ଅନୁଭୂତିକୁ ମନେପକେଇ ଥାଆନ୍ତି। ଭାରତୀୟ ଫୁଟ୍‌ବଲ୍ କୋଚ୍‌ଙ୍କ ମଧ୍ୟରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ ସୟିଦ ଅବଦୁଲ୍ ରହିମ୍। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଥିଲା। ସୟିଦଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ହିନ୍ଦୀ ସିନେମା 'ମଇଦାନ୍'। ଫିଲ୍ମଟି ଚଳିତ ମାସ ୧୭ ତାରିଖ ଅର୍ଥାତ୍ ଆସନ୍ତାକାଲି ପରଦା ଉପରକୁ ଆସିବାର ଯୋଜନା ରହିଛି। ଏଥିରେ ଏହି ପ୍ରଶିକ୍ଷକ ଭୂମିକାରେ ଅଭିନୟ କରୁଛନ୍ତି ଅଜୟ ଦେବଗନ। ତାଙ୍କର ଧର୍ମପତ୍ନୀ ସାଜିଛନ୍ତି ପ୍ରିୟାମଣି। ଏମାନଙ୍କ ବ୍ୟତୀତ ନିତାଂଶି ଗୋୟଲ, ଆର୍ଯ୍ୟନ ଭୌମିକ, ଗଜରାଜ ରାଓ, ରୁଦ୍ରାଣୀ ଘୋଷ୍, ରୋହିତ ମଣ୍ଡଳ, ରିଷଭ ଯୋଶୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଜି ଷ୍ଟୁଡିଓ, ବୋନି କପୁର, ଅରୁନଭା ଜୟ ସେନଗୁପ୍ତା ଏବଂ ଆକାଶ ଚାୱଲା। ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ଶର୍ମା। ଗୀତଗୁଡ଼ିକୁ ସ୍ୱରାୟିତ କରିଛନ୍ତି ବିଶିଷ୍ଟ ସ୍ୱରକାର ଏ.ଆର୍. ରହେମନ୍।


'ମଇଦାନ' ଫିଲ୍ମରେ ଅଜୟ ଦେବଗନ

ନୂଆ ସିନେମା

# ପ୍ରଥା

କେବଳ ଏବେ ନୁହେଁ କାହିଁ କେବେ ଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ଭିତ୍ତି କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ସନଲିସା ପଟେଲଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସନଲିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଉକ୍ତ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ସ୍ୱରାଜ ବାରିକ, ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍ରନ କୌର। ଏମାନଙ୍କ ବ୍ୟତୀତ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତିଶ ପଟେଲ ଓ ଇଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥି ମଧ୍ୟ କାଷ୍ଟିଂରେ ଅଛନ୍ତି।
ଏହି ଫିଲ୍ମରେ ସ୍ୱରାଜ ଏକ ନୂତନ ଧରଣର ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ପୁଣି ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଚଳଚ୍ଚିତ୍ରଟିର ଶୁଟିଂ କୋରାପୁଟ, ଦିଲ୍ଲୀ ଏବଂ ରାଜସ୍ଥାନରେ ହେବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉ ଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।


'ପ୍ରଥା' ଫିଲ୍ମରେ ସ୍ୱରାଜ–ଶୀତଲ

# ହଁ-ନା'ର ଖେଳ


ସାରା

ସାରା ଅଲ୍ଲୀ ଖାଁ ଏବେ ଦୋ'ଛକିରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ୨–୩ଟି ନୂଆ ବଲିଉଡ୍ ଅଫରକୁ ସେ ତର୍ଜମା କରୁଛନ୍ତି। ଠିକ୍ ସେତିକିବେଳକୁ ତାଙ୍କୁ ଗୋଟିଏ ନୂଆ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସୁଯୋଗ ମିଳିଛି। ଆଉ ଏହି ସମୟରେ ସେ କ'ଣ କରିବେ ଠିକ୍ ନିଷ୍ପତ୍ତି ନେଇପାରୁନାହାନ୍ତି। କେତେବେଳେ ଭାବୁଛନ୍ତି ଡିଜିଟାଲ ଦୁନିଆରେ ପାଦ ଦେବିନି, ପୁଣି ଚିନ୍ତା କରୁଛନ୍ତି, ୱେବ୍ ସିରିଜ୍‌ରେ ଅଭିନୟ କଲେ ଦର୍ଶକଙ୍କ ସହ ସେ ଆହୁରି ନିକଟତର ହୋଇପାରିବେ। ଏ ନେଇ ସୈଫ ତନୟା କହନ୍ତି, 'ପ୍ରଥମ କଥା ହେଲା, ଏବେ ମୁଁ ମୋ ଆକ୍ଟିଂ କ୍ୟାରିୟରକୁ ନେଇ ସିରିୟସ ଅଛି। ନିକଟରେ ମୋତେ ରହସ୍ୟ ରୋମାଞ୍ଚକୁ ଆଧାର କରି ନିର୍ମିତ ହେବାକୁ ଯାଉଥିବା ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଅଫର ମିଳୁଛି। ହେଲେ ଏହି ସୁଯୋଗକୁ ହଁ ଭରିବି ନା ହାତଛଡ଼ା କରିବି ଜାଣିପାରୁନାହିଁ। କାରଣ ଯଦି ମୋତେ ମିଳିଥିବା ୨–୩ଟି ନୂଆ ହିନ୍ଦୀ ସିନେମାର ଶୁଟିଂ ଆରମ୍ଭ ହୋଇଗଲା, ତେବେ ମୋ ହାତରେ ଡେଟ୍ ରହିବ ନାହିଁ। ତାହା ହିଁ ମୋତେ ଅଡୁଆରେ ପକାଇ ଦେଇଛି।' ତେବେ ଏ ନେଇ ସାରା କି ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ..

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପରିଷ୍କାର ପାଇଁ ଉଚ୍ଚତମ ନ୍ୟାୟାଳୟ ମୌଳିକ ଓଡ଼ିଆ ଚଳଚ୍ଚିତ୍ରକୁ ଗୁରୁତ୍ୱ ଦେଇ ରାୟ ପ୍ରକାଶ କଲେ। କିନ୍ତୁ ସଂସ୍କୃତି ବିଭାଗ ଅଧୀନରେ ଥିବା ପୁରସ୍କାର ଦିଗରେ ଗୁରୁତ୍ୱ ଦେଇ ପରବର୍ତ୍ତୀ ପୁରସ୍କାର ସ୍ୱଚ୍ଛତା ନେଇ କାର୍ଯ୍ୟ କରିବା ବିଜ୍ଞତାର କାର୍ଯ୍ୟ ହେବ। ଉତ୍ତାରୁ ଚଳଚ୍ଚିତ୍ର ନିର୍ମାଣ କରି ଭୁଲ୍ ତଥ୍ୟ ସତ୍ୟପାଠରେ ପ୍ରଯୋଜନା ସଂସ୍ଥା ପ୍ରଦାନ କଲେ ସେଥିପାଇଁ ସଂସ୍କୃତି ବିଭାଗ ଦଣ୍ଡିତ କରିବା ଦିଗରେ ଗୁରୁତ୍ୱ ଦେବ। କେବଳ ପ୍ରଯୋଜକ ନୁହେଁ, କାହାଣୀକାର ଓ ନିର୍ଦ୍ଦେଶକଙ୍କୁ ମଧ୍ୟ ଏହି ଦଣ୍ଡରେ ସାମିଲ କରିବା ନ୍ୟାୟୋଚିତ ପଦକ୍ଷେପ ହେବ। ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ସଂସ୍କାର ଦିଗରେ ନିର୍ଦ୍ଦେଶକ ବବି ଇସ୍‌ଲାମ୍ ଯେଉଁ ନ୍ୟାୟାଳୟର ଆଶ୍ରୟ ନେଇ ସଫଳ ହେଲେ ତାହା ସିନେ–ସମାଜ ପାଇଁ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରିବ। ପୁରସ୍କାର ନିୟମରେ ମୌଳିକ କଥାକୁ ଅଗ୍ରାଧିକାର ଦେବା ପାଇଁ ନିୟମ ରହିଛି। ସମ୍ପ୍ରତି 'ଛବିରାଣୀ' ସିନେମାକୁ ବାଦ୍ ଦେବା ଘଟଣାରେ ନିର୍ଦ୍ଦେଶକ ବବି ଇସ୍‌ଲାମ୍ ପୁରସ୍କାର ଘୋଷଣା ପରେ ଯେଉଁ ପଦକ୍ଷେପ ନେଲେ ତାହା ସ୍ୱାଗତଯୋଗ୍ୟ।
ପୁରସ୍କାର ପରିଷ୍କାର ହେଲେ କେହି ଆଙ୍ଗୁଠି ଉଠାଇବେ ନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ଉତ୍ସବ କରିବା ଅନୁଚିତ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସିନେମା ସହ ଜଡ଼ିତ ସଂସ୍ଥା କେବେ ବି ଏହି ପୁରସ୍କାର ଆୟୋଜନ କରିବା କଥା ନୁହେଁ, ଯାହା ସିନେପ୍ରେମୀଙ୍କୁ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ତୃତୀୟ ପକ୍ଷ ଅର୍ଥାତ୍ ସଂସ୍କୃତି ବିଭାଗ ୧୯୭୩ ମସିହାଠାରୁ ଏଯାବତ୍ କିପରି ଉତ୍ସବ କରୁଥିଲା। ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍ଏଫ୍‌ଡିସି)



ଚଳଚ୍ଚିତ୍ର ପୁରସ୍କାର କରିବା କଥା। କିନ୍ତୁ ତାହା କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କାହିଁକି ଏଯାବତ୍ ହୋଇଆସୁଅଛି।
ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅନେକ ଅଧ୍ୟକ୍ଷ ଗଲେଣି। କେବଳ ଷ୍ଟୁଡିଓରେ କୋଠା କେତୋଟି କରିଦେଲେ ଷ୍ଟୁଡିଓର ଉନ୍ନତି ହୋଇ ନ ଥାଏ। ରାଜ୍ୟରେ ପ୍ରେକ୍ଷାଳୟ ଅଭାବ ପୂରଣ କରିବା, ସିନେମା ପ୍ରଦର୍ଶନ ପାଇଁ ନୂଆ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଓଡ଼ିଆ ସିନେ ସମାଜ ପାଇଁ ପ୍ରଯୋଜକମାନେ ଏକତ୍ର ହେବା ଉଚିତ୍। ଭଲ କାମ ଦିଗରେ ଉଦ୍ୟମ ହେଉ। ଶସ୍ତା ଲୋକପ୍ରିୟତା ପାଇଁ ହୀନସ୍ତା ହେବା କେତେଦୂର ଠିକ୍ ତାହା ବିଚାରଯୋଗ୍ୟ। ଓଡ଼ିଆ ସିନେମାର ଅବସ୍ଥା ବର୍ତ୍ତମାନ ନିଶ୍ଚୟ ଚିନ୍ତାଜନକ। ଆଗାମୀ ଦିନରେ ସିନେ–ସମାଜ ପାଇଁ କେବଳ ଶୃଙ୍ଖଳା ଘୋଷଣା କରିବା ବ୍ୟତୀତ ତାହାର ବାସ୍ତବ ରୂପାୟନ ହେବା ନିହାତି ଦରକାର।

–ଦିଲୀପ ହାଲି, ବଡ଼ଗଡ଼
ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ସଜବାଜ ଅନ୍ତରାଳେ..

ରକୁଲ୍ ପ୍ରୀତ ସିଂଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି, ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ରକୁଲ୍ କୁହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ୍ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ ରକୁଲ୍‌ଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।


ରକୁଲ୍

ପରଦା ପଛରେ

# କଳାତ୍ମକ ସିନେମାର ଚାହିଦା ରହିଛି

ମନୋରଞ୍ଜନର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଉଛି ସିନେମା। ଏହାକୁ ନିର୍ମାଣ କରିବା ସମୟରେ ସବୁ ଦିଗ ପ୍ରତି ଗୁରୁତ୍ୱ ଦେବା ନିହାତି ଦରକାର। ନ ହେଲେ ତାହା ଦର୍ଶକଙ୍କ ମନ ଜିଣିପାରିବ ନାହିଁ। ଏବେ ଯେତେ କମର୍ସିଆଲ ଫିଲ୍ମ ନିର୍ମାଣ ହେଲେ ମଧ୍ୟ କଳାତ୍ମକ ଚଳଚ୍ଚିତ୍ରର ଚାହିଦା ରହିଛି ବୋଲି କହନ୍ତି ପ୍ରଯୋଜକ କୃଷ୍ଣଚନ୍ଦ୍ର ଦାଶ। ନିକଟରେ ତାଙ୍କ ଦ୍ୱାରା ପ୍ରସ୍ତୁତ ତଥା ସୁଦୀପ ସରକାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟାଇଟଲ ରହିଛି 'ଦ ଗିଫ୍ଟ'। ନାଗାଲାଣ୍ଡରେ ଅନୁଷ୍ଠିତ ନର୍ଥ ଇଷ୍ଟ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଝାଡ଼ଖଣ୍ଡ ଫିଲ୍ମ ଫେଷ୍ଟିଭାଲ, ଏବଂ ଉତ୍ତର ପ୍ରଦେଶର ମିରଟ ସହରରେ ଆୟୋଜିତ ଫିଲ୍ମ ଫେଷ୍ଟିଭାଲରେ ଏହି ଫିଲ୍ମଟି ପୁରସ୍କୃତ ହୋଇଛି। ଉକ୍ତ ଚିତ୍ରର ବିଭିନ୍ନ ଭୂମିକାରେ ଅନିନ୍ଦ୍ର ଚାଟାର୍ଜୀ, ଚୁମ୍ପା ଘୋଷ, ଅଭିଷେକ ଚାଟାର୍ଜୀ, ଦେବୀକା ମୁଖାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି। ନୟାଗଡ଼ ଜିଲା ସରଣକୁଳ ଅନ୍ତର୍ଗତ ଚଢ଼େୟାପଲ୍ଲୀ ଗ୍ରାମରେ ଜନ୍ମିତ କୃଷ୍ଣଚନ୍ଦ୍ରଙ୍କ ଦୁଇ କନ୍ୟା ସମନ୍ୱିତା ଏବଂ ସୁଚିସ୍ମିତା ଏହାର ଉପସ୍ଥାପନା ଦାୟିତ୍ୱ ତୁଲାଇଛନ୍ତି।


କୃଷ୍ଣଚନ୍ଦ୍ର

# କଥା ନିୟତିର

ଆମେ ନିଜକୁ ଯେତେ ଦୃଢ଼ ତଥା ବଳବାନ୍ ଭାବିଲେ ମଧ୍ୟ ଆମର ଡୋରି ରହିଛି ନିୟତି ହାତରେ। ତାହାର ପଶାପାଲିରେ ମଣିଷ ବନ୍ଧା ହୋଇଛି। ଏଭଳି ଏକ କାହାଣୀକୁ ନେଇ ଅଭିନେତା–କମ୍–ପ୍ରଯୋଜକ ସମରେଶ ରାଉତରାୟ ପ୍ରସ୍ତୁତ କରିଛନ୍ତି ଭିନ୍ନ ସ୍ୱାଦର ଓଡ଼ିଆ ସିନେମା 'ନିୟତି'। ଏହାର ଟିଜର ନିକଟରେ ଓଡ଼ିଆୱାନ୍ ୟୁଟ୍ୟୁବ୍ ଚ୍ୟାନେଲରେ ରିଲିଜ ହୋଇ ବେଶ୍ ଭାଇରାଲ୍ ହୋଇଛି। ପାରିବାରିକ ଦାୟିତ୍ୱକୁ ସୂଚାରୁରୂପରେ ନିଭାଉଥିବା ମଣିଷ କେମିତି ସମୟର ପଶାପାଲିରେ ମୋହରା ସାଜୁଛି, କେମିତି ଅପରାଧିକ କାର୍ଯ୍ୟ ଘଟାଉଛି, ତାହାକୁ ନେଇ କାହାଣୀ ଗତିଶୀଳ। ଚିତ୍ରଟିରେ ସାନୁ, ଦିବ୍ୟା, ସମରେଶ, କେକେ, ବିଶାନ୍, ଅଙ୍କିତ ଉଦିତ ଗୁରୁ, ଅଭିଜିତ, ପୁପୁଲ, ଶୁଭାଂଶୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସମରେଶଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ଶ୍ରୀଚନ୍ଦନ। ଫିଲ୍ମର ଗୀତକୁ ସ୍ୱରରେ ସଜାଇଛନ୍ତି ଅନୁରାଗ ପଟ୍ଟନାୟକ। ଚଳଚ୍ଚିତ୍ରଟି ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି।


ଦିବ୍ୟା–ସାନୁ

ଅପେରା ହାଲଚାଲ

# ନିଆରା ଆନାଉନ୍ସର

ପ୍ରଥମେ ରେକର୍ଡ ଡ୍ୟାନ୍ସ ଜରିଆରେ ସେ ଜଲିଉଡ୍‌ରେ ପାଦ ଥାପିଥିଲେ। ଆଉ ଏବେ ଦୀର୍ଘ ୨୪ ବର୍ଷ ଧରି ସେ ଏହି କାମରେ ନିଜକୁ ନିୟୋଜିତ ରଖିଛନ୍ତି। ସେ ହେଲେ ଯାତ୍ରା ଜଗତର ନିଆରା ଆନାଉନ୍ସର ଭାବରେ ପରିଚିତ ତଥା ତୁଳସୀ ଗଣନାଟ୍ୟରେ କାର୍ଯ୍ୟରତ କୁନା ଭାଇ ଓରଫ ହରିବନ୍ଧୁ ଜେନା। ନିଜ ସମ୍ପର୍କରେ ସେ କହନ୍ତି, 'ନାଟକଟିକୁ ପ୍ରଚାର ମାଧ୍ୟମରେ ହାଇଲାଇଟ୍ କରିବା ଛୋଟିଆ କଥା ନୁହେଁ। ନିଜସ୍ୱ ପ୍ରଚାର ଶୈଳୀକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ଏଥର ଖଣ୍ଡଗିରି ମେଳାରେ ତୁଳସୀ ଗଣନାଟ୍ୟର ରେକର୍ଡ ସୃଷ୍ଟିକାରୀ ନାଟକ 'ଅଧା ରାତିର ସାଥୀ'ର ପ୍ରଚାର ମୋର ସବୁଦିନ ମନେ ରହିବ। ନାଟକଟି ଏତେ ଦର୍ଶକାଦୃତ ହେଲା ଯେ ତାହାକୁ ଭିନ୍ନ ଢଙ୍ଗରେ ପ୍ରଚାର କରିବାକୁ ସତେ ଯେମିତି ମୋ ମନରେ ସ୍ୱତଃ ଆଗ୍ରହ ସୃଷ୍ଟି ହୋଇଥିଲା। ଜଣେ ଆନାଉନ୍ସର ଭାବରେ ମୋତେ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ତାହାର ଋଣ ମୁଁ କେବେ ସୁଝି ପାରିବି ନାହିଁ। କେବଳ ଜଣେ ପ୍ରଚାରକ ନୁହଁନ୍ତି 'ମୁଁ ସେହି ଭଦ୍ରକିଆ ଟୋକା', 'ବଡ଼ ଦାଣ୍ଡର ଭିକାରି' (ରଙ୍ଗମହଲ) ଏବଂ 'ସରୁନି ଗପ କି ସରୁନି ପାପ'ରେ ଅଭିନୟ କରି ନିଜକୁ ଜଣେ ଅଭିନେତା ଭାବରେ ମଧ୍ୟ ପରିଚିତ କରାଇପାରିଛନ୍ତି କୁନା।


କୁନା

# ଦୀପିକା ମନା କରି ନ ଥିଲେ..

ଯେତେ ବେଳେ ମାଲୟାଲମ ଅଭିନେତ୍ରୀ ମାଳବିକା ମୋହନାନଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ଆଉ ଫିଲ୍ମଟି ଥିଲା 'ବେୟଣ୍ଡ ଦ କ୍ଲାଉଡ୍'। ମାଜିଦ ମାଜିଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଇଶାନ ଖଟ୍ଟରଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ସେନେଇ ବେଶ୍ ତର୍ଜମା ହୋଇଥିଲା। ଏ ନେଇ ନିର୍ଦ୍ଦେଶକଙ୍କର ପ୍ରଥମ ଚଏସ୍ ଥିଲେ ଦୀପିକା ପାଦୁକୋନ୍। କିନ୍ତୁ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ତା'ପରେ ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ମାଳବିକାଙ୍କୁ ଯୋଗାଯୋଗ କରାଯାଇଥିଲା। ଆଉ ସେ ଏହି ଅଫରଟିକୁ ଗ୍ରହଣ କରିଥିଲେ। ସେତେବେଳେ ଯଦି ଦୀପିକା ଏଭଳି ସୁଯୋଗକୁ ହାତଛଡ଼ା କରି ନ ଥାନ୍ତେ ତାହାଲେ ହୁଏତ ପରିସ୍ଥିତି ଅଲଗା ହୋଇଥାଆନ୍ତା। ୨୦୧୭ରେ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇ ନ ଥିଲା। ଇତିମଧ୍ୟରେ ଛଅବର୍ଷ ବିତିଯାଇଥିଲେ ମଧ୍ୟ ମାଳବିକାଙ୍କୁ ଗୋଟିଏ ହେଲେ ହିନ୍ଦୀ ଫିଲ୍ମ ଅଫର ମିଳିନାହିଁ। କେବଳ ମାଲୟାଲମ ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି ଏହି ଅଭିନେତ୍ରୀ। ୨୦୧୩ରେ ତାଙ୍କୁ ମାଲୟାଲମ ଫିଲ୍ମ 'ପଟ୍ଟମ ପୋଲେ'ରେ ବ୍ରେକ୍ ମିଳିଥିଲା। ଏଥିରୁ ସଫଳତା ପାଇବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ।


ମାଳବିକା



ଗୁରୁଡିଝାଟିଆର କପୁରସିଂହଠାରେ ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ ଏକ୍ସିଲେନ୍ସି ଫର କ୍ରିକେଟ ଉଦ୍‌ଘାଟନୀ ଅବସରରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା ଓ ଅନ୍ୟ ଅତିଥିମାନେ।

# ‘ଓଡ଼ିଶାରେ କ୍ରୀଡ଼ା, କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତ ଉଜ୍ଜ୍ୱଳ’

**କଟକ ଅଫିସ୍/ଖୁଣ୍ଟୁଣି (ଡି.ଏନ.ଏ)୧୫।୨**

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଫର୍ କ୍ରିକେଟ ବୁଧବାର ଆଠଗଡ ଗୁରୁଡିଝାଟିଆର କପୁରସିଂହଠାରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା ଯୋଗଦେଇ ପୂର୍ବଭାରତର ଏହି ସର୍ବବୃହତ୍ ଘରୋଇ ଆବାସିକ ଏକାଡେମି କୁହାଯାଉଥିବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏକାଡେମିକୁ ଉଦ୍‌ଘାଟନ କରିବା ଅବସରରେ ରାଇନା ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ହକି ସମେତ ଅନ୍ୟ କ୍ରୀଡ଼ାର ବିକାଶ ହେଉଛି। ଏମ୍‌ଜିଏମ୍ ଏକାଡେମି ସ୍ଥାନୀୟ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ଏଭଳି ବ୍ୟବସ୍ଥା ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିପାରିବ ବୋଲି ସେ କହିଥିଲେ।

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ଅଧ୍ୟକ୍ଷ ତଥା ଓଡିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉକ୍ତ ଏକାଡେମୀ ଆଠଗଡ଼ ମାଟିର ଗର୍ବ ଓ ଗୌରବକୁ ଦ୍ୱିଗୁଣିତ କରିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡ଼ିଶା ସ୍ପୋର୍ଟ୍ସ ହବ୍ ଭାବେ ପରିଗଣିତ ହେଲାଣି। ଏମ୍‌ଜିଏମ୍ ଏକାଡେମି ଭଳି ଏକାଧିକ ଘରୋଇ ଏକାଡେମି ଖୋଲିଲେ ରାଜ୍ୟରେ ଅନେକ ପ୍ରତିଭା ଆଗକୁ ଆସିପାରିବେ ବୋଲି ସେ କହିଥିଲେ। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଉତ୍କର୍ଷର ଶୀର୍ଷରେ ପହଞ୍ଚିଛି ବୋଲି କହିଥିଲେ। ଉତ୍ସବର ଅନ୍ୟତମ ଆକର୍ଷଣ ଥିଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଆଇପିଏଲ ଗଭର୍ଣ୍ଣିଂ କାଉନ୍ସିଲ ସଦସ୍ୟ ପ୍ରଜ୍ଞାନ ଓଝା। ସେ କହିଥିଲେ ଯେ, ଓଡ଼ିଶାରୁ ଖେଳାଳିମାନେ କାହିଁକି ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ପାଇପାରୁନାହାନ୍ତି ତାହାକୁ ନେଇ ସବୁବେଳେ ତାଙ୍କୁ ପ୍ରଶ୍ନ କରାଯାଏ। ଯାହାର ଉତ୍ତର ସେ ଦେଇପାରନ୍ତି ନାହିଁ। ହେଲେ ଗତ କିଛି ବର୍ଷ ଭିତରେ ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଯେଉଁଭଳି ଭାବେ ହେଉଛି ତଦ୍ୱାରା ଖୁବ୍‌ଶୀଘ୍ର ଏକାଧିକ ପ୍ରତିଭା ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ପାଇବେ। ଏଣୁ ଉପରୋକ୍ତ ଅସମାହିତ ପ୍ରଶ୍ନର ଉତ୍ତର ମିଳିସାରିଲାଣି ବୋଲି ପ୍ରଜ୍ଞାନ ନିଜ ବକ୍ତବ୍ୟରେ କହିଥିଲେ। ବିଧାୟକ ରାଜେନ୍ଦ୍ର ପ୍ରସାଦ ସାହୁ, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ରାଜ୍ୟର ଅନେକ ବରିଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ସଙ୍ଗଠକ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଓଡ଼ିଶା ୪ ଉଇକେଟରେ ବିଜୟ ହାସଲ କରିଥିଲା।

ସୂଚନା ଥାଉକି ଏହି କେନ୍ଦ୍ରଟିକୁ ୩୦ ଏକର ଜମିରେ ନିର୍ମାଣ କରାଯାଉଛି। କ୍ରିକେଟ ଗ୍ରାଉଣ୍ଡ ନିର୍ମାଣ ଶେଷ ହୋଇଥିବା ବେଳେ ଆସନ୍ତା ୬ ମାସ ମଧ୍ୟରେ ଏଠାରେ ଇନ୍‌ଡୋର ବ୍ୟବସ୍ଥା ଓ ଖେଳାଳିଙ୍କ ରହଣି ବ୍ୟବସ୍ଥା କରାଯିବ। ଏହି ପ୍ରକଳ୍ପର ବଜେଟ ୪୦କୋଟି ଟଙ୍କା ରହିଛି। ଏଠାରେ ଏକା ସାଙ୍ଗରେ ୧୦୦ ପିଲା କ୍ରିକେଟ ସମେତ ଅନ୍ୟ କ୍ରୀଡାର ପ୍ରଶିକ୍ଷଣ ନେଇପାରିବେ ବୋଲି ସୂଚନା ମିଳିଛି।

## ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ ଏକ୍ସିଲେନ୍ସି ଫର କ୍ରିକେଟ ଉଦ୍‌ଘାଟିତ



ପ୍ରଜ୍ଞାନ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାରବାଟୀରେ ବିଶ୍ୱକପ୍ ମ୍ୟାଚ ହେବନି

**କଟକ ଅଫିସ, ୧୫।୨**

ଆସନ୍ତା ଅକ୍ଟୋବର ୧୦ରୁ ଆରମ୍ଭ ହେବାକୁଥିବା ପୁରୁଷ କ୍ରିକେଟ ବିଶ୍ୱକପ୍ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ହେବ ନାହିଁ। ଅନ୍ତର୍ଜାତୀୟ ବିମାନ ସେବା ସୁବିଧା ନ ଥିବାରୁ ଏଠାରେ ମ୍ୟାଚ୍ ହୋଇପାରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ରାଜ୍ୟର ଏହି ଐତିହାସିକ କ୍ରିକେଟ ଭେନ୍ୟୁରେ ୨୦୨୩ ବିଶ୍ୱକପ୍‌ର ଏକ ମ୍ୟାଚ୍ ଖେଳାଯିବ ବୋଲି ଆଶା ରହିଥିଲା। ଏ ସଂକ୍ରାନ୍ତରେ ପୂର୍ବରୁ ମଧ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ବିସିସିଆଇର ଏଭଳି ନିଷ୍ପତ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହକି ବିଶ୍ୱକପ ପାଇଁ ବିଶ୍ୱର ୧୬ଟି ଦେଶ ଭାଗ ନେଇଥିଲେ। ରାଉରକେଲା ଏବଂ ଭୁବନେଶ୍ୱରରେ ସବୁ ମ୍ୟାଚ ଖେଳାଗଲା। ତେବେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବା କ୍ଷେତ୍ରରେ ବାରବାଟୀର ପୁରୁଣା ରେକର୍ଡ ରହିଛି। ବିଗତ ବର୍ଷଗୁଡିକ ମଧ୍ୟରେ ମହିଳା ଓ ପୁରୁଷକୁ ମିଶାଇ ଅନେକ ବିଶ୍ୱକପ୍ ମ୍ୟାଚ୍ ବାରବାଟୀରେ ହୋଇଛି। ତେବେ ବିସିସିଆଇର ଏଭଳି ନିଷ୍ପତ୍ତି କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛି। ଏନେଇ ଗୁରୁଡିଝାଟିଆର କପୁରସିଂହଠାରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଫର୍ କ୍ରିକେଟର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ନିଜ ଅଭିଭାଷଣ ଭିତରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାରବାଟୀ ଷ୍ଟାଡିୟମକୁ ବିଶ୍ୱକପ୍ ମ୍ୟାଚ୍ ଦେବା ନିମନ୍ତେ ଓସିଏ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟରେ ପ୍ରସ୍ତାବ ଦିଆଯାଇଥିଲା। ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ହେଲେ ବିଭିନ୍ନ କାରଣ ଦର୍ଶାଇ ବାରବାଟୀରେ ମ୍ୟାଚ୍ ହୋଇପାରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ବିମାନ ସେବା ନ ଥିବାରୁ ଏଠାରେ ମ୍ୟାଚ୍ ହୋଇପାରିବ ନାହିଁ ବୋଲି କହୁଛନ୍ତି ବିସିସିଆଇର ଅଧିକାରୀ। ସଫଳତାର ସହ

## ବିସିସିଆଇର ପାତରଅନ୍ତର

ଦୁଇଥର ହକି ବିଶ୍ୱକପ୍ ଆୟୋଜନ କରି ସାରିଛି ଓଡ଼ିଶା। ତଥାପି ବିସିସିଆଇର ଏଭଳି ନୀତି ରାଜ୍ୟର କ୍ରିକେଟପ୍ରେମୀଙ୍କୁ ନିରାଶ କରିବ ବୋଲି ସଞ୍ଜୟ କହିଛନ୍ତି।

ଚଳିତ ବର୍ଷ ଏହି ବିଶ୍ୱକପ୍‌ର ଆୟୋଜକ ଭାରତ ରହିଛି। ଦେଶର ବିଭିନ୍ନ ସ୍ଥାନରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ହେଲେ ବାରବାଟୀରେ ମ୍ୟାଚ୍ ସୁଯୋଗ ନାହିଁ। ୧୯୮୭ରେ ଏଠାରେ ପ୍ରଥମଥର ନିମନ୍ତେ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମ୍ୟାଚ ଖେଳିଥିଲେ। ଏହାପରେ ୧୯୯୬ରେ ଭାରତ ଓ କେନିୟାକୁ ନେଇ ବାରବାଟୀରେ ବିଶ୍ୱକପ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୩ରେ ମହିଳା କ୍ରିକେଟ ବିଶ୍ୱକପ୍ ଆୟୋଜନ ହୋଇଥିଲା।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.

**ORBIT MOTORS**
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.

**LEGEND CARS**
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.

*Offer includes consumer offer, exchange bonus and institutional or rural offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 28th February, 2023.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ